READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର
RNI Regd. No. ODIODI/2017/71524



ବର୍ଷ-୫ ସଂଖ୍ୟା-୪୩ ୦୮ - ୧୪ ନଭେମ୍ବର, ୨୦୨୧ ଭୁବନେଶ୍ୱର Monday Weekly VOL-5 ISSUE-43 08th - 14th NOVEMBER, 2021 BHUBANESWAR ₹ 5/- (8 Pages)

## ଜିଲ୍ଲା ପରିଷଦ ଅଧ୍ୟକ୍ଷ ସଂରକ୍ଷଣ ତାଲିକା ଚୂଡ଼ାନ୍ତ

**ଭୁବନେଶ୍ୱର :** ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦ ପାଇଁ ରାଜ୍ୟ ସରକାର ଚୂଡ଼ାନ୍ତ ସଂରକ୍ଷଣ ତାଲିକା ପ୍ରକାଶ କରିଛନ୍ତି। ଚିଠା ତାଲିକାରେ ୧୨ଟି ଜିଲ୍ଲାର ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦବୀକୁ ଅଣସଂରକ୍ଷିତ ବର୍ଗରେ ରଖିଥିବା ରାଜ୍ୟ ସରକାର

### ୪ ଜିଲ୍ଲାରେ ସଂରକ୍ଷଣ ସ୍ଥିତି ବଦଳିଛି

ଚୂଡ଼ାନ୍ତ ତାଲିକାରେ ୬ଟିକୁ ଆସନକୁ କୌଣସି ବର୍ଗ ପାଇଁ ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖିତ (ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ପଛୁଆବର୍ଗ କିମ୍ବା ଅଣସଂରକ୍ଷିତ ବର୍ଗ) ନରଖିବାକୁ ନେଇ ସସପେନ୍ସ ସୃଷ୍ଟି ହୋଇଛି। ଅବଶ୍ୟ ପଂଚାୟତିରାଜ ଆଇନ ଅନୁସାରେ ୫୦ ପ୍ରତିଶତ (୧୫ଟି ଜିଲ୍ଲାର) ଅଧ୍ୟକ୍ଷ ପଦବୀକୁ ମହିଳାଙ୍କ ନିମନ୍ତେ



ସଂରକ୍ଷଣ କରିଛନ୍ତି। ରାଜ୍ୟ ପଂଚାୟତିରାଜ ବିଭାଗ ପକ୍ଷରୁ ଜାରି ଚୂଡ଼ାନ୍ତ ସଂରକ୍ଷଣ ତାଲିକା ଅନୁସାରେ, ପଛୁଆ ବର୍ଗ ପାଇଁ ୪ଟି ଜିଲ୍ଲା ଯଥା- ଅନୁଗୋଳ, ଖୋର୍ଦ୍ଧା, ନୟାଗଡ଼ ଓ ସୋନପୁର, ଅନୁସୂଚିତ ଜାତି ବର୍ଗ ପାଇଁ କଟକ, ଜଗତସିଂହପୁର, ଭଦ୍ରକ ଓ ଯାଜପୁର ଏବଂ ଅନୁସୂଚିତ ଜନଜାତି ବର୍ଗ ପାଇଁ କନ୍ଧମାଳ, କେନ୍ଦୁଝର, କୋରାପୁଟ, ଗଜପତି,ନବରଙ୍ଗପୁର, ବାଲେଶ୍ୱର, ମୟୂରଭଞ୍ଜ, ମାଲକାନଗିରି, ରାୟଗଡ଼ା ଓ ସୁନ୍ଦରଗଡ଼ ଜିଲ୍ଲା ସଂରକ୍ଷିତ ରହିଛି। ସେହିପରି ଅଣସଂରକ୍ଷିତ ବର୍ଗରେ କେନ୍ଦ୍ରାପଡ଼ା, ଝାରସୁଗୁଡ଼ା, ଦେବଗଡ଼, ପୁରୀ,ବଲାଙ୍ଗୀର ଓ ସମ୍ବଲପୁର ଜିଲ୍ଲାର ଅଧ୍ୟକ୍ଷ ପଦବୀ ରହିଛି। ମାତ୍ର ଯେଉଁ ୬ଟି ଜିଲ୍ଲାକୁ ନେଇ ସସପେନ୍ସ ଦେଖାଦେଇଛି ସେଗୁଡ଼ିକ ହେଲା କଳାହାଣ୍ଡି, ଗଞ୍ଜାମ, ଢେଙ୍କାନାଳ, ନୂଆପଡ଼ା, ବରଗଡ଼ ଓ ବୌଦ୍ଧ। ଏହି ୬ଟି ଜିଲ୍ଲାର ଅଧ୍ୟକ୍ଷ ପଦବୀକୁ ନିର୍ଦ୍ଦିଷ୍ଟ ଭାବେ କୌଣସି ବର୍ଗ ପାଇଁ ସଂରକ୍ଷିତ ରଖିନାହାନ୍ତି। ଏପରିକି ଏଗୁଡ଼ିକୁ ଅଣସଂରକ୍ଷିତ ବର୍ଗ ବୋଲି ମଧ୍ୟ ଦର୍ଶାଇ ନାହାନ୍ତି। କେବଳ ଏହି ଅଧ୍ୟକ୍ଷ ପଦବୀଗୁଡ଼ିକ ମହିଳାଙ୍କ ନିମନ୍ତେ ସଂରକ୍ଷିତ ବୋଲି ଉଲ୍ଲେଖ ରହିଛି। ସେହିପରି ଚୂଡ଼ାନ୍ତ ତାଲିକାରେ କେନ୍ଦୁଝର ଓ ଗଜପତି ଜିଲ୍ଲାର ➤ ପୃ-୬

### ପବ୍ଲିକ୍ ଆଫାୟର୍ସ ଇଣ୍ଡେକ୍ସ-୨୦୨୧

## ଆଇସିଡିଏସ୍‌ରେ ଓଡ଼ିଶା ଶୀର୍ଷରେ

**ଭୁବନେଶ୍ୱର :** ବେଙ୍ଗାଲୁରୁ ସ୍ଥିତ ଲୋକ ବ୍ୟାପାର କେନ୍ଦ୍ର ଦ୍ୱାରା ପ୍ରକାଶିତ ପବ୍ଲିକ ଆଫାୟର୍ସ ଇଣ୍ଡେକ୍ସ-୨୦୨୧ ଅନୁସାରେ ସମନ୍ୱିତ ଶିଶୁ ବିକାଶ ସେବା (ଆଇସିଡିଏସ୍)ରେ ପ୍ରଥମ ବା ଶୀର୍ଷ ସ୍ଥାନରେ ରହିଛି ଓଡ଼ିଶା। ହେଲେ ଜାତୀୟ ସ୍ୱାସ୍ଥ୍ୟ ମିଶନରେ ଅଷ୍ଟମ, ମଧ୍ୟାହ୍ନ ଭୋଜନ ଯୋଜନାରେ ୫ମ, ସମଗ୍ର ଶିକ୍ଷା ଅଭିଯାନରେ ଦ୍ୱିତୀୟ ଏବଂ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ତୃତୀୟ ସ୍ଥାନରେ ରହିଛି ଓଡ଼ିଶା। ସାଧାରଣ ବ୍ୟାପାର ସୂଚକାଙ୍କ ହେଉଛି କେନ୍ଦ୍ର ସରକାରଙ୍କ ତଥ୍ୟ ଉପରେ ପର୍ଯ୍ୟବେସିତ ଢାଞ୍ଚା, ଯାହାକି ଶାସନର ମାନଦଣ୍ଡ ଜାଣିବା ପାଇଁ ୩ଟି ସ୍ତମ୍ଭ,

PUBLIC AFFAIRS INDEX
PAI
Governance in the States of India

୫ଟି ବିଷୟ, ନିରନ୍ତର ବିକାଶ ଲକ୍ଷ୍ୟର ୧୪ଟି ପ୍ରସଙ୍ଗ ଏବଂ ୪୩ଟି ସୂଚୀକୁ ନେଇ ସଂସ୍ଥା ରିପୋର୍ଟ ପ୍ରକାଶ କରିଛି। ଯେଉଁ ତିନିଟି ସ୍ତମ୍ଭକୁ ନିଆଯାଇଛି ତାହା ହେଲା ବିକାଶ ବା ଅଭିବୃଦ୍ଧି, ସମତା ଏବଂ ନିରନ୍ତରତା। ସେହିଭଳି ଯେଉଁ ୫ଟି ବିଷୟକୁ ଏଥିରେ ନିଆଯାଇଛି ସେଗୁଡ଼ିକ ହେଉଛି ସ୍ୱର ଏବଂ ଉତ୍ତରଦାୟିତ୍ୱ, ସରକାରଙ୍କ ଫଳପ୍ରଦତା, ଆଇନକାନୁନ, ନିୟାମକ ମାନ ଏବଂ ଦୁର୍ନୀତି ନିୟନ୍ତ୍ରଣ। ଏଥିସହିତ ୧୪ଟି ନିରନ୍ତର ବିକାଶ ଲକ୍ଷ ଏବଂ ୪୩ଟି ସୂଚୀକୁ ନେଇ ରାଜ୍ୟଗୁଡ଼ିକର ରାଙ୍କ ପ୍ରସ୍ତୁତ କରାଯାଇଛି। ୨୦୨୦ ସୂଚୀ ତୁଳନାରେ ଏଥିରେ କିଛିଟା ପରିବର୍ତ୍ତନ ଅଣାଯାଇଛି। ଜନସଂଖ୍ୟା ଆଧାରରେ ରାଜ୍ୟଗୁଡ଼ିକୁ ଦୁଇଟି ବର୍ଗରେ ବିଭକ୍ତ କରାଯାଇଛି। ଏଥିରେ ବଡ଼ ରାଜ୍ୟ ବର୍ଗରେ ୧୮ଟି ରାଜ୍ୟ ରହିଛନ୍ତି, ଯେଉଁଥିରେ ରହିଛି ଓଡ଼ିଶା। ସମତା ସ୍ତମ୍ଭରେ ଓଡ଼ିଶାର ପ୍ରଦର୍ଶନ ଖରାପ ରହିଛି। ➤ ପୃ-୬

## ଆଦି ଶଙ୍କରାଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଦିନ ଉତ୍ତରାଖଣ୍ଡର କେଦାରନାଥ ଧାମ ଗସ୍ତରେ ଆସି ଭଗବାନ ଶିବଙ୍କ ରୁଦ୍ରାଭିଷେକ କରିଛନ୍ତି। ଏହା ପରେ ପ୍ରଧାନମନ୍ତ୍ରୀ ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କ ୧୨ ଫୁଟ ଉଚ୍ଚ ପ୍ରତିମୂର୍ତ୍ତି ଉନ୍ମୋଚନ କରିଛନ୍ତି। ଉତ୍ତରାଖଣ୍ଡରେ ୨୦୧୩ ମସିହାରେ ଆସିଥିବା ପ୍ରଳୟଙ୍କରୀ ବନ୍ୟାରେ ଆଦିଗୁରୁଙ୍କ ପ୍ରତିମୂର୍ତ୍ତି ନଷ୍ଟ ହୋଇଯାଇଥିଲା ଏବଂ ଏବେ ଏହାର ପୁନଃନିର୍ମାଣ ହୋଇଛି। ପ୍ରଧାନମନ୍ତ୍ରୀ ଏହି ଗସ୍ତ ସମୟରେ କେଦାରନାଥରେ ୪୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପ ଉଦ୍ଘାଟନ ଓ ଶିଳାନ୍ୟାସ କରିଛନ୍ତି। ପ୍ରଧାନମନ୍ତ୍ରୀ ଆଜି ସକାଳେ ଡେରାଡୁନ୍ ବିମାନ ବନ୍ଦରରେ ପହଞ୍ଚିବା ପରେ ସେଠାରେ ରାଜ୍ୟପାଳ ଗୁରୁମିତ ସିଂହ, ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ଏବଂ ତାଙ୍କ କ୍ୟାବିନେଟ୍‌ର ଅନେକ ମନ୍ତ୍ରୀ ତାଙ୍କୁ ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀ ଶଙ୍କରାଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତିର ଉନ୍ମୋଚନ ସହ କେଦାରନାଥରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସଂପର୍କରେ ଅବଗତ ହୋଇଥିଲେ।



## ଖୋଲିବ ସ୍କୁଲ, ବୁଲିବ ସଚେତନତା ରଥ

**ଭୁବନେଶ୍ୱର :** ଦୀର୍ଘ ଦିନର ବ୍ୟବଧାନ ପରେ ଖୋଲିବାକୁ ଯାଉଛି ସ୍କୁଲ। ୬ଷ୍ଠ ଓ ସପ୍ତମ ଶ୍ରେଣୀ ପିଲା ସ୍କୁଲ ଯିବେ। ଟିକିଏ ଅସାବଧାନ ହେଲେ ଶିଶୁମାନେ କରୋନା ମହାମାରୀର ଶିକାର ହୋଇପାରନ୍ତି। ଏହାଛଡ଼ା ଦୀର୍ଘ ଦିନ ଧରି ସ୍କୁଲ ବନ୍ଦ ଥିବାରୁ ସେମାନଙ୍କୁ ମାନସିକସ୍ତରରେ ପ୍ରସ୍ତୁତି କରିବାର ମଧ୍ୟ ଆବଶ୍ୟକତା ମଧ୍ୟ ରହିଛି। ଏଣୁ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ(ଓଏସ୍‌ସିପିସିଆର) ଶିଶୁମାନଙ୍କୁ ସଚେତନ କରିବାକୁ ଯୋଜନା କରିଛି। ଆସନ୍ତା ୨୦ ତାରିଖରୁ ୪୦ ଦିନ ଧରି ଏଭଳି ସଚେତନତା କାର୍ଯ୍ୟକ୍ରମ ଚାଲିବ। ରାଜ୍ୟବ୍ୟାପୀ ସଚେତନତା ରଥ ବୁଲିବ। ୧୯ ତାରିଖ ଦିନ ବିଧାନସଭା ପରିସରରେ ଶିଶୁ ବିଧାନସଭା ବସିବ। କେବଳ ବାଚସ୍ପତିଙ୍କ



ଅନୁମତିକୁ ଅପେକ୍ଷା ରହିଛି ବୋଲି ସୂଚନା ଦେଇଛନ୍ତି ଓଏସ୍‌ସିପିସିଆର ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ। ସୂଚନା ମୁତାବକ, କୋଭିଡ୍ କଟକଣା ଯୋଗୁ ଦୀର୍ଘ ଦିନ ଧରି ପିଲାମାନେ ସ୍କୁଲ ବାହାରେ ରହିଥିବାରୁ ସେମାନଙ୍କ ମାନସିକ ସ୍ଥିତି ଉପରେ ପ୍ରଭାବ ପଡ଼ିଛି। ଆୟୋଗର ପ୍ରତିଷ୍ଠା ଦିବସ ଅବସରରେ ଶିଶୁଙ୍କ ମାନସିକ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଶିଶୁଙ୍କ ଅଧିକାର କ୍ଷେତ୍ରରେ 'ଜିରୋ ଟଲେରାନ୍ସ' ଘୋଷଣା କରିଛନ୍ତି। ଏହି ପରପ୍ରେକ୍ଷୀରେ ମାନସିକସ୍ତରରେ ଶିଶୁମାନେ ପ୍ରଭାବିତ ହେଉଥିବାରୁ ସ୍କୁଲ ଖୋଲିବା ପାଇଁ ଆୟୋଗ ସରକାରଙ୍କୁ ପ୍ରସ୍ତାବ ଦେଇଥିଲା। ଇତିମଧ୍ୟରେ ସରକାର ମଧ୍ୟ ସ୍କୁଲ ଖୋଲିବା ନେଇ ଘୋଷଣା କରିଛନ୍ତି। ଏହା ହିଁ ସଚେତନତା ପାଇଁ ପ୍ରକୃଷ୍ଟ ସମୟ ବୋଲି ଅଧ୍ୟକ୍ଷା କହିଛନ୍ତି। ଏହି ୪୦ ଦିନିଆ କାର୍ଯ୍ୟକ୍ରମରେ ଶିଶୁ ଶ୍ରମିକ, ଶିଶୁ ନିର୍ଯାତନା, ଭିକ୍ଷାବୃତ୍ତି, ଶିଶୁ ସୁରକ୍ଷା, ମାନସିକ ସ୍ୱାସ୍ଥ୍ୟ ଉପରେ ସଚେତନତା ସୃଷ୍ଟି କରାଯିବ। ସ୍ୱତନ୍ତ୍ର ରଥ ରାଜ୍ୟ ପରିକ୍ରମା କରି ଏ ସବୁ ଉପରେ ସଚେତନତା ସୃଷ୍ଟି କରିବ। ଏହା ଛଡ଼ା ବିଭିନ୍ନ ➤ ପୃ-୬

## 'ପୁରୀର ନାମ ପରିବର୍ତ୍ତନର ଆବଶ୍ୟକତା ନାହିଁ'



**ପୁରୀ :** ପୁରୀ ନାମ ପରିବର୍ତ୍ତନ କରାଯିବାର ଆବଶ୍ୟକତା ନଥିବା ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମତ ଦେଇଛନ୍ତି। ପୁରୀ ଜିଲା ନାମ ଶ୍ରୀଜଗନ୍ନାଥ ପୁରୀ ପରିବର୍ତ୍ତନ ପାଇଁ ହେଉଥିବା ଦାବି ଆଦୌ ଯଥାର୍ଥ ନୁହେଁ ବୋଲି ଶଙ୍କରାଚାର୍ଯ୍ୟ ଗଣମାଧ୍ୟମକୁ କହିଛନ୍ତି। ଶୁକ୍ରବାର ଏ ସମ୍ପର୍କରେ ପଚାରିବାରୁ ସେ କହିଲେ ପୁରୀ ସମଗ୍ର ବିଶ୍ୱରେ ପରିଚିତ। ଶାସ୍ତ୍ରୀୟ ମତ ଅନୁଯାୟୀ ଅଷ୍ଟପୁରୀ ମଧ୍ୟରୁ ପୁରୀ ଅନ୍ୟତମ। ତେଣୁ ଏହାର ନାମ ➤ ପୃ-୬

### ବକ୍ରବାଣୀ



ଦେଖିବ ଆସ ତାକ୍ ଧିନା ଧିନ୍
ତାଙ୍କର ପାଞ୍ଚକୁ ୟା'ଙ୍କର ତିନ୍
ନାଚିଲେଣି ନେତା ଭିଡିକି ଅଣ୍ଟା
ସତେ କି ତଣ୍ଟିରେ ଲାଗିଚି କଣ୍ଟା
ଭୋଅଟ ଆଇଲେ ଯାତେରା ହୁଏ
କିଏ କେତେ ଭଙ୍ଗୀ ଏଠି ଦେଖାଏ
ନେହୁରା ହେଇକି ଗୋଡ ଧରନ୍ତି
ଛୁଆ କାଖେଇକି ଦାଣ୍ଡେ ବୁଲନ୍ତି
ଟିକସ ଧନରେ ହୋର୍ଡିଙ୍ଗ୍ ଦେଇ
ବେଇହା ହସଇ ଦାନ୍ତ ଦେଖେଇ।

— ଟୁଟୁ

### ସୁଧଖୋର ମା'ର ଅମାନବୀୟ ନିର୍ଯାତନା

## ନ୍ୟାୟ ମାଗୁଛି ନାବାଳକ ପୁଅ

**ଭୁବନେଶ୍ୱର :** ସୁଧଖୋର ସ୍ତ୍ରୀର ସୁଧ କାରବାରକୁ ବିରୋଧ କରିବାକୁ ଯାଇ ଅସୁବିଧାରେ ପଡିଛନ୍ତି ବାପା ଓ ପୁଅ। ଏମିତି ଏକ ଘଟଣା ଲକ୍ଷ୍ମୀସାଗର ଓସ୍କାର ସିଟିର ରୋଡ୍ ନଂ.-୯ରେ ଘଟିଯାଇଛି। ବାପା ପ୍ରଦୀପ୍ତ ସାହୁଙ୍କୁ ମା' ମାଡ ମାରୁଥିବାର ଦେଖି ୧୫ବର୍ଷର ପୁଅ ସ୍ୱୟଂସିଦ୍ଧାର୍ଥ ବିରୋଧ କରିବାରୁ ନିଜେ ମଧ୍ୟ ନିର୍ଯାତନାର ଶିକାର ହେଲା। ମା' ବାପାଙ୍କ ପେଟରେ ଛୁରୀ ଭୁସି ରକ୍ତାକ୍ତ କରିବା ଓ ଏହି ଘଟଣାର ଭିଡିଓ ଭାଇରାଲ ହେବା ପରେ ମାମଲା ଲକ୍ଷ୍ମୀସାଗର ଥାନାରେ ପହଞ୍ଚିଥିଲା। ଏହା ସେପ୍ଟେମ୍ବର ମାସ ୩୦ ତାରିଖର ଘଟଣା। ବାପାଙ୍କ ରୋଜଗାର କମିଯିବାରୁ ମା'ଙ୍କ ଉପରେ ଘର ଚଳାଇବାର ଦାୟିତ୍ୱ ଥିଲା। ଏହାର ସୁଯୋଗ ନେଇ ମା' ସୁଧ କାରବାର ଉପରେ ଅଧିକ ଗୁରୁତ୍ୱ ଦେବା ଦ୍ୱାରା ପରିବାରରେ ଅଶାନ୍ତି ସୃଷ୍ଟି ହୋଇଥିଲା। ମା' ସୁଧ କାରବାରରୁ ମାସିକ ୬୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ କରିବା ଓ ସୁଧ ନେଇଥିବା ଲୋକଙ୍କ ପ୍ରତି ମା'ର ବ୍ୟବହାର ଅତ୍ୟନ୍ତ କ୍ରୁର ଥିବା କହନ୍ତି ସ୍ୱୟଂସିଦ୍ଧାର୍ଥ। ଯେଉଁଦିନ ମା' ବାପାଙ୍କୁ ମାଡପିଟି କରୁଥିଲେ ସେଦିନର ସମସ୍ତ ଘଟଣାକୁ ସେ ନିଜେ ମୋବାଇଲରେ ରେକର୍ଡିଂ କରୁଥିଲେ। ଯାହାକୁ



ନେଇ ପୁଅ ଉପରେ ମା'ର କ୍ରୋଧ ବଢ଼ିଥିଲା। ଇତ୍ୟବସରରେ ପୋଲିସର କୋହଳ କାର୍ଯ୍ୟାନୁଷ୍ଠାନ ଯୋଗୁ ମା' ଅଗ୍ରୀମ ଜାମିନ ପାଇଗଲେ ବୋଲି ପୁଅ ଅଭିଯୋଗ କରିଛନ୍ତି। ଘଟଣା ଘଟିବା ଦିନଠାରୁ ପୁଅ ଓ ବାପାକୁ ମା' ଘରୁ ତଡି ଦେଇଛନ୍ତି। ସେମାନେ ଏବେ ନ୍ୟାୟ ପାଇଁ ➤ ପୃ-୬

### ୩୧ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଘୋଷିତ

## ଘନଶ୍ୟାମ ମହାପାତ୍ରଙ୍କୁ 'ଶ୍ରୀ ଜୟଦେବ ସମ୍ମାନ'

**ଭୁବନେଶ୍ୱର :** ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ପ୍ରଯୋଜକ ଘନଶ୍ୟାମ ମହାପାତ୍ରଙ୍କୁ ଜୟଦେବ ପୁରସ୍କାର ପ୍ରଦାନ କରାଯିବ। ୩୧ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସମାରୋହରେ ଶ୍ରୀ ମହାପାତ୍ରଙ୍କୁ ଜୀବନବ୍ୟାପୀ ସାଧନା ଲାଗି ଜୟଦେବ ପୁରସ୍କାରରେ ସମ୍ମାନିତ କରାଯିବ। ସମାରୋହରେ ଜୟଦେବ ସମ୍ମାନ ପାଇଁ ମିଳିବ ୨ ଲକ୍ଷ ଟଙ୍କା ସହ ମାନପତ୍ର ପ୍ରଦାନ କରାଯିବ। ୨୦୧୯ ମସିହା ଲାଗି ରାଜ୍ୟ ଚଳଚ୍ଚିତ୍ର ଓ ଟେଲି ପୁରସ୍କାର ଶୁକ୍ରବାର ଘୋଷଣା ହୋଇଛି। ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ଏ ସଂକ୍ରାନ୍ତରେ ଘୋଷଣା କରାଯାଇଛି। ନୀଳମାଧବ ପଣ୍ଡାଙ୍କ ପ୍ରଯୋଜିତ ଓ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'କାଲିର ଅତୀତ'କୁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ମନୋନୀତ କରାଯାଇଛି। ଏଥିସହ ନୀଳମାଧବ ପଣ୍ଡାଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ



ମୋହନ ସୁନ୍ଦରଗୋସ୍ୱାମୀ ପୁରସ୍କାର ମଧ୍ୟ ମିଳିବ। ସେହିପରି ଚଳଚ୍ଚିତ୍ର 'ଖୁସି'ରେ ଅଭିନୟ ଲାଗି ସରୋଜ ପରିଡ଼ାଙ୍କୁ ଶ୍ରେଷ୍ଠ ଅଭିନେତା ଓ କାବ୍ୟା କିରଣଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ଲାଗି ଚୟନ କରାଯାଇଛି। ଅନ୍ୟପକ୍ଷରେ ୮ମ ରାଜ୍ୟ ଟେଲି ପୁରସ୍କାର ମଧ୍ୟ ଘୋଷଣା ➤ ପୃ-୬




## 'ପଞ୍ଚାୟତିରାଜ ବ୍ୟବସ୍ଥାର ଅବକ୍ଷୟ ପାଇଁ ବିଜେଡି ସରକାର ଦାୟୀ'

**ଭୁବନେଶ୍ୱର :** ଓଡିଶାର ପଞ୍ଚାୟତିରାଜ ବ୍ୟବସ୍ଥାକୁ ରୁଗଣ ଓ ପଙ୍ଗୁ କରିଛି ରାଜ୍ୟର କ୍ଷମତାସୀନ ବିଜେଡି ସରକାର । ଏଠାରେ ପଞ୍ଚାୟତ ଅଛି ସତ, କିନ୍ତୁ ପଂଚାୟତିରାଜ ବ୍ୟବସ୍ଥା ନାହିଁ। କେନ୍ଦ୍ରରେ କଂଗ୍ରେସ ସରକାର ସମୟରେ ୧୯୯୨ ମସିହାରେ ୭୩ ତମ ଓ ୭୪ ତମ ସମ୍ବିଧାନ ସଂଶୋଧନ ମାଧ୍ୟମରେ ଯେଉଁ ତ୍ରିସ୍ତରୀୟ ପଂଚାୟତ ବ୍ୟବସ୍ଥାକୁ ସାମ୍ବିଧାନିକ ସ୍ୱିକୃତି ଦିଆ ଯାଇଥିଲା ତାହ ବିଜେଡି ଶାସନ ସମୟରେ କେବଳ ଅବକ୍ଷୟମୁଖୀ ହୋଇ ନାହିଁ, ଅପରନ୍ତୁ ଏହା ଅଫିସର ରାଜ ରେ ପରିଣତ ହୋଇଛି ବୋଲି ଆଜି କଂଗ୍ରେସ ମୁଖପାତ୍ର ତଥା ରାଜୀବ ଗାନ୍ଧୀ ପଂଚାୟତିରାଜ ସଂଗଠନ ଅଧ୍ୟକ୍ଷ ଶ୍ରୀ ସୁଦର୍ଶନ ଦାସ ଅଭିଯୋଗ ଆଣିଛନ୍ତି। ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନେ ସରକାରୀ ଅଫିସର ଓ ବାବୁମାନଙ୍କ ହାତରେ କ୍ରିଡନକ ସାଜିଛନ୍ତି। ମୁଖ୍ୟମନ୍ତ୍ରୀ ସରପଂଚ ମାନଙ୍କୁ ଜିଲ୍ଲାପାଳ କ୍ଷମତା ଦେବା ଏକ ପ୍ରହସନ ବ୍ୟତୀତ ଆଉ କିଛି ନୁହେଁ । ମୁଖ୍ୟ ମନ୍ତ୍ରୀ ସରପଂଚ ମାନଙ୍କୁ ଜିଲ୍ଲାପାଳ କ୍ଷମତା ଦେବାର ଘୋଷଣା କଲାବେଳେ ତାଙ୍କ ସରକାରର ପଂଚାୟତିରାଜ ବିଭାଗର ସଚିବ ବିଡିଓଙ୍କ ବିନା ଦସ୍ତଖତରେ ସରପଂଚମାନେ



ଟଙ୍କାଟେ ଖର୍ଚ୍ଚ କରି ପାରିବେ ନାହିଁ ବୋଲି ସର୍କୁଲାର ଜାରି କରିଥିଲେ। ଏହା ପଂଚାୟତ ପ୍ରତିନିଧିଙ୍କ ପ୍ରତି କେବଳ ଅସମ୍ମାନ ନୁହେଁ, ସମ୍ବିଧାନ ପ୍ରତି ମଧ୍ୟ ଉପହାସ। ପଂଚାୟତିରାଜ ବ୍ୟବସ୍ଥାରେ ଗ୍ରାମ ସଭା ହେଉଛି ଖୁବ୍ ଗୁରୁତ୍ୱପୂର୍ଣ୍ଣ ଓ ମୌଳିକ ଉପାଦାନ। ମାତ୍ର ବିଜେଡି ସରକାର ଏହି ଗ୍ରାମ ସଭାକୁ ଗୁରୁତ୍ୱହୀନ କରି ପଂଚାୟତି ରାଜ ବ୍ୟବସ୍ଥାର ସାମ୍ବିଧାନିକ ବିଧି ବିଧାନକୁ ଅବମାନନା କରି ଚାଲିଛନ୍ତି। ସରକାରୀ ପ୍ରରୋଚନାରେ ଗ୍ରାମ ସଭାକୁ ବନ୍ଦ କରାଯାଇଛି। 'ଆମ ଗାଁ - ଆମ ବିକାଶ' ଯୋଜନା ଗ୍ରାମ ସଭାର ଗୁରୁତ୍ୱକୁ ଅବମାନନା କରାଯିବାର ଏକ ବଳିଷ୍ଠ ଉଦାହରଣ। ସମ୍ବିଧାନ ମୁତାବକ ଗ୍ରାମ ସଭା ମାଧ୍ୟମରେ ଗାଁ ବା ପଂଚାୟତର ବିକାଶ ମୂଳକ ପ୍ରକଳ୍ପ ଗୁଡିକ ଅନୁମୋଦିତ ହେବା କଥା। ମାତ୍ର 'ଆମ ଗାଁ – ଆମ ବିକାଶ' ଯୋଜନାରେ ପ୍ରକଳ୍ପ ଗୁଡିକ ଗ୍ରାମ ସଭାର ବିନା ଅନୁମୋଦନରେ କାର୍ଯ୍ୟକାରୀ ହେଉଛି। ମୁଖ୍ୟ ମନ୍ତ୍ରୀ ଭୁବନେଶ୍ୱରର ତୃତୀୟ ମହଲାରେ ବସି ପଂଚାୟତ ଗୁଡିକରେ ପ୍ରକଳ୍ପ ସବୁକୁ ଘୋଷଣା କରିବା ସିଧା ସଳଖ ଭାବରେ ପଞ୍ଚାୟତିରାଜ ବ୍ୟବସ୍ଥାର ସମ୍ବିଧାନିକ ବିଧି ବିଧାନ ପ୍ରତି ଏକ କୁଠାରଘାତ ଓ ଚରମ ଉପହାସ ବୋଲି କଂଗ୍ରେସ ପ୍ରବକ୍ତା ଶ୍ରୀ ଦାସ କରିଛନ୍ତି। ବିଜେଡି ଶାସନ ସମୟରେ ପଂଚାୟତିରାଜ ବ୍ୟବସ୍ଥା ଦୁର୍ନୀତିର ଏକ ଗନ୍ତାଘର ପାଲଟିଛି। ଶାସକ ଦଳର ନେତା ଓ କର୍ମୀମାନେ ପଂଚାୟତକୁ ବ୍ୟବହାର କରି ଖୋଲମ ଖୋଲା ସରକାରୀ ଅର୍ଥକୁ ହରିଲୁଟ କରୁଛନ୍ତି। ନିମ୍ନ ମାନର ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ**
ମାନସିକ ଶାନ୍ତି ରହିବ। ଅର୍ଥ ଲାଭ ଯୋଗ ଅଛି। କାର୍ଯ୍ୟକ୍ଷେତ୍ରରେ ସ୍ଥାନାନ୍ତରଣ ଯୋଗ ଅଛି। ଅଯଥା ଭ୍ରମଣ ଯୋଗ ଅଛି। ଛାତ୍ରମାନେ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ନୂତନ ଜିନିଷ କ୍ରୟ କରିପାରନ୍ତି। ପ୍ରେମ ବିବାହରେ ପରିଣତ ହୋଇପାରେ।

**ବୃଷ**
ଶରୀର ସୁସ୍ଥ ରହିବ। ନୂତନ ବ୍ୟବସାୟ ହାତକୁ ନେଇ ପାରନ୍ତି। କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ଯଶ ଓ ଖ୍ୟାତି ବୃଦ୍ଧି ଯୋଗ ଅଛି। ଛାତ୍ରମାନେ ପାଠ ପ୍ରତି ଆଗ୍ରହ ହେବେ। ପାରିବାରିକ ଶାନ୍ତି ବଜାୟ ରହିବ।

**ମିଥୁନ**
ସ୍ୱାସ୍ଥ୍ୟ ସାମାନ୍ୟ ରହିବ। ବ୍ୟବସାୟରେ ସଫଳତା ଓ ଖ୍ୟାତି ବୃଦ୍ଧି ହେବ। ଶତ୍ରୁ ପରାସ୍ତ ହେବେ। କାର୍ଯ୍ୟକ୍ଷେତ୍ରରେ ସ୍ଥାନାନ୍ତରଣ ଯୋଗ ଅଛି। ଛାତ୍ରମାନେ ଆଶାନୁରୂପ ସଫଳତା ପାଇବେ। ଦମ୍ପତି ମାନଙ୍କ ମଧ୍ୟରେ ମତାନ୍ତର ହୋଇପାରେ।

**କର୍କଟ**
ସମ୍ପତ୍ତିରେ ବୃଦ୍ଧି ହେବ। ଆଇନ ଅଦାଲତରେ ସମାଧାନ ଓ ସଫଳତା ମିଳିବ। ସନ୍ତାନଜନିତ ଶୁଭ ସମାଚାର ପାଇବେ। ଭ୍ରମଣରେ ଯାଇ ପାରନ୍ତି। ଛାତ୍ରମାନେ ବିଦେଶରେ ପଢ଼ିବା ପାଇଁ ଆବେଦନ କରିପାରନ୍ତି।

**ସିଂହ**
ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିବ। ବ୍ୟବସାୟରେ ଆର୍ôଥିକ କ୍ଷତି ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ବନ୍ଧୁଙ୍କ ସହଯୋଗ ମିଳିବ। ଛାତ୍ରମାନେ ଶିକ୍ଷକଙ୍କ ତିରସ୍କାରର ସମ୍ମୁଖୀନ ହୋଇପାରନ୍ତି।

**କନ୍ୟା**
କାମ ବୋଝ ଯୋଗୁ ଶାରୀରିକ କ୍ଲାନ୍ତି ଅନୁଭବ କରିବେ। ବ୍ୟବସାୟ ଆୟବ୍ୟୟ ସମାନ ହେବ। ପରିବାରରେ ମାଙ୍ଗଳିକ ବା ଧାର୍ମିକ କାର୍ଯ୍ୟ ହୋଇପାରେ। ଦମ୍ପତିମାନେ ଉଭୟଙ୍କ ସହ ସୁନ୍ଦର ସମୟ କଟାଇବେ।

**ତୁଳା**
ଅଯଥା ମନକୁ ଭୁଲ ଦିଗରେ ଲଗାନ୍ତୁ ନାହିଁ। ମତଭେଦରୁ ଦୂରେଇ ରହନ୍ତୁ। କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ। ଅଚାନକ ଅର୍ଥ ପ୍ରାପ୍ତି ଯୋଗ ଅଛି। ଛାତ୍ରମାନେ ଆକାଂକ୍ଷିତ ଫଳପ୍ରାପ୍ତି ଯୋଗ ଅଛି।

**ବିଛା**
ସ୍ୱାସ୍ଥ୍ୟ ସମସ୍ୟା ରହିବ। ବ୍ୟବସାୟରେ ଉନ୍ନତି ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଶତ୍ରୁ ବୃଦ୍ଧି ହୋଇ ପାରନ୍ତି। ସନ୍ତାନ ଜନିତ ଶୁଭ ଫଳ ମିଳିବ। ଦମ୍ପତି ମାନଙ୍କ ମଧ୍ୟରେ ଭୁଲ ବୁଝାମଣା ହୋଇପାରେ।

**ଧନୁ**
ହଠାତ୍ ସ୍ୱାସ୍ଥ୍ୟ ବିଗିଡି ଯାଇପାରେ। ଧନପ୍ରାପ୍ତି ଯୋଗ ଅଛି। ନୂତନ ପଦାର୍ଥ କ୍ରୟ ଯୋଗ ଅଛି। କାର୍ଯ୍ୟ କ୍ଷେତ୍ରରେ ପ୍ରଶଂସିତ ହେବେ। ଛାତ୍ରମାନେ ପାଠରୁ ଦୂରେଇ ଯିବେ। ମନ ଚଞ୍ଚଳ ରହିବ। ପ୍ରେମରେ ପଡିପାରନ୍ତି।

**ମକର**
ମିଶ୍ରିତ ଫଳ ପ୍ରାପ୍ତି ଯୋଗ ଅଛି। ସମ୍ମାନ ପ୍ରାପ୍ତି ଓ ଧନପ୍ରାପ୍ତି ଯୋଗ ଅଛି। ଛାତ୍ରମାନେ ସଫଳ ହେବେ। ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଦମ୍ପତିମାନେ ଭଲ ସମୟ କଟାଇବେ।

**କୁମ୍ଭ**
ମାନସିକ କାର୍ଯ୍ୟ କ୍ଷେତ୍ରରେ ଚାପ ବଢ଼ିବ। କିନ୍ତୁ ଏହି ଚାପରୁ ଆପଣ ଲାଭବାନ ହେବେ। ପରିବାରରେ ମତଭେଦ ହୋଇପାରେ। ଛାତ୍ରମାନେ ଈଶ୍ୱର ବିଶ୍ୱାସୀ ହେବେ। ଅନେକ ଦିନରୁ କହିବାକୁ ଥିବା ମନକଥା ପ୍ରେମୀମାନେ କହିପାରନ୍ତି।

**ମୀନ**
ଦୁର୍ଘଟଣା ଘଟିପାରେ। ଚାକିରି ଓ ବ୍ୟବସାୟରେ ସଫଳତା ଯୋଗ ଅଛି। ଛାତ୍ରମାନଙ୍କ ସମୟ ଅତି ଉତ୍ତମ। ସନ୍ତାନଙ୍କ ତରଫରୁ ଶୁଭ ଖବର ମିଳିବାର ସମ୍ଭାବନା ଅଛି। ଦମ୍ପତିମାନେ ଜଣେ ଅନ୍ୟଜଣଙ୍କୁ ସହଯୋଗ କରିବେ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ଦିଲ୍ଲୀରେ ବାୟୁ ପ୍ରଦୂଷଣ ସାଂଘାତିକ

**ନୂଆଦିଲ୍ଲୀ:** କାମ ଦେଲାନି କଟକଣା। ନାଲି ଆଖିକୁ ଖାତିର କଲେନି ଦିଲ୍ଲୀବାସୀ। ଦୀପାବଳି ରାତିସାରା ଫୁଟିଲା ପ୍ରବଳ ଆତସବାଜି। ଫଳସ୍ୱରୂପ ରାଜଧାନୀ ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ପ୍ରଦୂଷଣ ଅତି ଗମ୍ଭୀର ସ୍ତରକୁ ଚାଲି ଯାଇଛି। ଏପରିକି ବିଷାକ୍ତ ହୋଇଯାଇଛି ଦିଲ୍ଲୀର ବାୟୁ। ପ୍ରଦୂଷଣ ରୋକିବାକୁ ଦିଲ୍ଲୀ ସରକାରଙ୍କ ପକ୍ଷରୁ ବହୁ ପୂର୍ବରୁ ପ୍ରସ୍ତୁତ ହୋଇଥିଲା ଆକ୍ସନ ପ୍ଲାନ୍। କଡ଼ା କାର୍ଯ୍ୟାନୁଷ୍ଠାନର ଚେତାବନୀ ବି ଦିଆଯାଇଥିଲା। କିନ୍ତୁ ଗତକାଲି ସନ୍ଧ୍ୟା ଯାଉଯାଉ ଦିଲ୍ଲୀର ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇଗଲା ଆଖି ବୁଜା ଆତସବାଜି ତଥା ଫୁଟିଲା ଭଳିକି ଭଳି ବାଣ। ଏପରିକି ବାଣ ଫୁଟାଇବା ଉପରେ ଦିଲ୍ଲୀ ସରକାରଙ୍କ ରୋକ ସତ୍ତ୍ୱେ ଲୋକେ ରାସ୍ତା ଉପରେ ବାଣ ଫୁଟାଇବାକୁ ଲାଗିଲେ। ଏହା ପ୍ରଭାବରେ ଗତ ରାତିରେ ଦିଲ୍ଲୀ ଆକାଶ ଧୂଆଁମୟ ହୋଇଯାଇଥିବା ବେଳେ ଆଜି ସକାଳେ ବି ଆକାଶରେ ଏକ ବହଳ ଆସ୍ତରଣ ଦେଖିବାକୁ ମିଳିଛି। କେବଳ ଦିଲ୍ଲୀ ନୁହେଁ, ଆଖପାଖ ନୋଏଡା ଓ ଗାଜିଆବାଦରେ ବି ସ୍ଥିତି ସମାନ। ଲୋକଙ୍କ ଖାମଖିଆଲି ମନୋଭାବର ପରିଣାମ ସମଗ୍ରୀ ଦିଲ୍ଲୀବାସୀ ତଥା ଆଖପାଖ ଅଞ୍ଚଳର ବାସିନ୍ଦାଙ୍କୁ ଭୋଗିବାକୁ ପଡୁଛି। ଦୀପାବଳି ରାତିରୁ ହିଁ ଦିଲ୍ଲୀର ବାୟୁ ଅଣନିଶ୍ୱାସୀ କରିଦେବା ପରି ଲାଗୁଛି। ଦିଲ୍ଲୀରେ ପ୍ରଦୂଷଣ ମାତ୍ରା ସବୁ ରେକର୍ଡ ପାର୍ କରିସାରିଥିବା ବେଳେ ବାୟୁ ଗୁଣବତ୍ତା ସୂଚକାଙ୍କ ଗମ୍ଭୀର ଶ୍ରେଣୀରେ ପହଞ୍ଚି ଯାଇଛି। ଦିଲ୍ଲୀର ବାୟୁ ପୂର୍ବରୁ ଖରାପ ଶ୍ରେଣୀରେ ଥିବା ବେଳେ ଦୀପାବଳି ପରେ ଏହା ଅତି ଗମ୍ଭୀର ଶ୍ରେଣୀକୁ ପଳାଇଛି। ଫଳରେ ବିଷାକ୍ତ



ହୋଇଯାଇଛି ଦିଲ୍ଲୀର ପରିବେଶ। ଫଳରେ ଗତ ରାତରୁ ହିଁ ଦିଲ୍ଲୀ ଆକାଶ ଧୂଆଁମୟ ହୋଇ ଯାଇଥିବା ବେଳେ ଭିଜିବିଲିଟି ବି ବହୁତ୍ କମି ଯାଇଛି। ଅର୍ଥାତ ଚାରିପାଖରେ ଧୂଆଁମୟ ପରିବେଶ ସୃଷ୍ଟି ହୋଇଥିବାରୁ ପାଖ ଜିନିଷ ବି ଦୃଶ୍ୟମାନ ହେଉ ନାହିଁ। ଦିଲ୍ଲୀରେ ବାୟୁର ମାନ ଅତି ବିପଦଜନକ ସ୍ଥିତିରେ ପହଞ୍ଚି ଯାଇଛି। ଶୁକ୍ରବାର ସକାଳେ ଜନପଥରେ ବାୟୁ ଗୁଣବତ୍ତାର ସ୍ତର ୬୫୫.୦୭ରେ ପହଞ୍ଚିଯାଇଛି। ଏହା ପ୍ରଭାବରେ ବହୁ ଲୋକଙ୍କ ଆଖିରୁ ପାଣି ବୋହୁଥିବା ବେଳେ ଗଳା ଦରଜ ହେବା ପରି ଲକ୍ଷଣ ଦେଖାଦେଉଛି। ଏପରିକି ନିଶ୍ୱାସ ନେବାରେ ବି କଷ୍ଟ ଅନୁଭବ କରୁଛନ୍ତି ଲୋକ। ଏହାଦ୍ୱାରା ଅଧିକ ପ୍ରଭାବିତ ହେଉଛନ୍ତି ବୟସ୍କ ତଥା ରୋଗୀ ତଥା ଛୋଟ ପିଲା। ଗାଜିଆବାଦ ଓ ନୋଏଡାରେ ବି ପରିସ୍ଥିତି ଗମ୍ଭୀର ଶ୍ରେଣୀରେ ପହଞ୍ଚି ଯାଇଥିବା ବେଳେ ସେଠାକାର ବାସିନ୍ଦା ବି ସମାନ ଅଭିଯୋଗ କରିଛନ୍ତି। ଲୋକେ ଆହୁରି ଅଧିକ ସମସ୍ୟାର ସମ୍ମୁଖୀନ ହେବେ ବୋଲି ଚେତାବନୀ ବି ଦିଆଯାଇଛି।

## ଚାଇନାର ପରମାଣୁ ଅସ୍ତ୍ର ସଂଖ୍ୟା ୧ ହଜାର ଡେଇଁବ

**ୱାଶିଂଟନ:** ପରମାଣୁ ଅସ୍ତ୍ରଶସ୍ତ୍ର ସାରା ବିଶ୍ୱ ପାଇଁ ବିପଦ ସାଜିଛି। କିନ୍ତୁ ଅନେକ ରାଷ୍ଟ୍ର ନିୟମିତ ଭାବେ ନିଜର ଶକ୍ତି ବଢ଼ାଇବା ପାଇଁ ପରମାଣୁ ଅସ୍ତ୍ରଶସ୍ତ୍ର ବୃଦ୍ଧି କରିବାରେ ଲାଗିଛନ୍ତି। ଏହିକ୍ରମରେ ଚାଇନା ମଧ୍ୟ ପଛରେ ପଡ଼ିନି। ଚାଇନା ସମଗ୍ର ବିଶ୍ୱକୁ ଚ୍ୟାଲେଞ୍ଜ କରି ନିଜର ପରମାଣୁ ଅସ୍ତ୍ରଶସ୍ତ୍ର କ୍ଷମତା ବଢ଼ାଇବାରେ ଲାଗିଛି। ଏପରି ସ୍ଥିତି ଲାଗି ରହିଲେ ୨୦୩୦ ସୁଦ୍ଧା ଚାଇନାର ପରମାଣୁ ଅସ୍ତ୍ରଶସ୍ତ୍ର ସଂଖ୍ୟା ୧ ହଜାର ପାର କରିଯିବ। ଯାହା ବିଶ୍ୱ ପାଇଁ ବଡ଼ ବିପଦ ସୃଷ୍ଟି କରିପାରେ ବୋଲି ଆମେରିକାର ପ୍ରତିରକ୍ଷା ବିଭାଗ ପେଣ୍ଟାଗନ ରିପୋର୍ଟ ଦେଇଛି। ଏହି ରିପୋର୍ଟରେ କୁହାଯାଇଛି ଯେ ଚାଇନା ନିଜର ଆଣବିକ ଶକ୍ତିକୁ ଦ୍ରୁତଗତିରେ ବୃଦ୍ଧି କରୁଛି। ଆମେରିକା ଅଧିକାରୀମାନେ ବର୍ଷେ ତଳେ ଯାହା ଆକଳନ କରିଥିଲେ ଏବେ ତା'ଠାରୁ ଅଧିକ ବେଗରେ ଚାଇନା ପରମାଣୁ କ୍ଷମତା ବଢ଼ାଇଛି। ଆସନ୍ତା ୬ ବର୍ଷ ମଧ୍ୟରେ ଅର୍ଥାତ ୨୦୨୭ ବେଳକୁ ଚାଇନାର ଆଣବିକ ଅସ୍ତ୍ର ସଂଖ୍ୟା ୭୦୦ରେ ପହଞ୍ଚିଯିବ। ସେହିପରି ୨୦୩୦ ବେଳକୁ ଏହା ୧ହଜାରରୁ ଅଧିକ ହୋଇପାରେ। ତେବେ ରିପୋର୍ଟରେ ଚାଇନା



ପାଖରେ ବର୍ତ୍ତମାନ କେତେ ସଂଖ୍ୟକ ପରମାଣୁ ଅସ୍ତ୍ରଶସ୍ତ୍ର ରହିଛି ସେକଥା କୁହାଯାଇ ନାହିଁ। ଗୋଟିଏ ବର୍ଷ ତଳେ ପେଣ୍ଟାଗନ କହିଥିଲା ଯେ ବର୍ତ୍ତମାନ ଚାଇନାର ପରମାଣୁ ଅସ୍ତ୍ର ସଂଖ୍ୟା ୨୦୦ରୁ କମ ରହିଛି। କିନ୍ତୁ ଦଶବର୍ଷ ମଧ୍ୟରେ ଏହା ଦୁଇ ଗୁଣ ହୋଇଯିବ। ହେଲେ ବର୍ଷକ ମଧ୍ୟରେ ପେଣ୍ଟାଗନର ରିପୋର୍ଟ ବଦଳି ଯାଇଛି। ମହାମାରୀ କରୋନା ସହ ସାରା ବିଶ୍ୱ ଲଢୁଥିବା ବେଳେ ଚାଇନା ତା'ର ପରମାଣୁ ଶକ୍ତି ବୃଦ୍ଧି କରୁଥିବା ଆଶଙ୍କା କରାଯାଉଛି। ସୂଚନାଯୋଗ୍ୟ, ବର୍ତ୍ତମାନ ଆମେରିକା ପାଖରେ ୩ ହଜାରରୁ ଅଧିକ ପରମାଣୁ ଅସ୍ତ୍ରଶସ୍ତ୍ର ରହିଛି। ଆମେରିକା ଏହାକୁ ବୃଦ୍ଧି କରିବା ମୁଡରେ ନାହିଁ। ସେହିପରି ରାଷ୍ଟ୍ରପତି ଜୋ ବାଇଡେନ ମଧ୍ୟ ନିୟମିତ ଭାବେ ପରମାଣରୁ ନୀତିର ସମୀକ୍ଷା କରୁଛନ୍ତି।

## ଆସିଲା ବିଶ୍ୱର ପ୍ରଥମ କରୋନା ବଟିକା

**ନୂଆଦିଲ୍ଲୀ :** ମହାମାରୀ କରୋନା ସହ ଲଢ଼େଇ କରୁଥିବା ବିଶ୍ୱବାସୀଙ୍କୁ ଆଲୋକର ପର୍ବ ଦୀପାବଳିରେ ବହୁତ ବଡ଼ ଖୁସି ଖବର ମିଳିଛି। କାରଣ ବିଶ୍ୱବାସୀଙ୍କୁ ମିଳିଛି କରୋନା ବିରୋଧୀ ପ୍ରଥମ ବଟିକା। ବିଶ୍ୱର ପ୍ରଥମ କୋଭିଡ ବଟିକା ମୋଲନୁପିରାଭିରକୁ ଆଜି ବ୍ରିଟେନ ସରକାର ବ୍ୟବହାର ପାଇଁ ଅନୁମତି ଦେଇଛନ୍ତି।ଏହା ଲକ୍ଷଣ ଯୁକ୍ତ କରୋନା ରୋଗୀଙ୍କ ଚିକିତ୍ସାରେ ଗେମ ଚେଞ୍ଜର ସାବ୍ୟସ୍ତ ହେଉଥିବା ଟ୍ରାଏଲରୁ ଜଣାପଡ଼ିଥିଲା। ଏହାପରେ ବ୍ରିଟେନ ସରକାର ଏହାର ବ୍ୟବହାର ପାଇଁ ସର୍ତ୍ତମୂଳକ ଅନୁମତି ପ୍ରଦାନ କରିଛନ୍ତି। ବ୍ରିଟେନ ବିଶ୍ୱର ପ୍ରଥମ ରାଷ୍ଟ୍ର ଭାବେ କରୋନା ବଟିକାକୁ ଚିକିତ୍ସା ପ୍ରକ୍ରିୟାରେ ସାମିଲ କରିବାକୁ ଗ୍ରୀନ ସିଗ୍ନାଲ ଦେଇଛି ସତ, ହେଲେ ଅନ୍ୟ ରାଷ୍ଟ୍ରଗୁଡ଼ିକୁ ଏହି ବଟିକା କେବେ ମିଳିବ ସେକଥା କହିବାମ ମୁସ୍କିଲ। ବ୍ରିଟେନ ସରକାର କହିଛନ୍ତି, ମୋଲନୁଭିରାଭିରକୁ ଫାର୍ମା କମ୍ପାନୀ ମେର୍କ ଆଣ୍ଡ କୋ ପକ୍ଷରୁ ପ୍ରସ୍ତୁତ କରାଯାଇଛି। ଟ୍ରାଏଲ ବେଳେ ଏହା କରୋନା



ବିରୋଧରେ ସଫଳତାର ସହ କାମ କରୁଥିବା ପ୍ରମାଣ ମିଳିଛି। ଏଥିପାଇଁ ୧୮ ଓ ତା'ଠାରୁ ଅଧିକ ବୟସ୍କ କରୋନା ଆକ୍ରାନ୍ତଙ୍କ ଚିକିତ୍ସା କ୍ଷେତ୍ରରେ ଏହାକୁ ବ୍ୟବହାର କରାଯିବ। ସ୍ୱଳ୍ପରୁ ମଧ୍ୟମ ଧରଣର ଲକ୍ଷଣ ଥାଇ ହୋମ ଆଇସୋଲେସନରେ ଥିବା ଲୋକମାନେ ଦିନକୁ ଦୁଇ ଥର, ଏପରି ୫ ଦିନ ଏହି ବଟିକା ଖାଇବେ। ଏହା ଲକ୍ଷଣକୁ ବନ୍ଦ କରିବା ସହ ଜଣେ କରୋନା ଆକ୍ରାନ୍ତକୁ ଶୀଘ୍ର ସୁସ୍ଥ କରି ଦେଉଥିବା ଟ୍ରାଏଲରୁ ସ୍ପଷ୍ଟ ହୋଇଥିବା ବ୍ରିଟେନ ସରକାର କହିଛନ୍ତି। ଏହା ପୂର୍ବରୁ କମ୍ପାନୀ ଆମେରିକା ସରକାରଙ୍କ ନିକଟରେ ବଟିକାର ବ୍ୟବହାର ପାଇଁ ଆବେଦନ କରିଥିଲା। ଆମେରିକା ଓ ୟୁରୋପୀୟ ପ୍ୟାନେଲ ମଧ୍ୟ ଏହାର ସମୀକ୍ଷା କରୁଛନ୍ତି। କମ୍ପାନୀ ବଟିକାର ଏକାଧିକ ପରୀକ୍ଷା କରିଛି। ପରୀକ୍ଷାରୁ ଜଣାପଡ଼ିଛି ଯେ ଏହି ବଟିକା ହସ୍ପିଟାଲରେ ଭର୍ତ୍ତି ଓ ମୃତ୍ୟୁ ଆଶଙ୍କାକୁ ହ୍ରାସ କରିବାରେ ସକ୍ଷମ। ହସ୍ପିଟାଲରେ ଭର୍ତ୍ତି ହେବା ଓ ମୃତ୍ୟୁ ଆଶଙ୍କାକୁ ମୋଲନୁପିରାଭିର ପ୍ରାୟ ୫୦% ହ୍ରାସ କରୁଥିବା ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ଟ୍ରାଏଲରୁ ଜଣାପଡ଼ିଛି। ପରୀକ୍ଷାରେ ସାମିଲ ହୋଇଥିବା ୩୮୫ ଜଣଙ୍କ ମଧ୍ୟରୁ କେବଳ ୨୮ ଜଣ ହସ୍ପିଟାଲରେ ଭର୍ତ୍ତି ହେଉଛନ୍ତି କିମ୍ବା ପ୍ରାଣ ହରାଇଛନ୍ତି। ଅର୍ଥାତ ମାତ୍ର ୭.୩% ଲୋକ କରୋନାରେ ଗୁରୁତର ହେଉଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ୨୯ ଦିନର ପରୀକ୍ଷାରେ ସାମିଲ ହୋଇ ପ୍ଲାସେବୋ ଦ୍ୱାରା ଚିକିତ୍ସିତ ହେଉଥିବା ଲୋକଙ୍କ ମୃତ୍ୟୁହାର ୧୪.୧% ରହିଛି। ସେହିପରି ବଟିକା ଖାଉଥିବା ଲୋକଙ୍କ ଶରୀରରେ କୌଣସି ପ୍ରକାରର ପାର୍ଶ୍ୱପ୍ରତିକ୍ରିୟା ମଧ୍ୟ ଦେଖାଯାଉ ନାହିଁ। ଲକ୍ଷଣ ଦେଖା ଯିବାରୁ ୫ ଦିନ ମଧ୍ୟରେ ଏହି ବଟିକା ଖାଇବା ଦ୍ୱାରା ଜଣେ ରୋଗୀ ଗୁରୁତର ହେବେନି ବୋଲି କମ୍ପାନୀ ପକ୍ଷରୁ ଦାବି କରାଯାଇଛି।

## ଫେବୃଆରୀ ସୁଦ୍ଧା ଆଉ ୫ ଲକ୍ଷ ଲୋକ କରୋନାରେ ପ୍ରାଣ ହରାଇବେ !

**ଜେନେଭା :** ମହାମାରୀ କରୋନା ପୁଣିଥରେ ୟୁରୋପର ବିଭିନ୍ନ ଦେଶରେ ବଢ଼ିବାରେ ଲାଗିଛି। ରୁଷରେ ମଧ୍ୟ ଦୈନିକ ହଜାର ହଜାର ଲୋକ ପ୍ରାଣ ହରାଉଛନ୍ତି। ୟୁରୋପରେ ଏପରି ସଂକ୍ରମଣ ବଢ଼ିବା ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ') ମଧ୍ୟ ୟୁରୋପର ସଂକ୍ରମଣକୁ ନେଇ ଚିନ୍ତା ପ୍ରକଟ କରିଛି। ସେହିପରି ଆସନ୍ତାବର୍ଷ ଫେବୃଆରୀ ସୁଦ୍ଧା କରୋନା ଆଉ ୫ ଲକ୍ଷ ଲୋକଙ୍କ ଜୀବନ ମଧ୍ୟ ନେଇପାରେ ବୋଲି ହୁ' ଆକଳନ କରିଛି। ମୃତ୍ୟୁକୁ ରୋକିବାକୁ ହେଲେ ସତର୍କ ରହିବାକୁ ପଡ଼ିବ ବୋଲି ସଂଗଠନ ପକ୍ଷରୁ ପରାମର୍ଶ ଦିଆଯାଇଛି। ହୁ'ର ୟୁରୋପୀୟ ନିର୍ଦ୍ଦେଶକ ହାନସ କ୍ଲୁଗ କହିଛନ୍ତି, ବର୍ତ୍ତମାନ ୟୁରୋପର ୫୩ଟି ଦେଶରେ କରୋନା ସଂକ୍ରମଣ ବ୍ୟାପିବା ସବୁଠାରୁ ଚିନ୍ତାର ବିଷୟ। ଯଦି ଏପରି ସ୍ଥିତି ଜାରି ରହିବ, ତା'ହେଲେ ଫେବୃଆରୀ ସୁଦ୍ଧା ୟୁରୋପରେ ଆଉ ହାଫ ମିଲିୟନ ବା ୫ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିପାରେ। ତଥ୍ୟକୁ ଆକଳନ କରିବା ପରେ ଏପରି ତଥ୍ୟ ସାମ୍ନାକୁ ଆସିଛି। ପୁଣିଥରେ ୟୁରୋପ କରୋନାର ପ୍ରାଣକେନ୍ଦ୍ର ପାଲଟିଲାଣି। କରୋନା ସବୁ ବର୍ଗର ଲୋକଙ୍କୁ ଏବେ ସଂକ୍ରମିତ କରୁଛି। ଆବଶ୍ୟକ ଅନୁସାରେ ଟିକାକରଣ ସଂଖ୍ୟା ବୃଦ୍ଧି ନ କରିବା ଓ କଟକଣା ହଟାଇବା ପାଇଁ ସଂକ୍ରମଣ ବଢ଼ିବାର ମୂଳକାରଣ। ଯେଉଁ ସବୁ ଦେଶରେ ଟିକାକରଣ ହାର କମ ରହିଛି, ସେଠାରେ ଅଧିକ ସଂଖ୍ୟକ ଲୋକ ହସ୍ପିଟାଲରେ ଭର୍ତ୍ତି ହେଉଛନ୍ତି। ତେଣୁ ଆମକୁ ରଣନୀତି ବଦଳାଇବାକୁ ପଡ଼ିବ। ସଂକ୍ରମଣକୁ ରୋକିବାକୁ ହେଲେ ଟେଷ୍ଟ, ଟ୍ରାକ, ଟ୍ରିଟ୍ ଓ ଟିକାକଣରକୁ ଜୋରଦାର କରିବାକୁ ହେବ ବୋଲି ସେ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ବିଶେଷଜ୍ଞଙ୍କ ମତରେ କରୋନାର ନୂଆ ଭ୍ୟାରିଏଣ୍ଟ ହିଁ ସଂକ୍ରମଣର କାରଣ ସାଜିଛି। ୟୁରୋପରେ ସଂକ୍ରମଣ କମିବା ପରେ ସବୁ କଟକଣା ହଟାଇ ଦିଆଯାଇଛି। ଏଥିପାଇଁ କରୋନା ପୁଣିଥରେ ବ୍ୟାପିଛି। ଟିକାକରଣ ହୋଇଥିବା ସ୍ଥାନଗୁଡ଼ିକରେ ସଂକ୍ରମଣ ଅପେକ୍ଷାକୃତ କମ ରହିଛି। ହେଲେ ଟିକାକରଣ ସତ୍ତ୍ୱେ ରୁଷରେ ବିଭିନ୍ନ ସହରରେ ଲୋକମାନେ ପ୍ରାଣ ହରାଇବା ସମସ୍ତଙ୍କୁ ଭୟଭୀତ କରିଛି। ରୁଷରେ କାହିଁକି ଏତେ ସଂଖ୍ୟକ ଲୋକ ପ୍ରାଣ ହରାଉଛନ୍ତି, ତା'ର କାରଣ ବାହାର କରିବା ଦରକାର ବୋଲି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

## ଯବାନମାନେ ଭାରତ ମାତାର ସୁରକ୍ଷା କବଚ: ମୋଦି

**ଜମ୍ମୁ:** ଯବାନମାନେ ହେଉଛନ୍ତି ଭାରତ ମାତାର ସୁରକ୍ଷା କବଚ। ଯବାନମାନଙ୍କ ପାଇଁ ସମଗ୍ରଦେଶବାସୀ ଶାନ୍ତିରେ ଶୋଇପାରୁଛନ୍ତି। ଜମ୍ମୁର ରଜୌରୀ ଜିଲ୍ଲାର ନୌଶେରା ସେକ୍ଟରରେ ଯବାନମାନଙ୍କ ସହ ଦୀପାବଳି ପାଳିବା ଅବସରରେ ଏକଥା କହିଛନ୍ତି ପ୍ରଧାମମନ୍ତ୍ରୀ ନରେନ୍ଦ୍ର ମୋଦି। ସେନା କର୍ମଚାରୀଙ୍କ ସହ ସବୁ ବର୍ଷ ଦୀପାବଳି ପାଳନ କରି ଆସୁଥିବା ମୋଦି ଆଜି ସକାଳେ ନୌଶେରା ସେକ୍ଟରରେ ପହଞ୍ଚିଥିଲେ। ସେ ସେଠାରେ ପହଞ୍ଚିବା ପରେ ସେନାର ବରିଷ୍ଠ ଅଧିକାରୀ ଓ ଯବାନମାନଙ୍କୁ ଭେଟିଥିଲେ। ଦେଶର ସୁରକ୍ଷା ପାଇଁ ସୈନିକଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ, ମୁଁ ମୋ ପରିବାରର ସଦସ୍ୟଙ୍କ ସହ ଦୀପାବଳି ପାଳନ କରିବାକୁ ଚାହୁଁଛି। ତେଣୁ ମୁଁ ଆପଣଙ୍କ ସହ



ଯୋଗଦେଇଛି । ଆପଣମାନେ ମା' ଭାରତୀର ସୁରକ୍ଷା କବଚ। ଆପଣମାନଙ୍କ ଯୋଗୁ ଦେଶର ଲୋକମାନେ ଶାନ୍ତିରେ ଶୋଇପାରୁଛନ୍ତି ଏବଂ ପର୍ବପର୍ବାଣି ପାଳି ପାରୁଛନ୍ତି। ମୁଁ ପ୍ରତି ଦୀପାବଳି ସୀମାର ସୁରକ୍ଷା କରୁଥିବା ସୈନିକମାନଙ୍କ ସହ ବିତାଉଛି। ଆଜି ମୁଁ ଭାରତର କୋଟି କୋଟି ଲୋକଙ୍କ ଆଶୀର୍ବାଦ ନେଇ ଏଠାକୁ ଆସିଛି।

# ଦୀପାବଳି ଭେଟି ନା ନିର୍ବାଚନୀ ଚାଲ୍

**ନୂଆଦିଲ୍ଲୀ :** ଗତ କିଛି ଦିନ ଧରି ପେଟ୍ରୋଲ, ଡିଜେଲ ଦରରେ ଲାଗିଥିବା ନିଆଁ ଯୋଗୁ ତ୍ରାହି ତ୍ରାହି ଡାକୁଥିଲେ ସାଧାରଣ ଲୋକ। ମହଙ୍ଗା ମାଡ଼ରେ ଆଉଟ ପାଉଟ ହେଉଥିବା ଲୋକଙ୍କୁ ସାମାନ୍ୟ ଆଶ୍ୱସ୍ତି ଦେଇଛନ୍ତି କେନ୍ଦ୍ର ସରକାର। ଦୀପାବଳି ଭେଟି ସ୍ୱରୂପ କେନ୍ଦ୍ର ସରକାର ପେଟ୍ରୋଲର ଲିଟର ପିଛା ଦର ୫ ଟଙ୍କା ଓ ଡିଜେଲ ଦର ୧୦ ଟଙ୍କା ଉତ୍ପାତ ଶୁଳ୍କ ହ୍ରାସ କରିଛନ୍ତି। ଆଜିଠାରୁ ଏହି ପରିବର୍ତ୍ତିତ ଦର ଲାଗୁ ହୋଇଛି। ହେଲେ କେନ୍ଦ୍ର ସରକାର ସତରେ ଦେଶବାସୀଙ୍କୁ ଦିପାବଳୀ ଭେଟି ଦେଲେ ନା ଏହା ନିର୍ବାଚନୀ ଚାଲ୍ ତାକୁ ନେଇ ଆରମ୍ଭ ହୋଇଗଲାଣି ତର୍ଜମା। ବିଗତ କିଛି ଦିନ ମଧ୍ୟରେ ବିଭିନ୍ନ ରାଜ୍ୟରେ ଅନୁଷ୍ଠିତ ଉପ ନିର୍ବାଚନରେ ବିଜେପିକୁ ଶକ୍ତ ଝଟକା ଲାଗିଥିଲା। ବିଶେଷ କରି ହିମାଚଳ ପ୍ରଦେଶରେ ନିଜର ଗଡ଼ ଭାବେ ପରିଚିତ ମଣ୍ଡି ଲୋକସଭା ଆସନରେ ବିଜେପି ପରାଜୟର ସ୍ୱାଦ ଚାଖିଥିଲା। ଏହି ପରାଜୟ ପରେ ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ଜୟ ରାମ ଠାକୁର ଦର ବୃଦ୍ଧି ହିଁ ବିଜେପିର ପରାଜୟର କାରଣ ବୋଲି କହିଥିଲେ। ଏହି ବୟାନକୁ ୨୪ ଘଣ୍ଟା ନପୂରୁଣୁ କେନ୍ଦ୍ର ସରକାର ଉତ୍ପାଦ ଶୁଳ୍କ ହ୍ରାସ ସମ୍ପର୍କରେ ଘୋଷଣା କରିଛନ୍ତି। ଏବେ ପେଟ୍ରୋଲ, ଡିଜେଲ, ରୋଷେଇ ଗ୍ୟାସ୍ ସାଙ୍ଗକୁ ଖାଇବା ତେଲ ଦାମ ବଢ଼ି ଚାଲିଥିବା ବେଳେ ଏହା ମଧ୍ୟରେ ହୋଇଥିବା ଉପନିର୍ବାଚନର ଫଳାଫଳରେ ଲୋକଙ୍କ ଅସନ୍ତୋଷ ସ୍ପଷ୍ଟ ଭାବେ ବାରି ହୋଇପଡୁଛି। ଆସନ୍ତା ବର୍ଷ ଦେଶର ୫ଟି ରାଜ୍ୟ ଉତ୍ତରପ୍ରଦେଶ, ପଞ୍ଜାବ, ଗୋଆ, ମଣିପୁର ଓ ଉତ୍ତରାଖଣ୍ଡରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାର ଅଛି । ଆଗକୁ ଏହି ଧାରା ବଜାୟ ରହିଲେ ପରାଜୟର ସ୍ୱାଦ ଚାଖିବାକୁ ପଡ଼ିପାରେ ଭାବି ବିଜେପି ପକ୍ଷରୁ ଏପରି ଆଗୁଆ ପଦକ୍ଷେପ ନିଆଯାଇଥିବା ଆଲୋଚନା ହେଉଛି। କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ଉତ୍ପାଦ ଶୁଳ୍କ କମ୍ କରିବାକୁ ଘୋଷଣା କରିବା ପରେ ଏନଡିଏ ଶାସିତ ରାଜ୍ୟମାନେ ମଧ୍ୟ ତେଲ ଉପରୁ ଭାଟ କମ୍ କରିବାକୁ ଘୋଷଣା କରିଛନ୍ତି। ଫଳରେ ଏଥର ଦିପାବଳୀ ଅବସରରେ ବମ୍ପର ଭେଟି ପାଇଛନ୍ତି ଜନସାଧାରଣ। କେନ୍ଦ୍ର ସରକାରଙ୍କ ପରେ ପରେ ଆସାମ, ତ୍ରିପୁରା, ମଣିପୁର, କର୍ଣ୍ଣାଟକ ଓ



ଗୋଆ ସରକାର ଡିଜେଲ ପ୍ରତି ଲିଟର ୭ ଟଙ୍କା ଭାଟ କମ୍ କରିବାକୁ ଘୋଷଣା କରିଛନ୍ତି। ତେଣୁ ଏହି ଭାଟ ହ୍ରାସ ପରେ ଆଜିଠୁ ଆସାମ, ତ୍ରିପୁରା, ମଣିପୁର, କର୍ଣ୍ଣାଟକ ଓ ଗୋଆରେ ପେଟ୍ରୋଲ ଲିଟର ପିଛା ୧୨ ଟଙ୍କା ଓ ଡିଜେଲ ୧୭ ଟଙ୍କା କମ୍ ହେବ । ଉତ୍ତରାଖଣ୍ଡରେ ଲିଟର ପିଛା ୨ ଟଙ୍କା କମ୍ ହେବା ପରେ ପେଟ୍ରୋଲ ଲିଟ୍ ପିଛା ୭ ଟଙ୍କା ଓ ଡିଜେଲ ୧୨ ଟଙ୍କା ଶସ୍ତା ହୋଇଛି। ସିକିମ ମୁଖ୍ୟମନ୍ତ୍ରୀ ଟ୍ୱିଟ କରି ପେଟ୍ରୋଲ ଓ ଡିଜେଲ ଉପରୁ ଲିଟର ପିଛା ୭ ଟଙ୍କା ଲେଖା ଭାଟ୍ ହ୍ରାସ କରିବାକୁ ଘୋଷଣା କରିଛନ୍ତି। ଆସନ୍ତା ବର୍ଷ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ଥିବା ବେଳେ ଏହି ମଉକାକୁ ହାତ ଛଡ଼ା କରିବାକୁ ଚାହିଁ ନାହାନ୍ତି ଯୋଗୀ ସରକାର। କେନ୍ଦ୍ର ସରକାରଙ୍କ ଘୋଷଣା ପରେ ପରେ ଯୋଗୀ ଉଚ୍ଚସ୍ତରୀୟ ବୈଠକ ଡାକି ପେଟ୍ରୋଲ ଉପରେ ୭ ଟଙ୍କା ଓ ଡିଜେଲ ଉପରେ ୨ ଟଙ୍କା କମାଇବାକୁ ଘୋଷଣା କରିଛନ୍ତି। ଫଳରେ ୟୁପିରେ ଆଜିଠୁ ପେଟ୍ରୋଲ ଓ ଡିଜେଲ ୧୨ ଟଙ୍କା ଲେଖାଏ ଶସ୍ତା ହୋଇଛି। ସେହିପରି ବିହାରର ନିତିଶ କୁମାର ସରକାର ପେଟ୍ରୋଲ, ଡିଜେଲ ଉପରୁ ଭାଟ ହ୍ରାସ କରିଥିଲେ ବି ଏହା ଅନ୍ୟ ରାଜ୍ୟ ତୁଳନାରେ ଅପେକ୍ଷାକୃତ କମ୍ ରହିଛି। ନିତିଶ ସରକାର ପେଟ୍ରୋଲ ଉପରୁ ୧ଟଙ୍କା ୩୦ ପଇସା ଓ ଡିଜେଲ ଉପରୁ ୧ ଟଙ୍କା ୯୦ ପଇସା ଭାଟ ହ୍ରାସ କରିଛନ୍ତି। ତେଣୁ ବିହାରରେ ପେଟ୍ରୋଲ ୬ଟଙ୍କା ୩୦ ପଇସା ଓ ଡିଜେଲ ୧୧ଟଙ୍କା ୯୦ ପଇସା ଶସ୍ତା ହୋଇଛି। ହେଲେ ଦରଦାମ ବୃଦ୍ଧି ପ୍ରତିବାଦରେ ରାସ୍ତାକୁ ଓହ୍ଲାଇଥିବା ଓଡ଼ିଶାର ବିଜେଡି ସରକାର କିନ୍ତୁ ଏ ପର୍ଯ୍ୟନ୍ତ ଚୁପ୍ ରହିଛି। ବିଭିନ୍ନ ରାଜ୍ୟ ପକ୍ଷରୁ ଭାଟ୍ ହ୍ରାସ୍ କରିବାକୁ ଘୋଷଣା କରାଯିବା ପରେ ବି ଓଡ଼ିଶା ସରକାର ନିଜ ରାଜ୍ୟବାସୀଙ୍କୁ ଆଶ୍ୱସ୍ତି କରିବା ପରି କୌଣସି ନିଷ୍ପତ୍ତି ନେବାକୁ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଯାହାକୁ ନେଇ ଚର୍ଚ୍ଚା ଜୋର ଧରିଛି।

### ୯ରେ ନବୀନ-ଜଗନ ଆଲୋଚନା

# ଫୋକସ୍‌ରେ ପୋଲାଭରମ ଓ ନେରେଡ଼ି ବ୍ୟାରେଜ୍

**ଭୁବନେଶ୍ୱର :** ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ତଥା ୱାଇଏସଆର କଂଗ୍ରେସ ପାର୍ଟି ସୁପ୍ରିମୋ ୱାଇଏସ୍ ଜଗନ ମୋହନ ରେଡ୍ଡୀ ଆସନ୍ତା ନଭେମ୍ବର ୯ତାରିଖରେ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ସେ ଏହି ଗସ୍ତ କାଳରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିବା ସହ ଦୁଇ ରାଜ୍ୟ ମଧ୍ୟରେ ବିଭିନ୍ନ ଜଳ ପ୍ରକଳ୍ପକୁ ନେଇ ରହିଥିବା ବିବାଦ ପ୍ରସଙ୍ଗରେ ଆଲୋଚନା କରିବେ ବୋଲି ଜଣାପଡ଼ିଛି।ମିଳିଥିବା ସୂଚନା ଅନୁସାରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଶ୍ରୀ ରେଡ୍ଡୀ ଆସନ୍ତା ୯ତାରିଖ ପୂର୍ବାହ୍ନରେ ଭୁବନେଶ୍ୱରରେ ପହଞ୍ଚିବେ। ଏହାପରେ ଦୁଇ ମୁଖ୍ୟମନ୍ତ୍ରୀ ଏକ ଉଚ୍ଚସ୍ତରୀୟ ବୈଠକରେ ଦୁଇ ରାଜ୍ୟ ମଧ୍ୟରେ ରହିଥିବା ଜଳସେଚନ ପ୍ରକଳ୍ପର ସମୀକ୍ଷା କରିବେ। ବିଶେଷକରି ପୋଲାଭରମ ପ୍ରକଳ୍ପ ଯୋଗୁ ବିସ୍ଥାପିତ ହେବାକୁ ଥିବା ପରିବାର ଓ ଜଳମଗ୍ନ ଅଂଚଳ, ବାଶଧାରାରେ ନେରେଡ଼ି ବ୍ୟାରେଜ୍ ନିର୍ମାଣ ଓ ଝଞ୍ଜାବତୀ



ଜଳଭଣ୍ଡାରର ବନ୍ୟା ଜଳ ସମସ୍ୟାକୁ ନେଇ ରହିଥିବା ଦୁଇ ରାଜ୍ୟ ମଧ୍ୟରେ ବିବାଦ ପ୍ରସଙ୍ଗରେ ଏହି ବୈଠକରେ ଆଲୋଚନା ହେବ। ଦୁଇ ରାଜ୍ୟର ଜଳସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ବୈଠକରେ ଉପସ୍ଥିତ ରହିବେ।ଏହାବ୍ୟତୀତ ଦୁଇ ରାଜ୍ୟ ମଧ୍ୟରେ ସୀମାବିବାଦ ପ୍ରସଙ୍ଗରେ ମଧ୍ୟ ଆଲୋଚନା ହେବାର ସମ୍ଭାବନା ରହିଛି। କୋଟିଆରେ ଆନ୍ଧ୍ରପ୍ରଦେଶ ସରକାରଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଥିବାରୁ ଓଡ଼ିଶା ପକ୍ଷରୁ ଆପତ୍ତି ଉଠାଯିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଚଳିତବର୍ଷ ଏପ୍ରିଲ ୧୭ ତାରିଖରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଶ୍ରୀ ରେଡ୍ଡୀ ଚିଠି ଲେଖି ଦୁଇ ରାଜ୍ୟର ବିଭିନ୍ନ ଜଳସେଚନ ପ୍ରକଳ୍ପ ପ୍ରସଙ୍ଗରେ ଆଲୋଚନା ନିମନ୍ତେ ଭେଟିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ସମୟ ଲୋଡ଼ିଥିଲେ। ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏ ସମ୍ପର୍କରେ ସକାରାତ୍ମକ ଆଭିମୁଖ୍ୟ ପୋଷଣ କରି ତାଙ୍କୁ ଓଡ଼ିଶା ଆସିବା ପାଇଁ ଆମନ୍ତ୍ରଣ କରିବା ପରେ ଦୁଇ ନେତାଙ୍କ ମଧ୍ୟରେ ଏହି ବୈଠକ ଆସନ୍ତା ୯ତାରିଖରେ ହେବା ନିମନ୍ତେ ସ୍ଥିର କରାଯାଇଥିବା ଜଣାପଡ଼ିଛି।

## ଆଉଟସୋର୍ସିଂ କର୍ମଚାରୀଙ୍କ ଦରମା ୨୫% ବୃଦ୍ଧି

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଆଉଟସୋର୍ସିଂ ସଂସ୍ଥା ଜରିଆରେ ତଥା ଚୁକ୍ତିଭିତ୍ତିରେ ନିୟୋଜିତ ହୋଇଥିବା ବ୍ୟକ୍ତିମାନଙ୍କର ପାରିଶ୍ରମିକ ୨୫ ପ୍ରତିଶତ ବୃଦ୍ଧି କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ସମ୍ପର୍କରେ ଘୋଷଣା କରିଛନ୍ତି। ଏହାଦ୍ୱାରା ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗରେ ନିୟୋଜିତ ପ୍ରାୟ ୩୩ ହଜାର ବ୍ୟକ୍ତି ଉପକୃତ ହେବେ। ଏଥିପାଇଁ ରାଜ୍ୟ ସରକାରଙ୍କୁ ବାର୍ଷିକ ଅଧିକ ୧୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଆଉଟସୋର୍ସିଂ ଓ ଚୁକ୍ତି ଭିତ୍ତିରେ ନିୟୋଜିତ ଏହି ବ୍ୟକ୍ତିମାନଙ୍କର ଇ.ପି.ଏଫ୍. ଓ ଇ.ଏସ୍.ଆଇ. ପରି ବୈଧାନିକ ଦେୟ ସଂପୃକ୍ତ ସଂସ୍ଥା ପୈଠ କରିବେ। ସେମାନେ କାମ କରୁଥିବା ବିଭାଗର କର୍ତ୍ତୃପକ୍ଷ ଏହା ସୁନିଶ୍ଚିତ କରିବେ। ଉପରୋକ୍ତ ବୈଧାନିକ ଦେୟ ପୈଠ



କରିବାରେ ହେଳା କରୁଥିବା ସଂସ୍ଥାଗୁଡ଼ିକ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏତଦ୍ବ୍ୟତୀତ ସେମାନଙ୍କୁ ବର୍ଷକୁ ସର୍ବାଧିକ ୧୨ ଦିନ ଛୁଟି ମଞ୍ଜୁର କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଗର୍ଭବତୀ ମହିଳାମାନଙ୍କ କ୍ଷେତ୍ରରେ ମାତୃତ୍ୱ ଛୁଟି ପ୍ରଦାନ ବିଷୟ ବିଚାର କରି ଯଥାଶୀଘ୍ର ନିଷ୍ପତ୍ତି ନେବା ପାଇଁ ମୁଖ୍ୟମନ୍ତ୍ରୀ ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି।

## ସରକାରୀ ବିଭାଗ ପାଇଁ ଇ-ଫାଇଲିଂ ବାଧ୍ୟତାମୂଳକ

**କଟକ :** ବିଭିନ୍ନ ସମୟରେହାଇକୋର୍ଟଙ୍କ ନିର୍ଦ୍ଦେଶ ପାଇବା ପାଇଁ ସରକାରୀ ବିଭାଗକୁ ବହୁଦିନ ଅପେକ୍ଷା କରିବାକୁ ପଡୁଛି। ଏଣିକି ଏଭଳି ସମସ୍ୟା ଆଉ ରହିବ ନାହିଁ। ନୂଆ ବ୍ୟବସ୍ଥା ଅନୁସାରେ ହାଇକୋର୍ଟଙ୍କ ରାୟ ଓ ନିର୍ଦ୍ଦେଶ ସଂପର୍କିତ ସୂଚନା ବିଭିନ୍ନ ସରକାରୀ ବିଭାଗ ଗୁଡ଼ିକ ତୁରନ୍ତ ଇ-ମେଲ ମାଧ୍ୟମରେ ପାଇପାରିବେ। ଏଥିପାଇଁ ଅଟୋମେଟେଡ୍ ଇ-ମେଲ ଆଲର୍ଟ ବ୍ୟବସ୍ଥା ନଭେମ୍ବର ୧ରୁ ଆରମ୍ଭ କରାଯାଇଛି। ଏ ନେଇ ହାଇକୋର୍ଟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ହାଇକୋର୍ଟ ପ୍ରଦାନ କରୁଥିବା ରାୟ ଓ ନିର୍ଦ୍ଦେଶନାମା ୱେବ୍ସାଇଟ୍‌ରେ ଅପଲୋଡ୍ ହେବାକ୍ଷଣି ମାମଲାରେ ପକ୍ଷ ଥିବା ସମ୍ପୃକ୍ତ ସରକାରୀ ବିଭାଗର ଇ-ମେଲ୍‌ରୁ ଏହା ପଠାଯିବ। କେସ୍ ଇନଫରମେସନ ସିଷ୍ଟମ(ସିଆଇଏସ)ରେ ପଞ୍ଜୀକୃତ ସରକାରୀ ବିଭାଗ ଗୁଡିକ ଇ-ମେଲ ମାଧ୍ୟମରେ ଏପରି ଭାବେ ହାଇକୋର୍ଟଙ୍କ ନିର୍ଦ୍ଦେଶର କପି ପାଇପାରିବେ। ଇ-ମେଲ୍ ଆଲର୍ଟ ବ୍ୟବସ୍ଥା ସ୍ୱାଭାବିକ ଭାବେ କାର୍ଯ୍ୟ କରିବାଲାଗି ମାମଲା ଫାଇଲିଂ ଓ ରେଜିଷ୍ଟ୍ରେସନ ସମୟରେ ବିଭିନ୍ନ ସରକାରୀ ବିଭାଗକୁ ଠିକ ଭାବେ ଟ୍ୟାଗ୍ କରାଯିବ। ସିଆଇଏସରେ ସବୁ ସରକାରୀ ବିଭାଗର ମାଷ୍ଟର ଡାଟା ରଖାଯିବ। ବିଭିନ୍ନ ସରକାରୀ ବିଭାଗର ନୋଡାଲ ଅଫିସର, ଇ-ମେଲ ଆଇଡି ଓ ଅନ୍ୟାନ୍ୟ ତଥ୍ୟ ସଂଲଗ୍ନ କରିବା ସହିତ ଏ ସଂପର୍କିତ ବିସ୍ତୃତ ତଥ୍ୟ ଅପଗ୍ରେଡ୍ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ନଭେମ୍ବର ୧ ତାରିଖରୁ ରାଜ୍ୟ ସରକାରଙ୍କ ପ୍ରତି ବିଭାଗ ପାଇଁ ହାଇକୋର୍ଟରେ ମାମଲା ଗୁଡିକର ଇ-ଫାଇଲିଂକୁ ବାଧ୍ୟତାମୂଳକ କରାଯାଇଛି। ଇ-ଫାଇଲିଂ ପରେ ଏହାର ହାର୍ଡକପି ଦାଖଲ କରାଯିବା ଆବଶ୍ୟକ ନାହିଁ ବୋଲି କୁହାଯାଇଛି। ଇ-ଫାଇଲିଂ ପୋର୍ଟାଲ ମାଧ୍ୟମରେ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ଓ ଏଜେନ୍ସି ଗୁଡ଼ିକ ଇ-ଫାଇଲିଂ ବ୍ୟବସ୍ଥା ଦ୍ୱାରା ମାମଲା ଦାୟର କରିବେ। ଇ-ଫାଇଲିଂ ମାଧ୍ୟମରେ ଦାଖଲ କରାଯାଉଥିବା ଡକ୍ୟୁମେଣ୍ଟର ହାର୍ଡ କପି ଦାଖଲ ଆବଶ୍ୟକ ନାହିଁ। ଇ-ଫାଇଲିଂ ମାଧ୍ୟମରେ ଦାଖଲ ମାମଲା ସଂପର୍କିତ ଅରିଜିନାଲ ଡକ୍ୟୁମେଣ୍ଟ ପକ୍ଷ ପାଖରେ ରଖିବେ। ଏହି ପ୍ରସଂଗରେ ସମସ୍ୟା ହେଲେ ହାଇକୋର୍ଟଙ୍କ ଇ-ଫାଇଲିଂ ଷ୍ଟେସନର ସହାୟତା ନିଆଯାଇ ପାରିବ ବୋଲି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି। ସେହିପରି କେନ୍ଦ୍ର ସରକାରଙ୍କ ପାଇଁ ଆସନ୍ତା ଡିସେମ୍ବର ୧ତାରିଖରୁ ହାଇକୋର୍ଟରେ ମାମଲା ଗୁଡିକର ଇ-ଫାଇଲିଂ ବାଧ୍ୟତାମୂଳକ କରାଯାଇଛି ବୋଲି ସୂଚନା ମିଳିଛି।

## ବିଏଚ୍ ସିରିଜ୍ ଗାଡ଼ି ପଞ୍ଜୀକରଣରେ ଓଡ଼ିଶା ଦେଶରେ ଆଗୁଆ

**ଭୁବନେଶ୍ୱର :** ବାହାର ରାଜ୍ୟକୁ ଗାଡ଼ି ନେଇକି ଗଲେ ବି ପୁଣି ସେଠାରେ ଯେପରି ପଞ୍ଜୀକରଣ କରିବାକୁ ପଡ଼ିବନି ସେଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଏଚ୍ ସିରିଜ୍ ପଞ୍ଜୀକରଣ ବ୍ୟବସ୍ଥା ଆରମ୍ଭ ହୋଇଛି। ଏଥିରେ ଏବେ ଓଡ଼ିଶା ସାରା ଦେଶରେ ଆଗରେ ଅଛି। ନଭେମ୍ବର ୧୦ତାରିଖସୁଦ୍ଧା ସାରା ଦେଶରେ ୧୮୨ଟି ନୂଆ ଗାଡ଼ିର ବିଏଚ୍ ସିରିଜ୍ ପଞ୍ଜୀକରଣ ହୋଇଥିବାବେଳେ ଏଥିରେ ଓଡ଼ିଶାର ୮୧ଟି ଗାଡ଼ି ଅଛି। ଯାହା ମୋଟ୍ ପଞ୍ଜୀକରଣର ୪୫%। ଓଡ଼ିଶାରେ ଦେଶର ସବୁଠୁ ଅଧିକ ଗାଡ଼ି ବିଏଚ୍ ସିରିଜ୍ ପଞ୍ଜୀକରଣ ହେବା ଏବେ ଜାତୀୟସ୍ତରରେ ଚର୍ଚ୍ଚାର ବିଷୟ ପାଲଟିଛି। ଓଡ଼ିଶା ପଛକୁ ଦିଲ୍ଲୀ ଏହି ତାଲିକାରେ ଅଛି। ମୁମ୍ବାଇ, ଦିଲ୍ଲୀ, ବେଙ୍ଗାଲୁର, ହାଇଦ୍ରାବାଦ ଭଳି ବଡ଼ ବଡ଼ ସହରକୁ ପଛରେ ପକାଇ ଓଡ଼ିଶା ଏହି ତାଲିକାରେ ଆଗରେ ଥିବାରୁ ରାଜ୍ୟ ସରକାର ଏହି ପଞ୍ଜୀକରଣ ସଂଖ୍ୟା ଆହୁରି ବଢ଼ାଇବାକୁ ବଡ଼ ନିଷ୍ପତ୍ତି ନେଇଛନ୍ତି। କେତେକ ରାଜ୍ୟରେ ବିଏଚ୍ ସିରିଜ୍ ପଞ୍ଜୀକରଣ ବ୍ୟବସ୍ଥା ଆରମ୍ଭ ହୋଇନଥିବାରୁ ବାହାରେ ରାଜ୍ୟରେ ଓଡ଼ିଆମାନେ ହଇରାଣ ହେଉଛନ୍ତି। ତେଣୁ ବାହାର ରାଜ୍ୟରେ ଓଡ଼ିଆମାନେ ଗାଡ଼ି କିଣିଲେ ସେଠାରେ ସାମୟିକ ପଞ୍ଜୀକରଣ କରି ନମ୍ବର ଆଣିଲେ ଓଡ଼ିଶାରେ ବିଏଚ୍ ସିରିଜ୍ ପଞ୍ଜୀକରଣ କରିପାରିବେ। ଏହି ନିୟମ ଆଜିଠାରୁ ରାଜ୍ୟ ସରକାର ଲାଗୁ କରିଛନ୍ତି। ସୂଚନାଯୋଗ୍ୟ ଯେ, କେନ୍ଦ୍ର ସରକାର ସେପ୍ଟେମ୍ବର ୧୫, ୨୦୨୧ରେ ବିଏଚ୍ ସିରିଜ୍ ପଞ୍ଜୀକରଣ ବ୍ୟବସ୍ଥା ଆରମ୍ଭ କରିଥିବାବେଳେ ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ଏହାକୁ ଲାଗୁ କରିଥିଲା। ବିଏଚ୍ ସିରିଜ୍ ପଞ୍ଜୀକରଣ କରିବା ପାଇଁ ଗାଡ଼ିର ମାଲିକ ରାଜ୍ୟ ସରକାର, କେନ୍ଦ୍ର ସରକାରଙ୍କ କର୍ମଚାରୀ ହୋଇଥିବେ କିମ୍ବା କୌଣସି ପିଏସ୍ୟୁରେ କାମ କରୁଥିବା ଦରକାର। ଯେଉଁ ସଂସ୍ଥାରେ କାମ କରୁଥିବେ ତା'ର ୪ଟି ରାଜ୍ୟରେ ଅଫିସ୍ ଥିବ। ଓଡ଼ିଶାରେ ଏବେ ଗାଡ଼ି କିଣିଲେ ୧୫ବର୍ଷ ପାଇଁ ଟିକସ ଦେବାକୁ ପଡୁଥିବାବେଳେ ବିଏଚ୍ ସିରିଜ୍ ପଞ୍ଜୀକରଣରେ ଦୁଇ ବର୍ଷ ଟିକସ ଦେବାକୁ ପଡ଼ିବ।

# କରୋନାରେ ବାଧ୍ୟତାମୂଳକ ଶିକ୍ଷାରୁ ବଞ୍ଚିତ ୫୭% ପିଲା

**ଭୁବନେଶ୍ୱର :** କରୋନା ବଦଳାଇ ଦେଇଛି ପିଲାଙ୍କ ପାଠପଢ଼ା। କେବଳ ଯେ ଗ୍ରାମାଞ୍ଚଳ, ଉପାନ୍ତ କିମ୍ବା ପଛୁଆ ଅଞ୍ଚଳର ପିଲା ପ୍ରଭାବିତ ହୋଇଛନ୍ତି ତାହା ନୁହେଁ; ବରଂ ସହରାଞ୍ଚଳର ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ବି ପ୍ରଭାବିତ ହୋଇଛନ୍ତି। କରୋନା ସମୟରେ ଭୁବନେଶ୍ୱର, କଟକ, ପୁରୀ, ବ୍ରହ୍ମପୁର, ରାଉରକେଲା ପରି ସହରର ୬ରୁ ୧୪ବର୍ଷ ବୟସର ୫୭ପ୍ରତିଶତ ଛାତ୍ରଛାତ୍ରୀ ମାଗଣା ତଥା ବାଧ୍ୟତାମୂଳକ ଶିକ୍ଷା ପାଇବାରୁ ବଞ୍ଚିତ ହୋଇଛନ୍ତି। ୧୭% ଛାତ୍ରଛାତ୍ରୀ ଅସୁରକ୍ଷିତ ସ୍ଥାନରେ ଏକାକୀ ରହୁଛନ୍ତି ଏବଂ ବିଭିନ୍ନ ପ୍ରକାରର ଶୋଷଣର ଶିକାର ହେଉଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ଅନ୍ୟ ରାଜ୍ୟକୁ ପଳାଇଛନ୍ତି। ୟୁନିସେଫ୍, ସେଭ୍ ଦି ଚିଲଡ୍ରେନ୍ ଓ ଚାଇଲ୍ଡ ଲାଇନ୍ ସହଯୋଗରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ(ଓଏସ୍‌ପିପିସିଆର) ପକ୍ଷରୁ କରାଯାଇଥିବା ସର୍ଭେରେ ଏଭଳି ତଥ୍ୟ ସାମ୍ନାକୁ ଆସିଛି। ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହେଉଛି; ରାସ୍ତାପାର୍ଶ୍ୱର ୪୭% ପିଲା ପାଞ୍ଚବର୍ଷରୁ ଅଧିକ ସମୟ ଧରି ସହରରେ ରହୁଥିଲେ ମଧ୍ୟ ସେମାନଙ୍କୁ ଚିହ୍ନଟ କିମ୍ବା ପୁନଃଥଇଥାନ କରାଯାଇନାହିଁ। ଅବହେଳିତ ତଥା ରାସ୍ତାପାର୍ଶ୍ୱ ଲୋକଙ୍କ ରହିବା ପାଇଁ ସହରଗୁଡ଼ିକରେ ଆଶ୍ରୟସ୍ଥଳର ବ୍ୟବସ୍ଥା ହୋଇଛି। ମାତ୍ର ଦେଖାଯାଇଛି ଯେ ୫୬% ପିଲା ଅଧିକ ସୁରକ୍ଷା ପାଇଁ ବାସସ୍ଥାନ ସ୍ଥାନାନ୍ତର କରିଛନ୍ତି। ବହୁ ଛାତ୍ରଛାତ୍ରୀ ସେମାନଙ୍କ ପିତାମାତାଙ୍କ ସହ ରୁହନ୍ତି। ଏହି ପିଲାଙ୍କର ପିତାମାତା ଦିନମଜୁରିଆ, ଲଗେଜ୍ ଉଠାନ୍ତି, ଘରୋଇ କାମ, ଭିକ୍ଷାବୃତ୍ତି କରିବା, ଷ୍ଟ୍ରିଟ୍ ଭେଣ୍ଡିଂ ଆଦି କାର୍ଯ୍ୟ କରି ମାସିକ ହାରାହାରି ଆୟ ୧ରୁ ୫ ହଜାର ଟଙ୍କା ପାଇଥା'ନ୍ତି। ଯାହାଦ୍ୱାରା ସେମାନେ ନିଜ ପିଲାଙ୍କ ଠିକ୍ ଭାବେ ଯତ୍ନ ନେଇପାରନ୍ତି ନାହିଁ। ଦେଶବ୍ୟାପୀ ଲକ୍‌ଡାଉନ୍ ସମୟରେ ସେମାନଙ୍କ ଜୀବିକା ନିର୍ବାହ ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। କୌଣସି କାମ



ମିଳି ନ ଥିଲା। ଭିକ୍ଷାବୃତ୍ତି ବି କରିପାରି ନଥିଲେ। ରାସ୍ତାପାର୍ଶ୍ୱର ପ୍ରାୟ ୬୬% ପିଲାଙ୍କର ରାସନ କାର୍ଡ ନାହିଁ। ନିର୍ମାଣ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ପରିବାରର ୫୫% ଲୋକ ଲକ୍‌ଡାଉନ୍ ଓ ସଟ୍‌ଡାଉନ୍ ସମୟରେ ସରକାରୀ ରିଲିଫ୍ ପାଇବାକୁ ବଞ୍ଚିତ ହୋଇଛନ୍ତି। କୋଭିଡ୍-୧୯ ସମ୍ପର୍କରେ ୮୭% ପିଲା ଅବଗତ ଥିଲେ। ପ୍ରତିରୋଧକ ନିୟମ ଯେପରିକି ସାମାଜିକ ଦୂରତା, ମାସ୍କ ବ୍ୟବହାର ଓ ହାତ ଧୋଇବା ଉପରେ ପ୍ରାଥମିକତା ଦେଉଥିଲେ। ମାତ୍ର ସେମାନଙ୍କ ନିକଟରେ ମାସ୍କ କିମ୍ବା ସାବୁନ୍ ପାଇଁ ଅର୍ଥ ନ ଥିଲା। କରୋନା ସମୟରେ ଘରୋଇସ୍ତରରେ ପିଲାଙ୍କୁ ପର୍ଯ୍ୟାପ୍ତ ଖାଦ୍ୟ ମିଳି ନ ଥିଲା। ସର୍ଭେ ବେଳେ ଜଣାପଡ଼ିଥିଲା ଯେ ୩୭% ଉତ୍ତରଦାତା କେବେ ବି ବିଦ୍ୟାଳୟରେ ନାମ ଲେଖାଇ ନାହାନ୍ତି। ୧୭% ପିଲା ସ୍କୁଲ ଛାଡ଼ିଛନ୍ତି। ୬ରୁ ୧୪ବର୍ଷ ବୟସର ପିଲାଙ୍କ ମଧ୍ୟରୁ ମାତ୍ର ୨୬% ବିଦ୍ୟାଳୟରେ ନାମ ଲେଖାଇବା ସହ କାର୍ଯ୍ୟ କରୁଛନ୍ତି। ରାସ୍ତାପାର୍ଶ୍ୱର ୯୧% ପିଲା ଭିକ ମାଗିବା, ବ୍ୟାଗ୍ ଉଠାଇବା, ଷ୍ଟ୍ରିଟ୍ ଭେଣ୍ଡିଂ ଆଦି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ୬୮% ପିଲା ଶିଶୁ ଓ କିଶୋର ଶ୍ରମ ସୁରକ୍ଷା ଓ ନିଷେଧ ଆଇନ ଉଲ୍ଲଂଘନ କରୁଛନ୍ତି। ସର୍ଭେରୁ ଆହୁରି ଜଣାପଡ଼ିଛି ଯେ ରାସ୍ତାପାର୍ଶ୍ୱରେ ରହୁଥିବାରୁ ୧୮% ଛାତ୍ରଛାତ୍ରୀ ନିଜକୁ ଅସୁରକ୍ଷିତ ମଣିଛନ୍ତି। ସେମାନଙ୍କ ମଧ୍ୟରେ ଯୌନଶୋଷଣର ଭୟ ପ୍ରକାଶ ପାଇଛି। ସହରରେ ମଦ୍ୟପଙ୍କ ଉତ୍ପାତ, ଡକାୟତି ଆଦି ଭୟ ମଧ୍ୟ ରହିଥିଲା।

## ପୁରୀ ଜିଲ୍ଲାକୁ କାଳିଆ ସହାୟତା

**ପୁରୀ :** ୨୦୨୧-୨୨ ରବି ଋତୁ ପାଇଁ ପୁରୀ ଜିଲ୍ଲାର ଚାଷୀମାନେ କାଳିଆ ସହାୟତା ଭାବରେ ୨୦୦୦ ଟଙ୍କା ଲେଖାଏଁ ସହାୟତା ପାଇବେ। ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନେଇ ଘୋଷଣା କରିଛନ୍ତି। ଜିଲ୍ଲାର ୧,୬୫,୧୩୧ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୩୩.୦୩କୋଟି ଟଙ୍କା ଦେବା ନେଇ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଟଙ୍କା ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଖାତାରେ ଜମା କରାଯିବ।ସୂଚନାଯୋଗ୍ୟ ଯେ, ସେପ୍ଟେମ୍ବର ୧୧ ତାରିଖରେ ମୁଖ୍ୟମନ୍ତ୍ରୀ ସାରା ରାଜ୍ୟର ୩୭,୧୨,୯୪୧ ଜଣ ଚାଷୀଙ୍କୁ ୭୪୨.୫୮ କୋଟି ଟଙ୍କାର କାଳିଆ ସହାୟତା ବଣ୍ଟନ କରିଥିଲେ। ପିପିଲି ଉପନିର୍ବାଚନ ପାଇଁ ପୁରୀ ଜିଲ୍ଲାର ଚାଷୀମାନଙ୍କୁ ଏହି ସହାୟତା ପ୍ରଦାନ କରାଯାଇପାରିନଥିଲା। ରାଜ୍ୟର କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀ ପରିବାରମାନଙ୍କୁ କୃଷି କାର୍ଯ୍ୟରେ ସହାୟତା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାଳିଆ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସାରା ଦେଶରେ ଚାଷୀମାନଙ୍କ କଲ୍ୟାଣ ପାଇଁ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। ଏଥିରେ ଚାଷୀମାନେ ବିଭିନ୍ନ କୃଷିସାମଗ୍ରୀ ଯଥା- ବିହନ, ସାର ତଥା କୀଟନାଶକ ଓ କୃଷି ଯନ୍ତ୍ରପାତି କିଣିବା ପାଇଁ ଆନୁସଙ୍ଗିକ ଆର୍ଥିକ ସୁବିଧା ପାଇପାରୁଛନ୍ତି।

## ୨୦୨୨ ମାର୍ଚ୍ଚ ସୁଦ୍ଧା ଶେଷ ହେବ ଉତ୍କଳମଣିଙ୍କ ଜନ୍ମପୀଠ ବିକାଶ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ

**ଭୁବନେଶ୍ୱର:** ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ବିକାଶ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିବା ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରୁ ଜଣାପଡିଛି। ପ୍ରକଳ୍ପ ଅଧୀନ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରି ସେସବୁର ନିର୍ମାଣ କାର୍ଯ୍ୟ ୨୦୨୨ ମାର୍ଚ୍ଚ ମାସ ମଧ୍ୟରେ ଶେଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ପ୍ରକଳ୍ପ ପାଇଁ ପ୍ରାୟ ୧୫.୧୬ କୋଟି ଟଙ୍କାର ବ୍ୟୟ ଅଟକଳ ମଞ୍ଜୁର କରାଯାଇଛି। ରାଜ୍ୟ ଲୋକସେବା ଭବନରୁ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଆ ଭାଷା ସଂସ୍କୃତି ଓ ସାହିତ୍ୟ ବିଭାଗ ଶାସନ ସଚିବ ସୁରେଶ ଚନ୍ଦ୍ର ଦଳାଇ ପୁରୀ ଜିଲା ଅଧୀନ ସୁଆଣ୍ଡୋ ଗ୍ରାମ ଏବଂ ସେଠାରେ ଥିବା ଗୋପବନ୍ଧୁଙ୍କ ଜନ୍ମପୀଠର ସାମଗ୍ରିକ ବିକାଶ ପ୍ରକଳ୍ପ ସମ୍ବନ୍ଧିତ ସଦ୍ୟତନ ତଥ୍ୟ ଉପସ୍ଥାପନ କରିଥିଲେ। ସମୀକ୍ଷାରୁ ଜଣାପଡିଥିଲା ଯେ ଗୋପବନ୍ଧୁଙ୍କ ଜନ୍ମପୀଠରେ ଥିବା ଶିବ ମନ୍ଦିର, ଦୁଇଟି ପୋଖରୀ, ପୈତୃକ ବାସଗୃହ, ଗ୍ରାମକୁ ରାସ୍ତା, ଜନ୍ମପୀଠ ପରିକ୍ରମା ରାସ୍ତା, ପାର୍କ ଆଦିର ବିକାଶ ପାଇଁ କ୍ଷେତ୍ରସ୍ତରୀୟ କାର୍ଯ୍ୟ ଇତି ମଧ୍ୟରେ ତ୍ୱରାନ୍ୱିତ ହୋଇଛି। ଏସବୁ ସହ ସେଠାରେ ଗୋପବନ୍ଧୁ ସ୍ମୃତି ସଂଗ୍ରହାଳୟ, ସୂଚନା କେନ୍ଦ୍ର ଏବଂ ଆତିଥ୍ୟ କେନ୍ଦ୍ର ମଧ୍ୟ ନିର୍ମାଣ କରାଯାଉଛି। ଇତି ମଧ୍ୟରେ ଶିବ ମନ୍ଦିରର ମୂଳଦୁଆ ସଂରକ୍ଷଣ ପିଷ୍ଟର ବିକାଶ, ଦଧିନଉତି, ମନ୍ଦିର ପରିକ୍ରମା ରାସ୍ତା ଆଦି କାର୍ଯ୍ୟ ବିଶେଷ ଭାବେ ଅଗ୍ରଗତି କରିଛି। ପ୍ରଥମ ପୋଖରୀର ପୁନଃ ଖନନ, ଉଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପ୍ରାୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସଂଗ୍ରହାଳୟର ଘର ନିର୍ମାଣ ସରିଛି। ବିଦ୍ୟୁତକରଣ ଏବଂ ଶେଷ ପର୍ଯ୍ୟାୟ କାର୍ଯ୍ୟ ଚାଲୁ ରହିଛି। ସେହିପରି ଆତିଥ୍ୟ କେନ୍ଦ୍ରର ବିଭିନ୍ନ ବିଭାଗ କାମ ମଧ୍ୟ ଚାଲୁ ରହିଛି। ଦ୍ୱିତୀୟ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ଚଳିତ ମାସ ମଧ୍ୟରେ ଆରମ୍ଭ କରିବାକୁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। ଗୋପବନ୍ଧୁ ଦାସଙ୍କର ପ୍ରାୟ ୧୫ ଫୁଟ ଉଚ୍ଚତା ବିଶିଷ୍ଟ ପ୍ରତିମୂର୍ତ୍ତି, ପୈତୃକ ଗୃହର ପୁନଃ ବିକାଶ ଆଦି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମଧ୍ୟ ମୁଖ୍ୟ ଶାସନ ସଚିବ ପୁରୀ ଜିଲା ପ୍ରଶାସନ ଏବଂ ଓଡ଼ିଆ ଭାଷା, ସଂସ୍କୃତି ଓ ସାହିତ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ପୁନଃରୁଦ୍ଧାର କାର୍ଯ୍ୟ ପାଇଁ ଆବଶ୍ୟକୀୟ ପଥର ଯୋଗାଣ ଅବ୍ୟାହତ ରଖିବା ନିମନ୍ତେ ଓଡ଼ିଶା ଖଣି ନିଗମଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

### କେନ୍ଦ୍ର ପରେ ରାଜ୍ୟ ନେଲା ବଡ଼ ନିଷ୍ପତ୍ତି

# ତେଲ ଉପରୁ କମାଇଲା ୩ ଟଙ୍କା ଭାଟ୍

**ଭୁବନେଶ୍ୱର :** ଦୀପାବଳିରେ ଭେଟି ଦେଲେ ରାଜ୍ୟ ସରକାର। ଗତକାଲି କେନ୍ଦ୍ର ସରକାର ପେଟ୍ରୋଲ ଉପରୁ ୫ ଟଙ୍କା ଡିଜେଲ ଉପରୁ ୧୦ ଟଙ୍କା ଉତ୍ପାଦ ଶୁଳ୍କ ହ୍ରାସ କରିବା ପରେ ରାଜ୍ୟ ସରକାର ନେଇଛନ୍ତି ବଡ଼ ନିଷ୍ପତ୍ତି। ରାଜ୍ୟ ସରକାର ବି ପେଟ୍ରୋଲ ଓ ଡିଜେଲ ଉପରୁ ୩ ଟଙ୍କା ଭାଟ୍ ହ୍ରାସ କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଏହି ଭାଟ ହ୍ରାସ ୫ ତାରିଖ ମଧ୍ୟରାତ୍ରରୁ ଲାଗୁ ହୋଇଛି। କେନ୍ଦ୍ର ସରକାର ପେଟ୍ରୋଲ ଲିଟର ପିଛା ଦର ୫ ଟଙ୍କା ଓ ଡିଜେଲ ଦର ୧୦ ଟଙ୍କା ହ୍ରାସ କରିଥିଲେ। ଆଜିଠାରୁ ଏହି ପରିବର୍ତ୍ତିତ ଦର ଲାଗୁ ହୋଇଛି। କେନ୍ଦ୍ର ସରକାର ତୈଳ ଦର ଉପରେ ଲାଗୁଥିବା ଉତ୍ପାଦ ଶୁଳ୍କ ହ୍ରାସ କରିଥିବାରୁ ପେଟ୍ରୋଲ ଓ ଡିଜେଲ ଦାମ ହ୍ରାସ ପାଇଥିଲା। ଗତକାଲି କେନ୍ଦ୍ର ସରକାର ଶୁଳ୍କ ହ୍ରାସ କଲା ପରେ ଅନେକ ରାଜ୍ୟ ଭାଟ୍ ହ୍ରାସ କରିଥିଲେ। ଭାଟ ହ୍ରାସ ଦ୍ୱାରା ରାଜ୍ୟର ୨ ହଜାର କୋଟିର ଟଙ୍କା କ୍ଷତି ହେବ ବୋଲି ଜଣାଯାଇଛି। କିଛି ଦିନ ତଳେ ପେଟ୍ରୋଲ ଓ ଡିଜେଲ ଦର ବଢ଼ି ରେକର୍ଡ ସ୍ତରରେ ପହଞ୍ଚିଥିଲା। ଯାହାଫଳରେ ସାଧାରଣ ଲୋକ ହଇରାଣ ହରକତ ହେଉଥିଲେ। ଗତକାଲି ପେଟ୍ରୋଲ ଓ ଡିଜେଲ ଦର କେନ୍ଦ୍ର ସରକାର ହ୍ରାସ କରିଥିବା ବେଳେ ଆଜି ରାଜ୍ୟ ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ୩ ଟଙ୍କା ଭାଟ୍ ହ୍ରାସ କରିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ପେଟ୍ରୋଲ ଉପରେ ଲାଗୁଥିବା ଉତ୍ପାଦ ଶୁଳ୍କକୁ କେନ୍ଦ୍ର ସରକାର ୧୯.୯୮ ଟଙ୍କାରୁ ବଢ଼ାଇ ୩୨.୯ ଟଙ୍କାରେ ପହଞ୍ଚାଇଥିଲେ। ଏବେ କିନ୍ତୁ ଉତ୍ପାଦ ଶୁଳ୍କ ମାତ୍ର ୫ ଟଙ୍କା ହ୍ରାସ କରାଯାଇଛି। କେନ୍ଦ୍ର ପକ୍ଷରୁ ପେଟ୍ରୋଲ ଓ ଡିଜେଲ ଉପରୁ ଉତ୍ପାଦ ଶୁଳ୍କ କମାଯିବା ପରେ ରାଜ୍ୟ ସରକାରମାନଙ୍କୁ ମଧ୍ୟ ପେଟ୍ରୋଲ ଓ ଡିଜେଲ ଉପରେ ଲାଗୁ କରୁଥିବା ଭ୍ୟାଟ କମ କରିବାକୁ ପରାମର୍ଶ ଦିଆଯାଇଥିଲା। ରାଜ୍ୟ ସରକାର ଭ୍ୟାଟ ହ୍ରାସ କଲେ ଲୋକମାନେ ମହଙ୍ଗା ମାଡ଼ରୁ ଆଶ୍ୱସ୍ତି ପାଇବେ ବୋଲି କେନ୍ଦ୍ର ସରକାର କହିଥିଲେ। ଏହାପରେ ଗତକାଲି ବିଜେପି ଶାସିତ ରାଜ୍ୟ ସରକାର ତେଲ ଉପରୁ ଭାଟ ହ୍ରାସ କରିଥିଲେ। କେନ୍ଦ୍ର ସରକାରଙ୍କ ପରେ ପରେ ୟୁପି, ଆସାମ, ତ୍ରିପୁରା, ମଣିପୁର, କର୍ଣ୍ଣାଟକ ଓ ଗୋଆ,ଉତ୍ତରାଖଣ୍ଡ, ସିକିମ, ବିହାର, ସରକାର ତେଲ ଉପରେ ଭାଟ କମ୍ କରିବାକୁ ଘୋଷଣା କରିଥିଲେ। ଏହାପରେ ଆଜି



ଓଡ଼ିଶା ସରକାରଙ୍କ ପକ୍ଷରୁ ଏ ନେଇ ଘୋଷଣା କରାଯାଇଛି। କରୋନା ମହାମାରୀ ସମୟରେ ଲୋକେ ବେରୋଜଗାର ହୋଇପଡ଼ିଥିବା ବେଳେ ପେଟ୍ରୋଲ, ଡିଜେଲ, ରୋଷେଇ ଗ୍ୟାସ୍ ସାଙ୍ଗକୁ ଖାଇବା ତେଲର ଦାମ ବୃଦ୍ଧି ସେମାନଙ୍କୁ ଅଣନିଶ୍ୱାସ କରି ପକାଇଥିଲା। ଏହା ମଧ୍ୟରେ ହୋଇଥିବା ଉପନିର୍ବାଚନର ଫଳାଫଳରେ ଲୋକଙ୍କ ଅସନ୍ତୋଷ ସ୍ପଷ୍ଟ ଭାବେ ବାରି ହୋଇପଡୁଛି। ଆସନ୍ତା ବର୍ଷ ଦେଶର ୫ଟି ରାଜ୍ୟ ଉତ୍ତରପ୍ରଦେଶ, ପଞ୍ଜାବ, ଗୋଆ, ମଣିପୁର ଓ ଉତ୍ତରାଖଣ୍ଡରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାର ଅଛି। ଆଗକୁ ଏହି ଧାରା ବଜାୟ ରହିଲେ ପରାଜୟର ସ୍ୱାଦ ଚାଖିବାକୁ ପଡ଼ିପାରେ ଭାବି ବିଜେପି ପକ୍ଷରୁ ଏପରି ଆଗୁଆ ପଦକ୍ଷେପ ନିଆଯାଇଥିବା ଆଲୋଚନା ହେଉଛି। ବିଶେଷ କରି ହିମାଚଳ ପ୍ରଦେଶରେ ନିଜର ଗଡ଼ ଭାବେ ପରିଚିତ ମଣ୍ଡି ଲୋକସଭା ଆସନରେ ବିଜେପି ପରାଜୟର ସ୍ୱାଦ ଚାଖିଥିଲା। ଏହି ପରାଜୟ ପରେ ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ଜୟ ରାମ ଠାକୁର ଦର ବୃଦ୍ଧି ହିଁ ବିଜେପିର ପରାଜୟର କାରଣ ବୋଲି କହିଥିଲେ। ଯାହା ପରେ କେନ୍ଦ୍ର ସରକାରଙ୍କ ନିଦ ଭାଙ୍ଗିଛି ଓ ତେଲ ଉପରୁ ଉତ୍ପାଦ ଶୁଳ୍କ ହ୍ରାସ କରାଯାଇଥିବା ଆଲୋଚନା ହେଉଛି। ତେବେ ଉତ୍ତରପ୍ରଦେଶରେ ବିଧାନସଭା ନିର୍ବାଚନ ପରେ ପୁଣି ପେଟ୍ରୋଲ ଡିଜେଲ ଦର ବୃଦ୍ଧି ପାଇବ ବୋଲି କହିଛନ୍ତି ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ନେତା ଲାଲୁ ପ୍ରସାଦ ଯାଦବ । ପେଟ୍ରୋଲ, ଡିଜେଲ ଉପରେ ଏକ୍ସାଇଜ୍ ଡ୍ୟୁଟି ହ୍ରାସ ପର୍ଯ୍ୟାପ୍ତ ନୁହେଁ ବୋଲି ସେ କହିଛନ୍ତି। ତେଲ ଲିଟର ଯେତେବେଳେ ୭୦ ଟଙ୍କା ଥିଲା ବିଜେପି ଏହାକୁ ମହଙ୍ଗା ବୋଲି ପ୍ରଚାର କରିଥିଲା। ବର୍ତ୍ତମାନ ସେମାନେ ଲିଟର ପିଛା ୧୦୦ ଟଙ୍କାରୁ ଅଧିକ କରିଛନ୍ତି। ସେମାନେ ପେଟ୍ରୋଲର ମୂଲ୍ୟକୁ ଅତି କମରେ ଲିଟର ପିଛା ୭୦ ଟଙ୍କା ତଳକୁ ଆଣିବା ଉଚିତ ବୋଲି ସେ କହିଛନ୍ତି।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୮ - ୧୪ ନଭେମ୍ବର, ୨୦୨୧

# ସୁସ୍ଥ ସମାଜ ଶାନ୍ତି ଦେଇପାରେ

**ଆ**ଜିକାଲି ପରସ୍ପର ମଧ୍ୟ ବୁଝାମଣା ଅଭାବରୁ ସମ୍ପର୍କରେ ତିକ୍ତତା ବଢ଼ିଚାଲିଛି ବୋଲି ଯେକେହି ସ୍ୱୀକାର କରିବେ। କିନ୍ତୁ ଏହାର ଅଲଗା ଦିଗଟି ଯେ ନିଜ ପାଖରେ ରହିଛି, ତାହା ସ୍ୱୀକାର କରିବା ବା ମାନି ନେବା ଲୋକଙ୍କର ଘୋର ଅଭାବ ପରିଲକ୍ଷିତ ହେଉଛି। ଯେଉଁଥିପାଇଁ ରାଷ୍ଟ୍ର-ରାଷ୍ଟ୍ର,ରାଜ୍ୟ-ରାଜ୍ୟ ମଧ୍ୟରେ ଏଭଳି ଘଟଣାମାନ ଘଟି ଚାଲୁଛି, ତାହା ସମାଜ ବ୍ୟବସ୍ଥା ପାଇଁ ଆଦୌ ଶୁଭଙ୍କର ନୁହେଁ। ଛୋଟ ଛୋଟ ଘଟଣାରେ ଆଜିର ମଣିଷ ଏଭଳି ପ୍ରତିକ୍ରିୟାଶୀଳ ହୋଇଉଠୁଛି ଯେ, ଅନ୍ୟର ସର୍ବନାଶ କରିବାକୁ ପଛାଉନାହିଁ। ସମ୍ବେଦନଶୀଳ ହେବା ପରିବର୍ତ୍ତେ ଅନ୍ୟର ଦୁଃଖ ଯନ୍ତ୍ରଣା ବଢ଼ାଇ ପୈଶାଚିକ ସୁଖ ଆହରଣ କରିବା ଭଳି ଅନେକ ଘଟଣା ଘଟିଚାଲିଥିଲେ ବି ଏଥିରୁ ନିବୃତ୍ତ ହେବାର ମାନସିକତା ଜାଗରଣ ନହେବା ଚିନ୍ତାର ବିଷୟ। ଯେଉଁ ଘଟଣାରେ ମଣିଷ ମଣିଷ ଠାରୁ ସହାନୁଭୂତି ଲାଭ କରିବା କଥା ସେଥିରେ ଯଦି ବିଦ୍ରୁପ ଭରିଯାଏ ପରିସ୍ଥିତି କିଭଳି ହେଉଥିବ ତାହା ଅନୁମାନ କରାଯାଇପାରେ। ସରଳ ହେବା ପରିବର୍ତ୍ତେ ଆଜିର ମଣିଷ ଅଧିକ ରୁକ୍ଷ ଓ କଠୋର ହୋଇପଡିବା ଆଦୌ ସମୀଚିନ ମନେ ହୁଏନାହିଁ। କାରଣ ଜଗତର ସୃଷ୍ଟି ଅନ୍ୟର ବିନାଶ ପାଇଁ ନୁହେଁ। ଅନ୍ୟର ମଙ୍ଗଳ କାମନା ଦ୍ୱାରା ସତ୍ୟ, ଧର୍ମ ଓ ନ୍ୟାୟର ପ୍ରତିଷ୍ଠା ହୋଇଥାଏ। ମାନବିକତା ଏକ ଶ୍ରେଷ୍ଠ ଧର୍ମ। ଏହାଠାରୁ ବଳି ଧର୍ମ କିଛି ନାହିଁ। ମାନବିକତା ଦ୍ୱାରା ସମାଜର ହିତ ସାଧନ ହୁଏ। ପରସ୍ପର ପ୍ରତି ଶ୍ରଦ୍ଧା ଉତ୍ପନ ହେବା ସହ ବିଶ୍ୱାସ ଦୃଢ଼ୀଭୂତ ହୁଏ। ବ୍ୟବସ୍ଥା ଭିତ୍ତିକ ଦାୟିତ୍ୱ ପାଳନ ମାଧ୍ୟମରେ ଅନେକ ସୁକାର୍ଯ୍ୟ ସାଧିତ ହୋଇପାରେ। ମାତ୍ର ହିଂସୁକ ମାନସିକତା ଜରିଆରେ ଅନ୍ୟକୁ ଭୟଭୀତ କରି କାର୍ଯ୍ୟ ହାସଲ ଗ୍ରହଣୀୟ ନୁହେଁ। ସ୍ୱାର୍ଥ ପାଇଁ ମଣିଷ ଯେତେବେଳେ ନିଜର ହିତାହିତ ଜ୍ଞାନ ହରାଇ ଦିଏ, ସେତେବେଳେ କୁକର୍ମ କରିବା ତା ପାଇଁ ଅତି ସହଜ ହୋଇଯାଏ। ପ୍ରତି ସଫଳ କାର୍ଯ୍ୟ ପଛରେ ଯେଉଁ କଠୋର ସାଧନାର ଉପଯୋଗ ହୁଏ ତାହା ସଂସାର ହିତରେ ଲାଗେ। ସ୍ୱାର୍ଥାନ୍ଧ ମଣିଷ କିନ୍ତୁ ଏହାକୁ ଗ୍ରହଣ ନକରି ସହଜ ମାର୍ଗରେ ସ୍ୱାର୍ଥ ହାସଲ କରିବା ଦ୍ୱାରା ଅନ୍ୟର ପ୍ରଭୁତ କ୍ଷତି ହୋଇଥାଏ। ଅନ୍ୟର କ୍ଷତି ଦ୍ୱାରା ହାସଲ କରାଯାଇଥିବା ଧନ ସମ୍ପତ୍ତି କେବେହେଲେ ଶାନ୍ତି ଦେଇନପାରେ। ସାମୟିକ ସୁଖ ଭୋଗ ପାଇଁ ବଡ଼ ବଡ଼ ଅପରାଧ ଘଟାଉଥିବା ମଣିଷ ଭୁଲି ଯାଇଥାଏ ଯେ, ପ୍ରତି କାର୍ଯ୍ୟର ହିସାବ ନିକାଶ ଆଉଜଣେ ନିଶ୍ଚୟ କରିବ। ତେଣୁ ଜୀବନରେ ଭଲ କାର୍ଯ୍ୟ କରିବାର ବ୍ରତ ରହିଲେ ସମାଜରୁ ଭେଦଭାବ ହଟିବା ସହ ସମସ୍ତଙ୍କ ମୁହଁରେ ପ୍ରଶାନ୍ତି ଉକୁଟି ଉଠିବ। କ୍ଷଣଭଙ୍ଗୁର ସଂସାରରେ କେବଳ ପ୍ରକୃତି ହିଁ ସ୍ଥାୟୀ ରହିପାରେ। ମଣିଷ କିଛି ସମୟ ନିଜର କର୍ତ୍ତବ୍ୟ କରିବା ବ୍ୟତିରେକ ଦୀର୍ଘ କାଳ ବଞ୍ଚିବାର ଆଶା କ୍ଷୀଣ। ତେଣୁ ଯେଉଁ ସ୍ୱଳ୍ପ ଅବଧି ଧରି ବଞ୍ଚିବାକୁ ହେବ ସେଥିରେ ସଂସାର ଓ ସମାଜର ଭଲ କାର୍ଯ୍ୟ କରିବା ଉଚିତ। ତା ନହେଲେ ଜୀବନର ଅସଲ ଉଦ୍ଦେଶ୍ୟ ସାଧିତ ହୋଇପାରିବ ନାହିଁ। ଯେଉଁ କର୍ମ ଦ୍ୱାରା ଲୋକଙ୍କ ଭିତରେ କିଛି କାଳ ମନେ ରହେ ସେଭଳି ସୁକର୍ମ ହିଁ ଜୀବନର ଧ୍ୟେୟ ଅଟେ। ଅର୍ଥ ପିପାସୁ ହୋଇ ଅନ୍ୟକୁ ଦୁଃଖ ଯନ୍ତ୍ରଣାରେ ରଖି କେହି କେବେ ସୁଖୀ ହୋଇପାରେ ନାହିଁ। ଅତୀତରୁ ଆଜିଯାଏ ଭଲ କାମ କରିଥିବା ଲୋକଙ୍କୁ ସମସ୍ତେ ମନେରଖିଛନ୍ତି। ତେଣୁ ଭଲ ମଣିଷ ହୋଇ ବଞ୍ଚିବା ନିମନ୍ତେ ଯେଭଳି ତ୍ୟାଗର ଆବଶ୍ୟକତା ରହିଛି ସେଭଳି ଭାବେ ନିଜକୁ ଗଢ଼ିବାକୁ ହେବ। ଅନ୍ୟଥା କୁକର୍ମ କଲେ ତାହାର ଫଳାଫଳ ଅବଶ୍ୟ ମିଳିବ।

ସମ୍ପାଦକୀୟ



ତାରକ ମହାନ୍ତି

ସତ୍ୟନିଷ୍ଠ ଜୀବନରେ କଷ୍ଟ ମିଳିଲେ ସୁଦ୍ଧା ଅନ୍ୟାୟୋପାର୍ଜିତ ଧନ ଅପେକ୍ଷା ଏହା ଅଧିକ ଶାନ୍ତି ଦିଏ। ମାତ୍ର ସ୍ୱାର୍ଥୀ ମଣିଷ ଏହାର ଗୂଢ଼ ରହସ୍ୟ ବୁଝିବାରେ ସମର୍ଥ ହୋଇନଥିବାରୁ ଅଧିକ ସହଜ ମାର୍ଗରେ ବିଷ କୁଣ୍ଡରେ ପଡିବାକୁ ବାଧ ହୋଇପଡେ। ଅଥଚ ଏହାର ପୂର୍ବ ସୂଚନା ପ୍ରଦାନ କରିବା ବ୍ୟକ୍ତିଙ୍କୁ ଉପହାସ କରିଥାଏ। ସାଧୁବାଣୀକୁ ମଧ୍ୟ ତୁଚ୍ଛ ଭାବିନିଏ। ହେଲେ ଜୀବନ ଦର୍ଶନର ମୂଳ ତତ୍ତ୍ୱ ନବୁଝି କେବଳ ସମ୍ପତ୍ତି ଆହରଣ ନିଶାରେ ବ୍ୟସ୍ତ ରହି ନର୍କଗାମୀ ହେବାକୁ ଅଧିକ ପସନ୍ଦ କରୁଥିବା ବ୍ୟକ୍ତିର ଭାବନାରେ ସହଜ ସରଳ ଭାବ ନଥାଏ। ଏକ ଦ୍ୱନ୍ଦ୍ୱାତ୍ମକ ଚରିତ୍ର ଭାବେ ସମାଜରେ ପତିଆରା ବୃଦ୍ଧି ପାଇଁ ଅହରହ ଉଦ୍ୟମ କରିଥାଏ। ଯାହାଫଳରେ ତାର ମନ ଭିତରେ ଗୋଟିଏ ଅହଂକାରର ପାହାଡ଼ ଏଭଳି ଭାବେ ଗଢି ଉଠେ ତାହାର କୁପ୍ରଭାବ ବ୍ୟକ୍ତି ଓ ସମାଜ ଉପରେ ପଡିଥାଏ। ଜଣଙ୍କର ବିଷଜ୍ୱାଳା ଆଉଜଣକୁ ଘାରେ। ଏପରି ଭାବେ ଦେଖିଲେ ଶୁଦ୍ଧପୂତ ଜୀବନଯାପନର କଳା ହାସଲ କରିବା ହିଁ ମଣିଷ ପାଇଁ ଉପଯୁକ୍ତ ମାର୍ଗ ନିର୍ଦ୍ଧାରଣ କରେ। ସେଥିରେ ସମାଜ ଓ ବିଶ୍ୱର କଲ୍ୟାଣ ହୁଏ। ଯେଉଁମାନେ ଜଙ୍ଗଲ ସମ୍ପଦ କାଟି ନେଉଛନ୍ତି ବା ଲୁଟି ନେଉଛନ୍ତି, ସେମାନେ ବୁଝିପାରୁନାହାନ୍ତି ଯେ ଏହା ଜନିତ କ୍ଷତି ତାଙ୍କ ଭବିଷ୍ୟତ ପିଢ଼ି ଉପରେ ପଡିବ। ବୃକ୍ଷହୀନତାର କୁପରିଣାମ ଭାବେ ଜଳବାୟୁ ପରିବର୍ତ୍ତନ ଘଟିଚାଲିବ। ସ୍ୱଳ୍ପ ବୃଷ୍ଟି କାରଣରୁ ଅଧିକରୁ ଅଧିକ ମରୁଭୂମି ସୃଷ୍ଟି ହେବ। ଠିକ ସମୟରେ ବର୍ଷା ନହେଲେ କୃଷି ଉପରେ ଏହାର ଅସମ୍ଭବ ଖରାପ ପ୍ରଭାବ ପଡିବ। ଯାହାଫଳରେ ଫସଲ ଉତ୍ପାଦନ ଠାରୁ ଆରମ୍ଭ କରି ପାନୀୟ ଜଳ ପର୍ଯ୍ୟନ୍ତ ସମସ୍ୟା ଲାଗି ରହିବା।ଋତୁ ପରିବର୍ତ୍ତନରେ ମଧ୍ୟ ଦୁଃସମୟ ଦେଖିବାକୁ ମିଳିବ। ସେହିପରି ବନ୍ୟାପଶୁଙ୍କୁ ହତ୍ୟା କରୁଥିବା ବ୍ୟକ୍ତି ବୁଝିପାରେନି ଯେ ପ୍ରକୃତି ଏହାଦ୍ୱାରା କେତେ କ୍ଷତିର ସମ୍ମୁଖୀନ ହୋଇଚାଲିଛି। ପଶୁ ପକ୍ଷୀ ନରହିଲେ ପ୍ରକୃତି କେବେ ବି ସୁରକ୍ଷିତ ରହିପାରିବନି। ତେଣୁ ଯେଉଁମାନେ ଦିବ୍ୟଦ୍ରଷ୍ଟା ସେମାନେ ଭବିଷ୍ୟବାଣୀ କରିପାରନ୍ତି, କିନ୍ତୁ ଏହାର ଅଣଦେଖା କାରଣରୁ ବିଶ୍ୱ ଆଜି ସଂକଟମୟ ପରିସ୍ଥିତିର ସାମ୍ନା କରିବାକୁ ଯାଉଛି। ପ୍ରଦୂଷଣ ବୃଦ୍ଧି ରୋକିବା ଦିଗରେ ଅନେକ ରାଷ୍ଟ୍ର କାର୍ଯ୍ୟ କରିବାକୁ ଏକମତ ହୋଇଛନ୍ତି। ଏଭଳି ସମୟରେ ମଣିଷକୁ ନିଜର ଚରିତ୍ର ସଂଶୋଧନ କରିବା ସହ ଆତ୍ମସମୀକ୍ଷାର ଆବଶ୍ୟକତା ଅଛି। ଶରୀରକୁ ନିରୋଗ ରଖି କାର୍ଯ୍ୟ କରିବା ଏବଂ ଜୀବନଶୈଳୀରେ ପରିବର୍ତ୍ତନ ଆଣିବାକୁ ହେବ। ମଦ, ମାଂସ ଓ ଆସୁରିକ ଖାଦ୍ୟରୁ ନିବୃତ୍ତ ରହି ଆଧ୍ୟାତ୍ମିକ ଦିଗରେ ବ୍ରତୀ ହେବାକୁ ହିଁ ପଡିବ। ଯେଉଁ ତତ୍ତ୍ୱ ଅନୁସାରେ ଈଶ୍ୱର ମଣିଷକୁ ସୃଷ୍ଟି କରିଛନ୍ତି, ଏହାର ମହତ୍ତ୍ୱ ବୁଝି ଗଭୀର ଅନୁଶୀଳନ ଜରିଆରେ ଅନ୍ୟ ପ୍ରତି ଦାୟିତ୍ୱ, କର୍ତ୍ତବ୍ୟ ପ୍ରତି ଅଧିକ ଧ୍ୟାନ ନଦେଲେ ଅଳ୍ପାୟୁ ହେବା ସହ ବ୍ୟାଧିଗ୍ରସ୍ତ ହେବାର ଯଥେଷ୍ଟ ଭୟ ରହିଛି। ଦିନକୁଦିନ ରୋଗ ଓ ଯନ୍ତ୍ରଣା ବଢୁଥିବା ସମସ୍ତେ ଅନୁଭବ କରୁଥିଲେ ବି ସଚେତନତା ଅଭାବରୁ ମାରାତ୍ମକ ପ୍ରଭାବ ପଡୁଥିବା ଦେଖିବାକୁ ମିଳେ। ତେଣୁ ମସ୍ତିଷ୍କକୁ ବିକଶିତ କରି ଅଗ୍ରସର ହୋଇପାରିବା ଜୀବନର ଲକ୍ଷ୍ୟ ହେଲେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ନିଶ୍ଚୟ ସହଜ ହେବ। ସମସ୍ତ ପ୍ରକାର ବିକୃତିରୁ ଦୂରରେ ରହି ତାମସିକ ଆଚାର, ବ୍ୟବହାର ଓ ଖାଦ୍ୟ ବର୍ଜନ କରି ସନ୍ଥ ଜୀବନ ଅତିବାହିତ କରିବା ହେଉଛି ଅସଲ ଜୀବନ। ସତ୍ୟ, ନ୍ୟାୟ ଓ ଧର୍ମ ପଥରେ ବାଟ ଚାଲିଲେ ମଣିଷ ଭୟମୁକ୍ତ ହେବା ସହିତ ପ୍ରତ୍ୟେକ କ୍ଷେତ୍ରରେ ସଫଳ ହୋଇଥାଏ। ତେଣୁ ଆଜିର ଆହ୍ୱାନ ଆମକୁ ଭଲ ମଣିଷ ହୋଇ ଶାନ୍ତିପୂର୍ଣ୍ଣ ଭାବେ ବଞ୍ଚିବାକୁ ପଡିବ।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଭୋଜି ଖାଅ, ରୋଗ କିଣ, ଡାକ୍ତରଙ୍କୁ ଫିଇଜ୍ ଗଣ



ପ୍ରଦୀପ୍ତ ଆଚାର୍ଯ୍ୟ

ଆଜି ସକାଳୁ ସମୀର ବାବୁଙ୍କ ଉଦାସୀନ ମୁଖ ମଣ୍ଡଳକୁ ଦେଖି, କାରଣ ପୁଛନ୍ତେ, ସେ ଯାହା ବର୍ଣ୍ଣନା କଲେ, ତାହା ଏକ ଅଜାଗା ଘାଆ, ନାଁ ଦେଖି ହେଉଛି, ନାଁ ଦେଖେଇ ହେଉଛି। ଆମେ ତ ସୁଅ ମୁହଁର ପତର ମାତ୍ର। ସେ କହିଲେ, ଭାଇ କାଲି ମୋର ବନ୍ଧୁ ସୁଶାନ୍ତ ବାବୁଙ୍କ ପୁଅର ବାହାଘର ଭୋଜି ନିମନ୍ତ୍ରଣ ଥିଲା, କିନ୍ତୁ ମୁଁ ଯାଇ ପାରିଲି ନାହିଁ। ସେ ଟିକିଏ ଖରାପ ଭାବି ଥିବେ, ସେଥିପାଇଁ ମନଟା ଭଲ ଲାଗୁନି। ମୁଁ ପଚାରିଲି, ଅସୁବିଧା କଣ ହେଲା ? ସେ କହିଲେ, ଆପଣ ତ ଜାଣିଛନ୍ତି, କରୋନା ମହାମାରୀ ନିମନ୍ତେ, ସରକାର ବୟସ୍କ ବ୍ୟକ୍ତି ମାନଙ୍କ ଏକତ୍ରୀକରଣକୁ ବାରଣ କରୁଛନ୍ତି, ତାପରେ ମୋର ପାଚନ ଯନ୍ତ୍ର ଏତେ ଦୁର୍ବଳ ହୋଇ ଯାଇଛି ଯେ, ମୁଁ ଗୋଟିଏ ଭୋଜି ଖାଇବା ପରେ ଦୁଇ ତିନି ଦିନ ପର୍ଯ୍ୟନ୍ତ, ମୋର ଉଦର ଯନ୍ତ୍ରଣା ଓ ପାଇଖାନା ସମସ୍ୟା ଲାଗି ରହୁଛି। ତୃତୀୟ ଆଉ ସବୁଠାରୁ ବଡ ଅସୁବିଧାଟି ହେଲା, କର ପ୍ରଦାନ। ମୁଁ କହିଲି ବୁଝି ହେଲାନି ସମୀର ବାବୁ ? ସେ କହିଲେ କଣ ଏ ସାଧାରଣ କଥାଟା ବୁଝି ପାରୁ ନାହାନ୍ତି। ଗିଫ୍ଟ ପ୍ୟାକେଟ। ଏ ମାସରେ ମୋର ଚତୁର୍ଥ ନିମନ୍ତ୍ରଣ ରକ୍ଷା କରି ସାରିବା ପରେ ଏ ଥିଲା ମୋର ପଂଚମ ନିମନ୍ତ୍ରଣ। ଆପଣ ତ ଜାଣିଛନ୍ତି, ମୁଁ ଜଣେ ସ୍ୱଳ୍ପ ବେତନଭୋଗୀ କର୍ମଚାରୀ, କମ ଅବସର କାଳୀନ ଭତାରେ ମୋର ପରିବାର ପ୍ରତିପୋଷଣ କରୁଛି। ବଜାର ଦର ବୃଦ୍ଧି ସାଙ୍ଗକୁ ମୁଦ୍ରାସ୍ଫୀତି, ସମସ୍ୟାକୁ ଆହୁରି ଜଟିଳ କରି ଦେଉଛି। ଆଗରୁ ଖାମ୍ ଭିତରେ ପଚାଶ ଶହେ ପୁରେଇ ଦେଇ ଦେଉଥିଲେ ଚଳି ଯାଉଥିଲା। ଏବେ କିନ୍ତୁ ତାହା ପସନ୍ଦ ଯୋଗ୍ୟ ନୁହେଁ, ପ୍ରେଷ୍ଟିଜ୍ ଲିକ୍ କରିବାର ସମ୍ଭାବନା ବହୁତ ଅଧିକ। ପୂର୍ବ କାଳରେ ଏସବୁ ପ୍ରଥା ନଥିଲା। ଲୋକମାନେ ଶ୍ରଦ୍ଧାରେ ନିମନ୍ତ୍ରଣ କରୁଥିଲେ। ବୋହୁ ମୁଣ୍ଡରେ ଓଢଣା ଦେଇ ବସୁଥିଲା। ହିନ୍ଦୁ ପରମ୍ପରା ଅନୁସାରେ କେହି ବୟସ୍କ ଗୁରୁଜନ ବୋହୁ ଦେଖିବା ବେଳକୁ, ଜଣେ କେହି ବୋହୁ ମୁହଁରୁ ଓଢଣା ଖୋଲି ଦେଉଥିଲା। ବୋହୁ ପ୍ରଣାମ କରିବା ପରେ ଗୁରୁଜନ ମାନେ ଆଶୀର୍ବାଦ ପ୍ରଦାନ କରି ଯତ୍ କିଂଚିତ ମୁହଁଚୁହାଁ ପ୍ରଦାନ କରୁଥିଲେ। ସାର୍ବଜନୀନ ଦର୍ଶନ ନିଷିଦ୍ଧ ଥିଲା। ଏବେ କିନ୍ତୁ, ପରିବର୍ତୀତ ପରମ୍ପରା। ବୋହୁ ପାର୍ଲରରେ ପ୍ରସାଧନ ସମାପ୍ତି ପରେ, ନିଜର ବାସ୍ତବ ସ୍ୱରୁପ ହରାଇ, ଚଳଚିତ୍ର ନାୟିକା ପରି, ସୁସଜ୍ଜିତ ମଂଚସ୍ଥିତ ସିଂହାସନରେ ଉପବେଶନ ପୂର୍ବକ, ସର୍ବସାଧାରଣ ଦର୍ଶନ ନିମନ୍ତେ ସଂପୂର୍ଣ ପ୍ରସ୍ତୁତ୍। ନର୍ତକୀ ସଦୃଶ୍ୟା ସୁସଜ୍ଜିତା ପାର୍ଶ୍ୱନାୟିକା ମାନେ (ନଣନ୍ଦ, ଝିଆରି,ଭାଣିଜି ଇତ୍ୟାଦି), ଦର୍ଶନ କର ଆଦାୟ ନିମନ୍ତେ, ଲମ୍ବା ଖାତା, କଲମ ଓ ବଡ ବଡ ଭ୍ୟାନିଟ୍ ଧରି ପ୍ରସ୍ତୁତ୍। ଦର୍ଶନ କର ପ୍ରଦାନ ସମୟର ଦୃଶ୍ୟ ଉତୋଳନ କରିବା ନିମନ୍ତେ କ୍ୟାମେରା ମ୍ୟାନ ବି ରେଡି। ଆମେ କୃତିମ ସହାସ୍ୟ ବଦନରେ ମଂଚାରୋହଣ କରି, ନବବଧୂ ହସ୍ତରେ ଗିଫ୍ଟ ପ୍ୟାକେଟଟି ଗୁଞ୍ଜିଦେଇ, ସଂପୂର୍ଣ ଦଣ୍ଡାୟମାନ ଠାଣିର ନମସ୍କାର କିମ୍ୱା ଉଗ୍ର ଆଧୁନିକା ହୋଇଥିଲେ କରମର୍ଦ୍ଦନ ପାଇ, କୃତ୍ୟକୃତ୍ୟ ହୋଇ ପ୍ରତ୍ୟାବର୍ତନ କରୁ। ତାଙ୍କ କଥା ଶୁଣି ମୁଁ କହିଲି, ଆପଣ କଣ ଗିଫ୍ଟ ନଦେଲେ କିଏ ବାଧ୍ୟ କରୁଛି, ଦେବା ପାଇଁ ? ଏକଥା ଶୁଣି ସମୀର ବାବୁ ହସିକି କହିଲେ, ଭାଇ କିଛି ଗୃହସ୍ୱାମୀ(ସମସ୍ତେ ନୁହେଁ)ଅତିଥି ମାନଙ୍କୁ ପ୍ରଥମେ ଆପ୍ୟାୟିତ କରିବା ପୁର୍ବରୁ, ବୋହୁ ଦେଖିବା ପାଇଁ, ସାଦରେ ପାଛୋଟି ନେଉଛନ୍ତି, ବୋହୁ ବସିଥିବା ମଂଚ ନିକଟକୁ। ସେଠାରେ ସମସ୍ତେ ଗିଫ୍ଟ ପ୍ୟାକେଟ ପ୍ରଦାନ କରୁଥିବା ବେଳେ, ଆମେ କିଛି ନଦେଲେ, ଉପସ୍ଥିତ ଅନ୍ୟ ମାନଙ୍କର ବିସ୍ଫାରିତ ନେତ୍ରର ଚାହାଣି, ଆମକୁ ବିବସ୍ତ୍ର କରିଦେବା ପରି ପ୍ରତୀୟମାନ ହେଉଛି। ତାପରେ ଯିବାକୁ ହୁଏ ଡାଇନିଂ ହଲ୍‌କୁ। ସେଠାକାର ବ୍ୟବସ୍ଥା ଓ ଖାଦ୍ୟର ମାନ ଆପଣଙ୍କୁ କଣ କହିବି ? ଆପଣତ ଜାଣିଛନ୍ତି। ପୂର୍ବ କାଳର ଘୃତ ମିଶ୍ରିତ ଉସୁନା ଚାଉଳର ଅନ୍ନ, ମୁଗଡାଲି, ପଣସକଠା ଡାଲମା, ପତଳା ଝୋଳର ମାଛ ତରକାରୀ ଆଉ ନାହିଁ। ଏବେ ମଟନ୍, ଚିକେନ୍, ଚିଙ୍ଗୁଡି, ପନିର୍, ଛତୁ ରେ , ପରିବା ତରକାରୀ ର ସତା ବିଲୁପ୍ତ। ନକଲି ତେଲ, ନକଲି ମସଲା, ନକଲି ସସ୍ ରେ ପ୍ରସ୍ତୁତ ରଙ୍ଗୀନ କରିର ସ୍ୱାଦ, ଶରୀର ପାଇଁ କେତେ ହିତକାରୀ, ତାହା ସମସ୍ତେ ଉପଲବ୍ଧି କରିଥିଲେ ମଧ୍ୟ, ଆଧୁନିକ ସାମାଜିକ ଚଳଣି ଦୃଷ୍ଟିରୁ, ଏ ବ୍ୟବସ୍ଥାରୁ ଓହରିବା ମଧ୍ୟ ଅସମ୍ଭବ। ତେଣୁ ଆମେ ବିଷ ଖାଇ ରୋଗ କିଣିବାକୁ ବାଧ୍ୟ। ତାପରେ ଅତିଥି ମାନଙ୍କ ଚର୍ଚ୍ଚା ହୁଏ, ସ୍ୱୟଂ ସେବା ମାଧ୍ୟମରେ। ହାତରେ କାଗଜ ଥାଳି ଖଣ୍ଡିଏ ଧରି, ଲମ୍ବା ଧାଡିରେ ଅପେକ୍ଷା କରିବାକୁ ହୁଏ ଖାଦ୍ୟ ସଂଗ୍ରହ ନିମନ୍ତେ। ଶାରୀରିକ ସାମର୍ଥ୍ୟ ନଥିବା ବୟସ୍କ ବ୍ୟକ୍ତି ଏବଂ ଛୋଟ ପିଲାଙ୍କ ଅବସ୍ଥା ବର୍ଣନାତୀତ। ଖାଦ୍ୟ ପରିବେଷଣ କରୁଥିବା ପିଲାଙ୍କ ପାଖରେ ପହଂଚିଗଲେ, ସେ ଯେତିକି ପରିମାଣର ଖାଦ୍ୟ ପତ୍ରରେ ଦିଅନ୍ତି, ସେଥିରେ ଯଦି ଜଣେ ଏକାଥରକେ ସନ୍ତୁଷ୍ଟ ହେଲାତ ଭଲ କଥା, ନଚେତ ଦ୍ୱିତୀୟ ଥର ଆଣିବାକୁ ଗଲେ ଲମ୍ବା ଧାଡିରେ ଯାଇ ଠିକଣା ଯାଗାରେ ପଂହଚିବା ବେଳକୁ, ପ୍ରଥମଥରର ଖାଦ୍ୟ ହଜମ ହୋଇଯାଇଥିବ ଏବଂ ଆପଣଙ୍କ ସାର୍ଟ, ତିନି ଚାରି ଯାଗା ଉଚ୍ଛିଷ୍ଟ ର ଚିହ୍ନ ବହନ କରି ସାରିଥିବ। ସ୍ୱାଭିମାନୀ ଭଦ୍ର ଲୋକ ପ୍ରାୟ, ଦ୍ୱିତୀୟ ଥର ଆଣିବାକୁ ନଯାଇ, ଅଧା ପେଟରେ ଘରକୁ ଫେରନ୍ତି। ସମୀର ବାବୁଙ୍କ ସୁଦୀର୍ଘ ଭାଷଣ ଶୁଣିସାରିବା ପରେ, ତାଙ୍କୁ କହିଲି, ଭାଇ ଶୁଣନ୍ତୁ, ଆପଣ ଯାହା କହିଲେ ବିଷ ଖାଉଛେ ଏବଂ ରୋଗ କିଣୁଛେ, ତାହା ଅନେକାଂଶରେ ଠିକ୍ ହୋଇପାରେ, କିନ୍ତୁ ଗିଫ୍ଟ ପ୍ୟାକେଟ୍ ଦେବାଟା ଗୋଟିଏ ଶ୍ରଦ୍ଧାର କଥା। ଜଣେ ଶ୍ରଦ୍ଧାରେ ନିମନ୍ତ୍ରଣ କଲେ, ଆମେ କିଛି ଉପହାର ଦେବା ବିଧେୟ। ସାଙ୍ଗେ ସାଙ୍ଗେ ସମୀର ବାବୁ କହିଲେ, ଯେଉଁ ଲୋକ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରି ପୁତ୍ର କିମ୍ୱା କନ୍ୟାର ବିବାହ ସଂପାଦାନ କରୁଛି, ସେ କଣ ଏଇ ଗିଫ୍ଟକୁ ଚାହିଁଛି। କିନ୍ତୁ ମୋର ଅନୁମାନ ହେଉଛି, ଶ୍ରଦ୍ଧାର ଭୋଜିଟା ଧୀରେ ଧୀରେ ବ୍ୟବସାୟିକ ଭୋଜି ଆଡକୁ ମୁହାଁଉଛି। ପରମ୍ପରା କ୍ଷୁର୍ଣ ହେଉଛି। ମୋମତରେ ଗିଫ୍ଟଟା, କପ୍‌ପ୍ଲେଟ୍, ଆଲବମ୍ , କାନ୍ଥଘଂଟା , ଟଙ୍କା ଇତ୍ୟାଦି ନହୋଇ, କୌଣସି ମହାପୁରୁଷଙ୍କ ଜୀବନି ବା କୌଣସି ମହାନ୍ ନାରୀ ଚରିତ୍ର ଉପରେ ଉପାଦେୟ ପୁସ୍ତକ ଖଣ୍ଡେ ହେଲେ, ହୁଏତ ତାହା ଦାମ୍ପତ୍ୟ ଜୀବନ ନିର୍ବାହ କରିବା ନିମନ୍ତେ କିଛି ନୈତିକ ତଥ୍ୟ ପ୍ରଦାନରେ ସହାୟକ ହୋଇ ପାରନ୍ତା। କୌଣସି ଗୋଟିଏ ଦୀର୍ଘଜିବୀ ଉପାଦେୟ ଔଷଧୀୟ ବୃକ୍ଷ ଉପହାର ଦେଲେ, ତାହା ପରିବେଶ ରକ୍ଷାରେ ସହାୟକ ହେବା ସଙ୍ଗେ ସଙ୍ଗେ ସ୍ମରଣୀୟ ମଧ୍ୟ ହୋଇପାରନ୍ତା। ଆପଣ କଣ କହୁଛନ୍ତି କୁହନ୍ତୁ ନାଁ ? ମୁଁ କହିଲି ଦେଖନ୍ତୁ ସମୀର ବାବୁ ଏକଥା କହିବା ଯେତିକି ସହଜ, କରିବା ସେତିକି ସହଜ ନୁହେଁ। କାରଣ ଏକାର୍ଯ୍ୟ କିଏ ଆରମ୍ଭ କରିବ , କିପରି ଆରମ୍ଭ କରିବ, ତାହା କେତେଦୁର ଫଳପ୍ରଦ ହେବ, ତାହା ସନ୍ଦୀହାନ। ପ୍ରଥମେ କିଛି ସମୋଭାବାପନ୍ନ ବନ୍ଧୁ ଉପହାର ଗ୍ରହଣ ନକରି ଆଦର୍ଶ ସୃଷ୍ଟି କରିବା ଆବଶ୍ୟକ। ତାପରେ ଏହା ହୁଏତ ଅନ୍ୟ ମାନଙ୍କୁ ପ୍ରଭାବିତ କରିପାରେ। ନଚେତ୍ ଆମେତ ସୁଅ ମୁହଁର ପତର। ସ୍ରୋତର ବିପରୀତ ଦିଗରେ ଗତି, କେତେ ସମ୍ଭବ ହେବ, ତାହା ସମୟ ହିଁ କହିବ !

*ଅବସରପ୍ରାପ୍ତ ପ୍ରଧାନଶିକ୍ଷକ*
*ଈଶାଣୀବ୍ରହ୍ମପୁର,କଟକ*
*ଦୂରଭାଷ : ୬୩୭୧୫୯୩୨୨୦*

# କେତେକ ଅସମାହିତ ପ୍ରଶ୍ନ

ଭବାଶିଷ ଦାସ

ନ୍ୟାୟିକ ବ୍ୟବସ୍ଥାରେ ଅନେକ ଅସମାହିତ ପ୍ରଶ୍ନ ଲୋକମାନଙ୍କର ସୁବିଧା ଓ ଅସୁବିଧାକୁ ନେଇ ଜଡ଼ିତ ପ୍ରଶ୍ନ ଗୁଡ଼ିକର ସମାଧାନ ହେବା ଉଚିତ। ଲୋକମାନେ ଏହି ସଂକ୍ରାନ୍ତରେ ନିଜର ମତାମତ ଖୋଲା ଖୋଲି ଭାବରେ ଦେବା ଉଚିତ। ବର୍ତ୍ତମାନ ପରିପ୍ରେକ୍ଷୀରେ କେତେକ ଅସମାହିତ ପ୍ରଶ୍ନ ଜନସାଧାରଣଙ୍କ ନିକଟରେ ମୁଁ ଉପସ୍ଥାପିତ କରିବାକୁ ଚାହୁଁଛି। ସେଗୁଡ଼ିକ ମୁଁ ନିମ୍ନରେ ପ୍ରଦାନ କରୁଛି ଯାହାର କି ଗଣମାଧ୍ୟମରେ ହେବା ନିମନ୍ତେ ଆବଶ୍ୟକ। ଅତି ବିନମ୍ର ଭାବେ ଏହି ଆଇନଜୀବୀ ଲେଖକ ସହୃଦୟ ପାଠକବର୍ଗଙ୍କ ପାଇଁ କିଛି ତଥ୍ୟଭିତ୍ତିକ ପ୍ରଶ୍ନ ଉ□ାପନ କରୁଛି। ପ୍ରଥମ କଥା ହେଉଛି ବିଚାରାଳୟ ଠାରୁ ବନ୍ଦୀଶାଳରୁ ମୁକ୍ତି ପାଇବାର ରାୟ ମିଳିବା ପରେ, ବନ୍ଦୀଶାଳାରୁ ମୁକୁଳିବାର ପ୍ରକ୍ରିୟାକୁ ସହଜ, ସରଳ ଓ ତ୍ୱରାନ୍ୱିତ କରାଯିବାର ଆବଶ୍ୟକତା ରହିଅଛି କି ? ଦ୍ୱିତୀୟ ହେଉଛି - ସର୍ବନିମ୍ନ ମଜୁରୀ, ମଠ ମନ୍ଦିରରେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ପ୍ରଜୁଯ୍ୟ ହେବା ଉଚିତ କି ? ତୃତୀୟ ହେଉଛି - ବଳାତ୍କାର ପରେ ଜଣେ ଅବିବାହିତ ଧର୍ଷିତାର ସନ୍ତାନ ଯଦି ପ୍ରସବ ହୁଏ ତାର ରକ୍ଷାଣବେକ୍ଷଣ ସରକାରଙ୍କ ଉପରେ ନ୍ୟସ୍ତ ହେବା ଉଚିତ କି ? ଚତୁର୍ଥ ହେଉଛି - ବିଚାରାଳୟଗୁଡ଼ିକରେ ଚାଲୁଥିବା ମକଦ୍ଦମା ସମସ୍ତେ ବୁଝିପାରିବା ଭଳି ସରଳ ଓ ପ୍ରାଦେଶିକ ଭାଷା ବ୍ୟହାର କରାଯିବା ସହିତ ଗଣମାଧ୍ୟମରେ ଏହାକୁ ପ୍ରଚାରର ଦାୟିତ୍ୱ ଦେବା ଉଚିତ କି ? ପଞ୍ଚମ ହେଉଛି - ନ୍ୟାୟିକ ବ୍ୟବସ୍ଥାରେ ନାରୀ ମାନଙ୍କୁ ବିଚାର ବିଭାଗ ଚାକିରୀ କ୍ଷେତ୍ରରେ୫୦% ସଂରକ୍ଷଣ ଦେବା ଉଚିତ କି ? ଷଷ୍ଠରେ ହେଉଛି - ନ୍ୟାୟିକ ବ୍ୟବସ୍ଥାରେ ଭାରତ ମୁଖ୍ୟ ବିଚାରପତିଙ୍କୁ ସଂପୂର୍ଣ୍ଣ ଆର୍ଥିକ ସ୍ୱାଧୀନତା ଦିଆଯିବା ଉଚିତ କି ? ସପ୍ତମ ହେଉଛି - ସରକାରୀ ଅନୁଦାନ ଭାରତୀୟ ସମ୍ବିଧାନର ଏକ ମୌଳିକ ଅଧିକାର ବୋଲି ବିବେଚନା କରାଯିବା ଉଚିତ କି ? ଅଷ୍ଟମରେ ହେଉଛି - ବର୍ତ୍ତମାନ ପରିସ୍ଥିତିରେ ହାଇକୋର୍ଟ ଓ ସୁପ୍ରିମକୋର୍ଟ ମଧ୍ୟରେଅନ୍ୟ ଏକ କୋର୍ଟ ପ୍ରତିଷ୍ଠା ହେବାର ଆବଶ୍ୟକତା ରହିଅଛି କି ?

ନବମ ପ୍ରଶ୍ନଟି ହେଉଛି ଦିବ୍ୟାଙ୍ଗ ମାନଙ୍କ ପାଇଁ ସରକାରୀ ବେସରକାରୀ ଓ ବିଚାରାଳୟ ମାନଙ୍କରେ ସଂରକ୍ଷଣ ବ୍ୟବସ୍ଥା ରଖାଯିବା ଉଚିତ କି ? ଓ ଏହା କେତେ ଦୂର ଯୁକ୍ତିଯୁକ୍ତ ? ଦଶମ ହେଉଛି - ନ୍ୟାୟିକ ବ୍ୟବସ୍ଥାରେ ଗୋଟିଏ ଗରିବ ଲୋକକୁ ଏକ ଧନୀବ୍ୟକ୍ତି ପାଇଁ ଅଙ୍ଗଦାନ କରିବାର ସୁଯୋଗ ଦିଆଯିବା ଉଚିତ କି ? ଏକାଦଶରେ ହେଉଛି - ବିଚାରପତି ମାନଙ୍କର ସ୍ଥାନ ପୂରଣ କରିବାର କିଛି ସମୟ ସୀମା ରହିବା ଉଚିତ କି ? ଦ୍ୱାଦଶରେ ହେଉଛି - ଜଣେ ନିଯୁକ୍ତି ପାଇଥିବା କର୍ମଚାରୀ ନିଜର ଭୁଲଥିବା ଜନ୍ମ ତାରିଖକୁ ନ୍ୟାୟିକ ବ୍ୟବସ୍ଥା ଅନୁଯାୟୀ ସଂଶୋଧନ କରି ପାରିବକି ? ତ୍ରୟୋଦଶରେ - ଦୁଇ ଦେଶ ଦେଶ ମଧ୍ୟରେ ଖେଳ ହେଉଥିବା ସମୟରେ ଗୋଟିଏ ଦଳର ବିଜୟକୁ ନେଇ କିଛି ବ୍ୟକ୍ତି ଉତ୍ସବ ପାଳନ କରନ୍ତି ତାହାକୁ ସଂପ୍ରଦାୟିକତାର ପ୍ରୋତ୍ସାହନ ବୋଲି କୁହାଯାଇ ପାରିବ କି ? ଚତୁର୍ଦ୍ଦଶରେ ହେଉଛି - ହୁକା ଖାଇବା, ସିଗାରେଟ ଟାଣିବା ଇତ୍ୟାଦି ଗୋଟିଏ ଭୋଜନାଳୟରେ ଅନୁମତି ଦେବା ଉଚିତ କି ? ଏହା ଅଗ୍ନି ନିରାପତ୍ତା ଆଇନର ବିରୋଧୀ କି ? ପଞ୍ଚଦଶରେ ହେଉଛି - ଯୁଗ ଯୁଗ ଧରି ହୋଇ ଆସୁଥିବା ଦୀପାବଳୀର ବାଣଫୁଟାକୁ ସଂପୂର୍ଣ୍ଣ ନିଷିଦ୍ଧ କରିବା ଯୁକ୍ତି ଯୁକ୍ତ କି ? ଷୋଳଦଶରେ ହେଉଛି - ଜଳାଶୟ ଗୁଡ଼ିକର କିସମ ପରିବର୍ତ୍ତନ ପାଇଁ କଠୋର ନିୟମ କରିବ, କିନ୍ତୁ ନଦୀର ଅବବାହିକାକୁ ପୋତି ଜମିବିତରଣ କରିବା ସରକାରଙ୍କ ପକ୍ଷେ କେତେ ଦୂର ଯୁକ୍ତିଯୁକ୍ତ ? ସପ୍ତଦଶରେ ହେଉଛି - ଭାରତରେ ମୁସଲମାନ ସଂପ୍ରଦାୟର ଲୋକମାନେ ଦତ୍ତମୌଖି ଭାବେ ବା ବିନା ରେଜିଷ୍ଟ୍ରେସନ କରି ପାରୁଛନ୍ତି କିନ୍ତୁ ଏହା ହିନ୍ଦୁ ମାନଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ। ଏହାର ପରିବର୍ତ୍ତନ ଆବଶ୍ୟକତା ରହିଛିଅଛି। ଉପରୋକ୍ତ ବିଷୟଗୁଡ଼ିକ ବ୍ୟତୀତ ଅନେକ ଆହୁରି ଅସମାହିତ ପ୍ରଶ୍ନ ରହିଅଛି ଯାହାକି ଜନସାଧାରଣ, ସରକାର ଓ ବିଚାରାଳୟରେ ସମାଧାନ ହେବା ଉଚିତ।

*ଆଡ଼ଭୋକେଟ, ଓଡ଼ିଶା ହାଇକୋର୍ଟ,*
*କଟକ*
*ଦୂରଭାଷ : ୯୮୬୧୧୧୮୬୭୩*

# ସ୍ୱାଧୀନତା ପରବର୍ତ୍ତୀ ଭାରତ ଓ ମାନସିକ ସ୍ୱାସ୍ଥ୍ୟ



ଡାକ୍ତର ସମ୍ରାଟ କର

ବନ୍ଧୁ ସଞ୍ଜୀବ ତାଙ୍କ ପ୍ରୋଜେକ୍ଟ ରିପୋର୍ଟ ପାଇଁ ମୋତେ ଯୋଗାଯୋଗ କରି ସ୍ୱାଧୀନତା ପରବର୍ତ୍ତୀ ଭାରତର ମାନସିକ ସ୍ୱାସ୍ଥ୍ୟ ବିଷୟରେ ଜାଣିବାକୁ ଚାହିଁଲେ। ମୁଁ ତାଙ୍କୁ କହିଲି ଭାରତର ୭.୫ ପ୍ରତିଶତ ଲୋକ ମାନସିକ ଭାବରେ ଅସୁସ୍ଥ ଏବଂ ସେମାନେ ମାନସିକ ବିଶେଷଜ୍ଞମାନଙ୍କର ତୁରନ୍ତ ସକ୍ରିୟ ହସ୍ତକ୍ଷେପ ଆବଶ୍ୟକ କରନ୍ତି। ଏହି ସଂଗଠନର ଆକଳନ ଅନୁଯାୟୀ ନିରାକରଣର ଯଥେଷ୍ଟ ବ୍ୟବସ୍ଥା ନ ଥିବାରୁ ଏହି ମାନସିକ ସ୍ୱାସ୍ଥ୍ୟ ସମସ୍ୟା ୨୦୨୧ ସୁଦ୍ଧା ୨୧.୧୨ ପ୍ରତିଶତରେ ପହଞ୍ଚି ସାରିଲାଣି। ଅଥଚ ଏହି ବିଶାଳ ବର୍ଗକୁ ଚିକିତ୍ସା କରିବା ପାଇଁ ଦେଶରେ ଖୁବ କମ୍ ସ୍ୱାସ୍ଥ୍ୟ ବିଶେଷଜ୍ଞ ଅଛନ୍ତି। ନିମ୍ହାନସ୍, ବାଙ୍ଗାଲୋର (୨୦୧୫-୧୬)ର ଆକଳନ ଅନୁଯାୟୀ ପ୍ରାୟ ୧୫୦ ନିୟୁତ ଭାରତୀୟ ମାନସିକ ଚିକିତ୍ସା ଆବଶ୍ୟକ କରୁଥିବା ବେଳେ କେବଳ ୩୦ ନିୟୁତ ଲୋକ ଚିକିତ୍ସାର ସୁବିଧା ପାଇପାରନ୍ତି। ବ୍ରିଟିସ ଚାରିଟି ମେଣ୍ଟାଲ ହେଲ୍‌ଥ ରିସର୍ଚ୍ଚ (୨୦୨୧)ର ଅଧ୍ୟୟନ ଅନୁଯାୟୀ କର୍ପୋରେଟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରାୟ ୪୨.୫ ପ୍ରତିଶତ କର୍ମଚାରୀ ଉଦ୍‌ବେଗ ଓ ଅବସାଦର ଶିକାର ହୋଇଥାଆନ୍ତି। ବର୍ତ୍ତମାନ ସର୍ବାଧିକ ଅବସାଦଗ୍ରସ୍ତ ଓ ଆତ୍ମହତ୍ୟା ପ୍ରବଣ ରାଷ୍ଟ୍ର ଭାବରେ ଭାରତ ଅନ୍ୟତମ ବୋଲି ବିବେଚିତ ହୋଇଛି। ଗ୍ଲୋବାଲ ହେଲଥ ଷ୍ଟଡିଜ୍ (୨୦୨୧)ର ଅଧ୍ୟୟନ ଅନୁଯାୟୀ ୧୫ରୁ ୩୯ ବର୍ଷରେ ଭାରତୀୟ ଯୁବବର୍ଗଙ୍କ ମଧ୍ୟରେ ଆତ୍ମହତ୍ୟା ହିଁ ମୃତ୍ୟୁର ପ୍ରମୁଖ କାରଣ। ଏମାନଙ୍କ ମଧ୍ୟରେ ଅଧିକାଂଶ ସ୍କିଜୋଫ୍ରେନିଆ, ବାଇପୋଲାର ଡିସଅର୍ଡ଼ର ଆଦି ମାନସିକ ରୋଗଗ୍ରସ୍ତ, ଅବସାଦଗ୍ରସ୍ତ ବା ମାଦକଦ୍ରବ୍ୟ ସେବନ ଜନିତ ବିକାରଗ୍ରସ୍ତ ହୋଇଥାନ୍ତି। ଏହି ପତ୍ରିକାରେ ପ୍ରକାଶିତ ହୋଇଥିବା ଅନ୍ୟ ଏକ ସର୍ବେକ୍ଷଣ (୨୦୨୦)ର ବିବରଣୀ ଅନୁଯାୟୀ ୧୯୯୦ ମସିହାରେ ବିଶ୍ୱରେ ଘଟୁଥିବା ଆତ୍ମହତ୍ୟା ସଂଖ୍ୟାର ୨୫.୩ ପ୍ରତିଶତ ଭାରତୀୟ ମହିଳା ହୋଇଥିବା ବେଳେ ୨୦୧୬ ମସିହା ବେଳକୁ ଭାରତୀୟ ମହିଳାଙ୍କ ସଂଖ୍ୟା ୩୬.୬ ପ୍ରତିଶତରେ ପହଞ୍ଚିଛି। ସେହିପରି ୨୦୨୧ରେ ଏହି ସଂଖ୍ୟା ୪୨.୩ ପ୍ରତିଶତ ପୁରୁଷମାନଙ୍କ କ୍ଷେତ୍ରରେ ୧୯୯୦ ମସିହାରେ ଏମାନଙ୍କର ସଂଖ୍ୟା ବିଶ୍ୱ ଆତ୍ମହତ୍ୟା ସଂଖ୍ୟାର ୧୮.୭ ପ୍ରତିଶତ ହୋଇଥିବାବେଳେ ୨୦୧୬ ମସିହା ବେଳକୁ ଏହା ୨୪.୩ ପ୍ରତିଶତରେ ପହଞ୍ଚିଛି। ୨୦୨୧ ସୁଦ୍ଧା ଏହା ୨୭.୯ ପ୍ରତିଶତ।

ଆତ୍ମହତ୍ୟା ଏକ ଜଟିଳ ମାନସିକ ପ୍ରକ୍ରିୟା। ଜୈବିକ, ଶାରୀରିକ, ମାନସିକ, ସାମାଜିକ ଓ ସାଂସ୍କୃତିକ ଆଦି ବହୁ କାରଣ ଏ ପ୍ରକାର ନିଷ୍ପତ୍ତି ପାଇଁ ଦାୟୀ, କିନ୍ତୁ ଅଧିକାଂଶ କ୍ଷେତ୍ରରେ ଅନ୍ତସ୍ରାବୀଗ୍ରନ୍ଥୀ ନିର୍ଗତ କରୁଥିବା ସେରୋଟୋନିନ୍ ଆଦି ଜୈବ ରାସାୟନିକ ଦ୍ରବ୍ୟର ଅଭାବ ଯୋଗୁଁ ବ୍ୟକ୍ତି ଅବସାଦଗ୍ରସ୍ତ ହୁଏ ଏବଂ ତା'ଠାରେ ଆତ୍ମହତ୍ୟା ପ୍ରବଣତା ଦେଖାଦିଏ। ଏପରି କ୍ଷେତ୍ରରେ ମନୋଚିକିତ୍ସକ ଏବଂ ମନସ୍ତତ୍ତ୍ୱବିଦ୍‌ଙ୍କର ତୁରନ୍ତ ସାହାଯ୍ୟ ନେବା ଦରକାର ଥିଲେ ମଧ୍ୟ ଅଜ୍ଞତା କାରଣରୁ ଅବସାଦର ଉପସର୍ଗଗୁଡ଼ିକୁ ଚିହ୍ନଟ କରାଯାଇ ପାରେନାହିଁ। ଆମ ଦେଶର ଅଧିକାଂଶ ବ୍ୟକ୍ତି ନୈଦାନିକ ରୂପେ ଅବସାଦଗ୍ରସ୍ତ ଥିଲେ ମଧ୍ୟ ଯଥେଷ୍ଟ ଜ୍ଞାନ ଓ ସଚେତନତା ଅଭାବରୁ ଏହି ଦୀର୍ଘକାଳୀନ ଅବସାଦକୁ କ୍ଷଣିକ ଉତ୍ତେଜନା ବା ସାମୟିକ ମନଖରାପ ବୋଲି ଭାବି ବସନ୍ତି। କୌଣସି ଅପ୍ରସଙ୍ଗିକ ଘଟଣାକୁ ଯୋଡ଼ି ପରିସ୍ଥିତିକୁ ଲଘୁ କରିବାକୁ ଚେଷ୍ଟା କରନ୍ତି। କାମରେ ମନ ଦେ, ଯୋଗ, ପ୍ରାଣାୟମ କର ଆଦି ଦାୟିତ୍ୱୀନ ମନ୍ତବ୍ୟମାନ ଦେଇଥାନ୍ତି ଓ ଅବାନ୍ତର କଥା କହି ଜଟିଳ ପରିସ୍ଥିତି ଠାରୁ ଦୂରେଇ ଯାଆନ୍ତି। ଅବସାଦଗ୍ରସ୍ତ ବ୍ୟକ୍ତିଟି କିପରି ମାନସିକ ସ୍ଥିତି ଦେଇ ଗତି କରୁଛି ସେହି ପରିସ୍ଥିତିର ସମ୍ମୁଖୀନ ନ ହେବା ଯାଏଁ ଅନ୍ୟମାନେ ବୁଝି ପାରନ୍ତି ନାହିଁ। ଆତ୍ମହତ୍ୟା ପ୍ରବଣ ବ୍ୟକ୍ତିଟି ସ୍ନାୟୁ ସଂଚାରକଗୁଡ଼ିକର ନକାରାତ୍ମକ ପ୍ରଭାବରୁ ମୁକ୍ତି ପାଇ ପାରେ ନାହିଁ। ଅତ୍ୟନ୍ତ ବିକଳ ହୋଇ ଅନ୍ୟ ମାନଙ୍କର ସାହାଯ୍ୟ ନେବା ପାଇଁ ଚାହେଁ। ଆତ୍ମହତ୍ୟା କରିବା ପୂର୍ବରୁ ନିଜକୁ ବଞ୍ଚେଇବାକୁ ଚାହେଁ ଓ ତାର ମନୋଭାବ ସମ୍ବନ୍ଧରେ ସେ ବାରମ୍ବାର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ସୂଚନା ମଧ୍ୟ ଦେଇଥାଏ, ଯାହାକୁ ମନସ୍ତତ୍ତ୍ୱବିଦ୍‌ମାନେ ସାହାଯ୍ୟ ପାଇଁ ନିବେଦନ ବୋଲି ବିବେଚନା କରନ୍ତି। ମନୋଚିକିତ୍ସକମାନଙ୍କ ଦ୍ୱାରା ଉପସର୍ଗ ଗୁଡ଼ିକୁ ଦୃଢ଼ୀଭୂତ କରିବା ପାଇଁ ସମସ୍ତ ସମ୍ଭାବନା ଥିବା ସତ୍ତ୍ୱେ ତାଙ୍କ ସଚେତନତା ଅଭାବରୁ ଚିକିତ୍ସାରୁ ବଞ୍ଚିତ ହୋଇ ବିଷାଦଗ୍ରସ୍ତ ବ୍ୟକ୍ତିଟି ଆତ୍ମହତ୍ୟା କରେ।

ଜ୍ୱର, ଶରୀର ପୀଡ଼ା ଓ ଶାରୀରିକ ଅସୁସ୍ଥତା ହେଲେ ଲୋକେ ସହାନୁଭୂତି ପାଆନ୍ତି ଏବଂ ଆଦୌ ଲଜ୍ଜିତ ହୁଅନ୍ତି ନାହିଁ। ଅଥଚ ମାନସିକ ଅସୁସ୍ଥତାକୁ ଭାରତୀୟମାନେ ଲଜ୍ଜାଜନକ ଓ କଳଙ୍କିତ ବୋଲି ଭାବି ନିଅନ୍ତି ଓ ସମସ୍ତ ଲକ୍ଷଣକୁ ଗୋପନୀୟ ରଖିବାକୁ ଚେଷ୍ଟା କରିଥାନ୍ତି। ଉତ୍ତମ ସ୍ୱାସ୍ଥ୍ୟ, ସୁଷମ ଖାଦ୍ୟ ଓ ବ୍ୟାୟାମ ବିଷୟରେ ଭାରତୀୟମାନେ ଅହରହ ଆଲୋଚନା କରୁଥିଲେ ମଧ୍ୟ ମାନସିକ ସ୍ୱାସ୍ଥ୍ୟ ବ୍ୟାପାରରେ ଆଦୌ ସଚେତନ ନଥାନ୍ତି। ମାନସିକ ଅସୁସ୍ଥତା ଭୋଗୁଥିବା ରୋଗୀମାନେ ବିପଦଜନକ, ଦାୟିତ୍ୱହୀନ ବା ସେମାନଙ୍କର ସୁସ୍ଥ ହେବାର ସମ୍ଭାବନା କ୍ଷୀଣ ବୋଲି ଲୋକଙ୍କର ଭୁଲ ଧାରଣା ଥିବାରୁ ସେମାନଙ୍କ ଠାରୁ ଦୂରେଇ ଯାଆନ୍ତି। ପ୍ରାୟ ଲୋକମାନେ ଏମାନଙ୍କ ପ୍ରତି ନିର୍ଦ୍ଦୟ, ସମ୍ବେଦନହୀନ ବ୍ୟବହାର ଦେଖାନ୍ତି। ନିଜେ ଏପରି କୌଣସି ସମସ୍ୟାର ସମ୍ମୁଖୀନ ହେଲେ ଖୋଲାଖୋଲି ଭାବରେ ନ କହି ଚୁପଚାପ ସହିଯିବାକୁ ସେମାନେ ପସନ୍ଦ କରନ୍ତି। ଅଥଚ ଶାରୀରିକ ଅସୁସ୍ଥତା ପରି ମାନସିକ ଅସୁସ୍ଥତା କ୍ଷେତ୍ରରେ ଚିକିତ୍ସା କରାଗଲେ ଅଧିକାଂଶ ବ୍ୟକ୍ତି ଅସୁସ୍ଥତାରୁ ମୁକ୍ତ ହୁଅନ୍ତି ବା ତାଙ୍କର ମାନସିକ ସ୍ଥିତି ନିୟନ୍ତ୍ରିତ ହୋଇ ରହେ।

*ମାନସିକ ରୋଗ ବିଶେଷଜ୍ଞ,*
*ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ,*
*ଦୂରଭାଷ : ୯୧୩୨୪୩୩୩୩୩*

ଓଡ଼ିଆ ସାହିତ୍ୟ ଜଗତରେ ଅନ୍ୟତମ ଧୂରୀଣ ସ୍ରଷ୍ଟା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏକାଧାରରେ ଜଣେ ସଫଳ ଗାଳ୍ପିକ ଏବଂ ଔପନ୍ୟାସିକ ଭାବେ ସୁପରିଚିତ। ତାଙ୍କ ଲେଖାରେ ବର୍ଣ୍ଣନା ଶୈଳୀର ସ୍ୱତନ୍ତ୍ରତା ଏବଂ ସରଳତା ପାଠକୀୟ ଆଦର ଲାଭ କରିଛି। ସାମାଜିକ ଜୀବନ ଓ ସମ୍ପର୍କର ଢେଉ ଢେଉକା ପାହାଡ ପରି ସୁନ୍ଦର ଆବେଗଭରା ଶବ୍ଦ ସଂଯୋଗ ହିଁ ଶ୍ରୀ ଧଳ ମହାପାତ୍ରଙ୍କ ଗଳ୍ପ ଓ ଉପନ୍ୟାସରେ ଶିହରଣ ସୃଷ୍ଟି କରେ। ବେଳ ଭଲ ନାହିଁ ଉପନ୍ୟାସ ତାଙ୍କର ଏକ ଅନନ୍ୟ କୃତୀ ଭାବେ ‘ଏକମାତ୍ର’ରେ ସ୍ଥାନ ପାଇଛି।



ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର




# ବେଳ ଭଲ ନାହିଁ

ମୁଁ ସମାଧାନ ପାଇଁ ଆସିନି, ଆସିଛି ସୂଚନା ପାଇଁ। ଆପଣ ଯଦି ଏ ସୂଚନାକୁ ମୋର ମୌଖିକ ଅନୁରୋଧରେ ନ ଦେବେ, ତେବେ ସୂଚନା ଅଧିକାର ଆଇନ ଅନୁଯାୟୀ ମୁଁ ଏହାକୁ ମଗାଉଛି। ବାସ୍ ଏତିକି କହି ସେ ଉଠି ଚାଲି ଆସିଲେ।

ତା’ପରେ ତ ଘଟଣା କ’ଣ, ଘଟଣା କ’ଣ ବୋଲି ହୁରି ପଡିଲା ବ୍ଲକରେ, ବ୍ଲକ୍ ତ ଖାଲି ଉଠିଲା ଆଉ ପଡ଼ିଲା।

ତା’ହେଲେ ସୁଦର୍ଶନ ବାବୁ ଘରକୁ ଫେରି ଆସିଲେଣି ?

ସେ ଘରକୁ କାହିଁକି ଫେରିବେ ମ, ସେଠୁ ତ ସିଧା ପିଲାମାନଙ୍କୁ ଧରି ଚାଲିଲେ ଟ୍ରେଜେରୀ ଅଫିସ୍, ସେଠି କ’ଣ ଗୋଟାଏ ଟ୍ରେଜେରୀ ଚାଲାନ କରି ସୂଚନା ଅଧିକାର ଆଇନରେ ସୂଚନା ମାଗିବେ ବ୍ଲକକୁ।

ସେ ଚାଲିଯିବା ପରେ ବି.ଡି.ଓ. ତ ଖାଲି ଉଠା ପକା ହୋଇପଡିଲା, ସୁଦର୍ଶନ ବାବୁଙ୍କ ଗାଆଁ ବିଷୟରେ ଖବର ନେବାକୁ। ଯେତେବେଳେ ସେ ଜାଣିଲେ ସେ ନୀହାରବାବୁଙ୍କ ଗାଆଁ ଲୋକ ବୋଲି, କିଛି ଗୋଟେ ତାଲିପକା ପାଇଁ ଜଣେ କଣ୍ଟ୍ରାକ୍ଟର ହାତରେ ସଙ୍ଗେ ସଙ୍ଗେ ଡକାଇ ପଠାଇଲେ ଯାଙ୍କୁ।

ମୋ ଅନୁମାନ ସତ ହେଲା କି ନାହିଁ ଗୋଲେଖ ଭାଇ।

ତୋ ଅନୁମାନ ସତ ଯେ ହେଲେ ଯେଉଁ ଆସାମୀ ପାଇଁ ସେ ଏତେ ବାଟ ଯାଇଛନ୍ତି, ସିଏ ଯାଇ ଏହାର କି ସମାଧାନ କରିବେ ?

ମଲା-ବି.ଡି.ଓ କେମିତି ଜାଣିବେ ଯେ ନୀହାର ବାବୁ ପାଇଁ ଏତେ କଥା ? ଗଲା କାଲି ରାତିର ଘଟଣା ତ ଇଏ।

ଏହି ସମୟରେ ନୀହାର ବାବୁଙ୍କୁ ମଟର ସାଇକେଲ ପଛରେ ବସାଇ ଆସିଥିବା ଲୋକଟି ମଣ୍ଡପ ଦେଇ ସାଏଁ କିନା ଚାଲିଗଲା। କିଏ ଜଣେ କହିଲା-ଅସଲ ଯୁଦ୍ଧ ତା’ ହେଲେ ଆରମ୍ଭ ହେଇଗଲା ? ଦେଖାଯାଉ ପାଣ୍ଡବ ଜିତୁଛନ୍ତି ନା କୌରା।

**-ସାତ-**

ବ୍ଲକ୍ ଆଗରେ ପହଞ୍ଚି ମଟର ସାଇକେଲ ନ ଅଟକଣୁ ସେଥିରୁ ଓହ୍ଲାଇ ପଡି ବି.ଡି.ଓଙ୍କ ଚ୍ୟାମ୍ବରକୁ ଧସେଇ ପଶିଗଲେ ନୀହାର ବାବୁ। ଦେଖିଲେ ଚୌକି ଖାଲି। ବାହାରକୁ ଆସି ପଚାରିଲେ ସାର୍ କୁଆଡେ ଗଲେ ?

ପିଅନଟି କହିଲା - ଏବେ ଏବେ ବସାକୁ ଯାଇଛନ୍ତି।

ନୀହାରବାବୁ ବି.ଡି.ଓଙ୍କ କ୍ୱାଟରରେ ପହଞ୍ଚି ପହଞ୍ଚି ତାଙ୍କୁ ଦେଖି ପକାଇ ବି.ଡି.ଓ କହିଲେ- ଏବେ ନିଜକୁ ସମ୍ଭାଳନ୍ତୁ ନୀହାର ବାବୁ।

କ’ଣ ହୋଇଛି ସାର୍ ?

କ’ଣ ଆଉ ହେବ ? ଆଚ୍ଛା, ଆପଣ ତ କେବେ କହିନାହାନ୍ତି ସୁଦର୍ଶନ ବାବୁ ଆପଣଙ୍କ ଗଆଁ ଲୋକ ବୋଲି ?

କିଛି ଆବଶ୍ୟକ ପଡି ନଥିଲା, ତେଣୁ କହିନଥିଲି। ହେଲେ କ’ଣ ହେଲାକି ?

ତାଙ୍କ ସହ ଆପଣଙ୍କ ସମ୍ପର୍କ କେମିତି ?
ସିଏତ ଆଗରୁ ଗାଆଁରେ ରହୁନଥିଲେ, ଏବେ ଏବେ ରିଟାୟାରମେଣ୍ଟ ପରେ ଆସି ଗାଆଁରେ ରହୁଛନ୍ତି, ହେଲେ କଥାଟା କ’ଣ ନ କହି ତାଙ୍କ ବିଷୟରେ ଏତେ ଆଲୋଚନା କାହିଁକି ?

ସେ ଆଜି ବ୍ଲକ ଅଫିସକୁ ଆସିଥିଲେ। ତେବେ ବୁଢ଼ା ଆସି ଏଠି ପହଞ୍ଚି ଗଲେଣି !

ଖାଲି ପହଞ୍ଚି ନାହାନ୍ତି- ସେ ଯାହା ଚାହୁଁଛନ୍ତି ତାକୁ ଦେଇ ଦେଲେ ମୋ ଚୌକି ରହିବକି ନାହିଁ ସନ୍ଦେହ।

କ’ଣ ସେ ଚାହୁଁଛନ୍ତି ?

ଚାହୁଁ ନାହାନ୍ତି, ଦାବି କରିଛନ୍ତି।

କ’ଣ ?

ଏ ପାଞ୍ଚବର୍ଷ ଭିତରେ ଆପଣଙ୍କ ପଞ୍ଚାୟତରେ ଯେଉଁ ସବୁ ଉନ୍ନୟନମୂଳକ କାର୍ଯ୍ୟ ହୋଇଛି ତାହାର ଧାର୍ଯ୍ୟ ଅଟକଳ ଓ ବ୍ୟୟ ପରିମାଣ, ଇନ୍ଦିରା ଆବାସ ଗୃହ ପାଇଥିବା ଲୋକଙ୍କ ତାଲିକା, ବି.ପି.ଏଲ୍ କାର୍ଡ ପାଇଥିବା ଲୋକଙ୍କ ତାଲିକା ଓ ଏନ୍‌ଆରଇଜିରେ କାମ ପାଇଥିବା ଲୋକଙ୍କ ତାଲିକା।

ଆପଣ କ’ଣ ଏସବୁ ତାଙ୍କୁ ଦେବା ପାଇଁ ରାଜି ହୋଇଛନ୍ତି ?

ମୁଁ ରାଜି ହେବା ଦେବା ନ ଦେବାର ପ୍ରଶ୍ନ ଉଠୁନି। ମୋ ଠାରୁ କୌଣସି ଉତ୍ତର ନ ପାଇ, ସେ ନିଶ୍ଚୟ ସୂଚନା ଅଧିକାର ଆଇନରେ ଏହାର ତାଲିକା ମାଗିବେ।

ତାଙ୍କୁ ମାଗିବା ପର୍ଯ୍ୟନ୍ତ ମୁଁ ସୁଯୋଗ ଦେବିନି।

କ’ଣ କରିବେ ? ୟାଁ କ’ଣ କରିବେ ? ଆପଣ ଜାଣିଛନ୍ତି ତାଙ୍କ ବିଷୟରେ ? ନା-ଦୀପ ତଳ ଅନ୍ଧାର ପରି ଆପଣ ତାଙ୍କୁ ଚିହ୍ନି ନାହାନ୍ତି ?

ସିଏ କେଉଁ ଲାଟ୍ ସାହେବଟା ଯେ ଏସବୁ ମାଗିବ ?

(କ୍ରମଶଃ)

## କୈଶୋରୀ କବିତା

# କୁମ୍ଭୀର ସାଙ୍ଗରେ ବାଦ



**ମଳୟ ମିଶ୍ର**



ନଈରେ ଘର କରି କୁମ୍ଭୀର ସାଙ୍ଗରେ
କାଇଁ ବାଦ କଲୁ ଲୋ ଝୁଅ !
ତୁ କ’ଣ ଜାଣି ନଥିଲୁ ଆଖିବୁଜିଦେଲେ
ସେ ଜଳଚର ଜନ୍ତୁଗୁଡା ଜାଣିପାରନ୍ତିନି
ଝିଅବୟସର କଞ୍ଚାଦେହଠାରୁ
ମାଆବଅସର ବୁଢୀଙ୍କ ପର୍ଯ୍ୟନ୍ତ
ସେମାନଂକ ପାଇଁ ସବୁ ମାଂସଖାଦ୍ୟରେ ଯାଏ।
ଆଜି କୁମ୍ଭୀରକାନ୍ଦଣା କାନ୍ଦୁଥିବା ସମସ୍ତେ
ସେଇ ପ୍ରଜାତିର।



ଖାଲି ଯାହା ଜାଣିପାରି ନଥିଲେ ତାଙ୍କ ମାଆମାନେ
ଜନ୍ମ କଲାପରେ ନାଆଁ ଦେଲେ
ରାଧେ / ଗୋବିଂଦ / ଓ ଦିବ୍ୟଶଙ୍କର !
କେବେ ଜହ୍ଲାଦମାନଙ୍କର
ଏମିତି ନାଁ’ ସବୁ ଦିଆଯାଏ ?
ନଈରେ ଘରକରି ତୁ ହିଂସ୍ରନରଖାଦକଂକ ସହ
ପହିଲେ ବନ୍ଧୁ ବାନ୍ଧବୀ ଓ
ପୁଣି ବାଧ ସାଧିବା
ତୋ ପେଇଁ କାଳ ହେଲା ଲୋ !
କାଳହେଲା ତୋ’ ନଖପାଲିସ୍ ବୋଳା ନଖରେ
ଆଁ’ କରିଥିବା କୁମ୍ଭୀରର ନାକ ଆଞ୍ଚୁଡିଦବା
ଗଭୀରଗଣ୍ଡରେ।
ସେତେବେଳକୁ ଶୈତାନ୍ ସବାର୍
ହେଇଯାଏ ପରା ଲଣ୍ଡାମୁଣ୍ଡରେ ତା’ର
ଉପରୁ ଚକ୍ରଉଢାଳ କରି ରଖିଥାଏ
ଛଦ୍ମବେଶୀ ଘାତକଈଶ୍ୱର !
ତୋ’ କଅଁଳକଳିଜା ଖାଇବାକୁ ଲମ୍ବିଆସେ
କୁଂଭୀରର ବ୍ୟାଦିତ ପାଟି, ଦାନ୍ତ, ଲାଳସରସର ଜିଭ ଓ ଭୋକ
ଯାହା ତୁ ଚଖେଇ ଦେଇଥିଲୁ ଭୋଗ କରି
ଯଥେଷ୍ଟ ଆଗରୁ।
ତୋ’ ପାଇଁ ତୁ ଇ ଦାୟୀ
ଏବେ ପୋଡାଗାତରେ ଶୋଇଥାଆ !
ଖଣ୍ଡ ଖଣ୍ଡ କଳା ପାଉଁଶ ହେଇ।
ଏ ସଫେଦ୍ ଧୋବ ଫରଫର ମାତାଲ୍ ମୁଖିଆର ମୁହଁରେ ମୁତିଦେଇ !

‘ସୃଜନ’, ପ୍ୟାଲେସ୍ ଲାଇନ୍, ବଲାଙ୍ଗୀର - ୭୬୭୦୦୧

# ଭକ୍ତିରେ ଭଗବାନ ଅଭକ୍ତିରେ ହୀନିମାନ

**କବିକମଳ ନରେନ୍ଦ୍ର ପ୍ରସାଦ ବେହେରା**



ଗୋଟିଏ ଗାଁରେ ଜଣେ ଗରିବ ବ୍ୟକ୍ତି ବାସ କରୁଥିଲା। ତା’ ନାଁ ଥିଲା ସୁଧାକର। ସ୍ତ୍ରୀ ମାଳତୀ ଏବଂ ଦୁଇପୁଅ ହେମନ୍ତ ଓ ବସନ୍ତକୁ ନେଇ ଥିଲା ସଂସାର। ବିଚରା ସୁଧାକର ଗାଁର ସବୁଠୁ ଗରିବ ଥିଲା। ସୁଧାକର ପର ଘରେ ମୂଲ ଲାଗୁଥିଲା। ସ୍ତ୍ରୀ ମାଳତୀ ପରଘରେ ବାସନ ମାଜୁଥିଲା। ଉଭୟ ସ୍ୱାମୀ ସ୍ତ୍ରୀ ଯାହା ରୋଜଗାର କରୁଥିଲେ ଦୁଃଖେ କଷ୍ଟେ ଚଳିଯାଉଥିଲେ। ହେଲେ ଉଭୟ ସ୍ୱାମୀ ସ୍ତ୍ରୀ ପରମ ପ୍ରଭୁ ଭକ୍ତ ଥିଲେ। କିଏ କାହାର ଭକ୍ତ ଉଭୟଙ୍କୁ ଜଣା ନଥିଲା। ଏମିତି ଅଭାବ ମଧ୍ୟରେ ସଂସାର ଚାଲିଲା। ଦୁଇପୁତ୍ର ବଡ଼ ହେଲେ। ପାଠପଢି ଶିକ୍ଷିତ ହେଲେ। ବଡ଼ ଚାକିରୀ ମଧ୍ୟ କଲେ। ଘରକୁ ବୋହୂ ଆସିଲା। ପିତା ସୁଧାକର ଓ ମାତା ମାଳତୀ ଭାବିଥିଲେ ଏଥର ନିଶ୍ଚୟ ସୁଖ ଫେରି ଆସିବ। ଆଉ ପରଘରେ ମୂଲ ଲାଗିବାକୁ ପଡିବ ନାହିଁ। ଏମିତି କେତେ କ’ଣ ସ୍ୱପ୍ନ ଦେଖି ଚାଲିଲେ ସ୍ୱାମୀ ସ୍ତ୍ରୀ। ହେଲେ କ’ଣ ହେଲା ! କୁଆଡେ ଗଲା ସେ ସୁଖ ! ସବୁ ସ୍ୱପ୍ନ ପାଣି ଫୋଟକା ପରି ମିଳେଇଗଲା। ସୁଧାକର ଓ ମାଳତୀଙ୍କ ଭାଗ୍ୟ ଆକାଶରେ କଳାବାଦଲ ଘୋଟି ଆସିଲା। ଦୁଷ୍ଟ ବଡ଼ ବୋହୂର ଘରେ ହାକିମାତି ଆରମ୍ଭ ହୋଇଗଲା। ଧରାକୁ ସରା ମଣି ନିଜର ମଣିଷ ପଣିଆକୁ ଭୁଲିଗଲା। ଶାଶୁ ଶ୍ୱଶୁରଙ୍କ ପ୍ରତି କଦର୍ଯ୍ୟ ବ୍ୟବହାର ଦିନକୁ ଦିନ ବଢିଚାଲିଲା। ବଡ଼ ଘର ଝିଅ ତ ମନରେ ଭାରି ଗର୍ବ। ହଠାତ୍ ଦୁଇ ପୁଅଙ୍କର ଅନ୍ୟତ୍ର ବଦଳି ହେଲା। ବଡ଼ ବୋହୂ ନିଜର ଆସବାବପତ୍ର ନେଇ ସ୍ୱାମୀ ସହିତ ସରକାରୀ ବଙ୍ଗଳାରେ ରହିଲା। ଓଡିଆରେ ଗୋଟିଏ ଢଗ ଅଛି ‘ଆଗ ହଳିଆ ଯୁଆଡେ ପଛ ହଳିଆ ସେଇଆଡେ’ ଅର୍ଥାତ ଘରର ବଡ଼ ବୋହୂ ଯେଭଳି ଢଙ୍ଗରେ ଚାଲିବ ସାନମାନେ ମଧ୍ୟ ତାକୁ ଅନୁକରଣ କରିବେ। କିନ୍ତୁ ସାନବୋହୂ କ୍ଷେତ୍ରରେ ଏହା ସମ୍ପୂର୍ଣ୍ଣ ନିଆରା ଥିଲା।

ବଡ଼ ବୋହୂ ସିନା ଶାଶୁ ଶ୍ୱଶୁରଙ୍କ ସେବାକୁ ଘୃଣା କରି ଘରୁ ଚାଲିଗଲା ହେଲେ ସାନବୋହୂ ମମତା ଘରୁ ଗୋଡକାଢି ସ୍ୱାମୀ ସହିତ ଗଲା ନାହିଁ। ଶାଶୁ ଶ୍ୱଶୁର ମୋ ପାଇଁ ଚଳନ୍ତି ଦେବତା ଏହା ଭାବି ମମତା ଘରେ ପଡି ରହିଲା। ବଡ଼ପୁଅ ସପ୍ତାହରେ ଥରେ ବି ଘରକୁ ଆସେ ନାହିଁ କିନ୍ତୁ ନିରୀହ ସାନପୁଅ ପ୍ରତିସପ୍ତାହରେ ଘରକୁ ଆସି ବାପା ମାଆଙ୍କ କଥା ବୁଝୁଥାଏ। ଏବଂ ଘରୁ ଗଲାବେଳେ ସ୍ତ୍ରୀ ମମତାଙ୍କୁ ତାଗିଦ୍ କରି କୁହେ - ଦେଖ ମମତା, ମୋ ବାପା ମାଆଙ୍କ ସେବାରେ ତୃଟି କରିବନି କି ତାଙ୍କ ମନରେ କେବେ କଷ୍ଟ ଦେବନି। ମୁଁ ଜାଣିଛି ତୁମେ ବଡ଼ ଘରର ଝିଅ। ଭାଇଙ୍କର ଗେହ୍ଲା ଭଉଣୀ। ବାପା ମାଆଙ୍କର ଗେହ୍ଲା ଝିଅ। ହେଲେ ମୋ ବାପା ମାଆଙ୍କର ତୁମେ ସାହାଭରସା। ଏ ଘରର ଲକ୍ଷ୍ମୀ ଠାକୁରାଣୀ। ମୋ ଅନୁପସ୍ଥିତି ଏଘର ପାଇଁ ତୁମେ ସବୁକିଛି। ଭାଇସିନା ବାପା ମାଆଙ୍କୁ ଭୁଲି ସ୍ତ୍ରୀକୁ ନେଇ ସୁଖରେ ରହିଲା। ହେଲେ ବାପା ମାଆ କି ପ୍ରକାର କଷ୍ଟ କରି ମଣିଷ ପରି ମଣିଷଟିଏ କରିଛନ୍ତି ତାହା ମୁଁ ଅନୁଭବ କରିଛି। ପରଘରେ ବାପାଙ୍କର ମୂଲଲଗା ଓ ମାଆଙ୍କର ବାସନମଜା ଏବେବି ମୁଁ ଭୁଲି ପାରିନି। କିଛି କହିପାରିଲାନି ମମତା। ସ୍ୱାମୀଙ୍କ କଥାକୁ ସମ୍ମତି ଜଣାଇ ହସିହସି ବିଦାୟ ଦେଲା। ଇତିମଧ୍ୟରେ ବଡ଼ପୁଅ ପ୍ରମୋସନ ପାଇ ବଡ଼ ଅଫିସର ପାଲଟି ଯାଇଛି। ପଛକଥା ସବୁ ଭୁଲି ଯାଇଛି। ସ୍ତ୍ରୀ ପରାମର୍ଶରେ ଲାଞ୍ଚ ପଛରେ ପଡି ପଡି ଶେଷରେ ଭିଜିଲାନ୍ସ ଦ୍ୱାରା ଧରାପଡି ଜେଲଗଲା। ଗର୍ବ ଅହଂକାର ସବୁ ଚୂର୍ଣ୍ଣ ହେଲା ତା’ ସ୍ତ୍ରୀର। ସ୍ୱାମୀକୁ ମୁକୁଳାଇବା ପାଇଁ ଗହଣାଗାଣ୍ଠି ବିକିଦେଲା, ବାର ଦୁଆର ସୁଣ୍ଠିପିଣ୍ଡା ହେଲା। କେତେ କାହାକୁ ନେହୁରା ହେଲା ତଥାପି ସ୍ୱାମୀକୁ ମୁକୁଳାଇ ପାରିଲା ନାହିଁ। ଯୁଆଡେ ଗଲା ସମସ୍ତେ ଖେଦି ଗୋଡାଇ ଗର୍ବୀ ଅହଂକାରୀ, ଯିଏ ଚଳନ୍ତି ଦେବତାଙ୍କୁ ଖୁସି ଦେଇପାରି ନାହିଁ କି ଚିହ୍ନି ପାରି ନାହିଁ ତାକୁ କିଏବା କାହିଁକି ସହାୟ ହେବ। ମନେ ମନେ କଳା କର୍ମକୁ ଧିକ୍କାର କରି ରହିଲା ବଡ଼ ବୋହୂ।

ଭଗବାନଙ୍କ ଆଶୀର୍ବାଦରୁ ମମତା ସରକାରୀ ଚାକିରୀ ପାଇଲା। ସ୍ୱାମୀ ପରି ନିରୀହା, ମନରେ ଗର୍ବ ଅହଂକାର ନାହିଁ। ଚାକିରୀ ଜଞ୍ଜାଳ ସହିତ ଚଳନ୍ତି ଦେବତା ଶାଶୁ ଶ୍ୱଶୁରଙ୍କ ସେବା। ସବୁ ପରେବି ସେ ଜଣେ ପ୍ରଭୁ ଭକ୍ତ। ଶାଶୁ ଶ୍ୱଶୁରଙ୍କୁ ସାକ୍ଷାତ୍ ଲକ୍ଷ୍ମୀ ନାରାୟଣ ଭାବି ମନଜାଣି ସେବା କରୁଥାନ୍ତି। ସ୍ୱାମୀଙ୍କ କଥା ଅନୁସାରେ କୌଣସି ଦିନ ସେବାରେ ତୃଟି କରି ନାହାନ୍ତି କି ମନରେ ଘୃଣାଭାବ ଆଣି ନାହାନ୍ତି। ଦୈନିକ ଘରର ଯାବତୀୟ କାର୍ଯ୍ୟ ସାରି ଜଗନ୍ନାଥଙ୍କ ଫଟୋଚିତ୍ର ନିକଟରେ ବସି ପ୍ରଭୁଙ୍କୁ ଦୁଃଖ ଜଣାଉ ଥାଆନ୍ତି ମମତା। ଶାଶୁ ଶ୍ୱଶୁର ଲୁଚି ଲୁଚି ଦେଖୁଥାନ୍ତି ବୋହୂ ନଶୋଇ ଘର ଭିତରେ କ’ଣ ଗୁଣୁଗୁଣୁ ହେଉଛି। ଏମିତି କିଛି ଦିନ ଗଲା। ସହଜେ ବୁଢାବୁଢୀ ପ୍ରଭୁ ଭକ୍ତ। ତେଣୁ ଅତି ସହଜରେ ବୁଝିଗଲେ ଯେ ବୋହୂ ପ୍ରଭୁ ଜଗନ୍ନାଥଙ୍କୁ ଜପ କରୁଛି।

(କ୍ରମଶଃ)

# “ଆଜିକାଲି ମୋ ମନ ଯାହା କହୁଛି ତା କରୁଛି”

**ମୂଳ ରଚନା : ଚିତ୍ରା ଦେସାଇ**
**ଅନୁବାଦ : ପାରମିତା ଷଡ଼ଙ୍ଗୀ**



ଆଜିକାଲି ମୋ ମନ ଯାହା କହୁଛି
ମୁଁ ତା କରୁଛି
କଫି କପ୍‌ରେ ହାତକୁ ଓ
ଫୈଜ୍‌ଙ୍କ କବିତାରେ
ଆତ୍ମାକୁ ସେକୁଛି
ସବୁ ସକାଳେ
ପେପରରେ ଛପା ଯାଇଥିବା
ଖବରକୁ ନେଇ
ନିଶ୍ଚିନ୍ତରେ ତର୍କ କରୁଛି
ଷୋରିଷର ଶାଗ ଓ
ବଥୁଆର ରୁଟିକୁ
କେତେବେଳେ ଗୁଡ ତ
କେତେବେଳେ କଞ୍ଚା ଲଙ୍କା
ସହ ଚୋବଉଛି
ମୋ ଝରକାରେ ଥିବା
ଗମଲାର ଖେତରେ
ପାଣି ଦେଉଚି
ସଂଧ୍ୟାରେ
ଗଛର ଶାଖାରେ
ଯାଯାବର ପରି ବୁଲୁଥିବା
ପକ୍ଷୀଙ୍କ କଳରବ ଶୁଭୁଚି
କେବେ ଦିପହରରେ
ଗାଁର ଗଳି ଭିତରେ



ସାଙ୍ଗଙ୍କ ହାତ ଧରି
ତାଙ୍କ କଥାରେ ମିଶି ଯାଇଛି ତ ପୁଣି,
ବାକି ଥିବା କିଛି ଗଛରେ
ଚଢ଼େଇଟେ ବସାଟେ ବାନ୍ଧୁ
ଏଇ ଚେଷ୍ଟା କରି ଚାଲିଛି
ସଂଧ୍ୟା ପରେ
ଗାଁ ମାଟିକୁ
ଦୂରରେ ଥାଇ ବି
ଆଉଁସିବାରେ ଲାଗିଛି
ଆଉ, କିଛି ବନ୍ଧୁ କହୁଛନ୍ତି
ମୁଁ ଆଜିକାଲି କିଛି କରୁନି
କାହିଁକି କି ନା,
ଆଜିକାଲି ମୋ ମନ
ଯାହା କହୁଛି ମୁଁ ତା କରୁଛି।

*ମୁମ୍ବାଇ*

# କବିତାର କଥା

(ଭାଗ-୪୪)



**ଉମାକାନ୍ତ ରାଉତ**



## ବିଷାଦକୁ ବିଳାସରେ ରୂପାନ୍ତରିତ କରିପାରୁଥିବା କବି

ଗୁରୁପ୍ରସାଦଙ୍କ କବିତା ପଢ଼ିଲେ ତାଙ୍କ ଅନ୍ତଃକରଣରେ ବିଷାଦର ନଈଟା ବହିଗଲା ଭଳି ଲାଗେ। ଏହି ବିଷାଦବୋଧ ଓ ଅଦ୍ଭୁତ ନିଃସଙ୍ଗତାବୋଧ ଜୀବନର ଶେଷ କବିତା ଯାଏ ତାଙ୍କଠାରେ ବିରାଜମାନ ଥିଲା ଭଳି ପ୍ରତୀୟମାନ ହୁଏ। ତାଙ୍କ କାବ୍ୟନାୟକ/ନାୟିକାର ଜାତନା, ଜ୍ୱାଳା, ସଂଘାତ, ବ୍ୟଥା, ବେଦନା ଆଦି ପାଇଁ ଯେଉଁସବୁ ଅଭାବ ବା ବିଫଳତା ଦାୟୀ ସେସବୁ ରୋମାଣ୍ଟିକ୍ ପର୍ଯ୍ୟାୟଭୁକ୍ତ। ହେଲେ, ତାହା ପାରମ୍ପରିକ ରୋମାଣ୍ଟିକ ଭାବନାଠାରୁ ଭିନ୍ନ ଏକ ନିଆରା ପ୍ରକାରର ସର୍ଜନା। ସେଥିପାଇଁ ସେ ବହୁବାର କହିଛନ୍ତି- “ମୁଁ ଧୂପର ହୀରୋ ନୁହେଁ କି କାଳୀଚରଣଙ୍କ ବହୁଚର୍ଚ୍ଚିତ ‘ଗାର୍ଲସ୍କୁଲ’ ଓ ରାମଚନ୍ଦ୍ର ମିଶ୍ରଙ୍କ ‘ଚୁମ୍ବନ’ରେ ଥିବା ନାୟକର ରୋମାଣ୍ଟିସିଜିମ୍ ସହ ତାଙ୍କ ନାୟକର ରୋମାଣ୍ଟିକ ଭାବନାର କିଛିଇ ସମ୍ପର୍କ ନାହିଁ। ତାଙ୍କର ସବୁ କବିତାର ନାୟକମାନଙ୍କର ଜନ୍ମ ବିଷାଦବିଳାସ କିମ୍ବା ବିଷାଦିତ ପୃଷ୍ଠଭୂମିର ଚରାଭୂଇଁରୁ ଘଟିଥିଲା ଭଳି ଲାଗେ। ତାଙ୍କର ଭିନ୍ନ ଭିନ୍ନ କବିତାରେ ଭିନ୍ନ ଭିନ୍ନ ବାଗରେ ମୋହ, ମୋହଭଙ୍ଗ ଏବଂ ଚରମ ବିଷାଦ ମୁହୂର୍ତ୍ତମାନଙ୍କର ସମାହାର ଘଟିଥିଲେ ହେଁ ତାଙ୍କର ସମଗ୍ର ସୃଷ୍ଟି ପାଠକଙ୍କୁ ଏକ ଅଣପାରମ୍ପରିକ ରସିକତାର ବିହ୍ୱଳପଣରେ ବାନ୍ଧି ରଖିପାରେ। ଏହାହିଁ ତାଙ୍କର ବିଶେଷତ୍ୱ। ଏହାହିଁ ତାଙ୍କର ଅନନ୍ୟତା ଏବଂ ଭିଡ ଭିତରୁ ବାରି ହୋଇ ପଡିବାର ଯୋଗ୍ୟତା,

“ଦ୍ୱିପ୍ରହର ଧୂଳି ଉଡେ ଖାକି ଆଉ ଫିଲଡ୍ ଗ୍ରେ ଧୂଳି
ସିଗାରେଟ୍ ଧୂଆଁ ପୁଣି ଭାରି ହୋଇ ବସିଯାଏ ଜରିଫୁଲ କାଗଜଫୁଲରେ
କାଉ ଆଉ ବାଦୁଡିର ଚେଁ ଚାଁ ମିଶିଯାଏ ଏକାଠି ବାହାରେ
କୋଇଲାର ଧୂଆଁ ପୁଣି ନିଶ ମୋଡି ମୋଡି ଉଠେ ରିକ୍ସାବାଲା ବାଟଯାଏ ଭୁଲି।

ଯେତେବେଳେ ନୂତନ ଓ ତରୁଣ କବିମାନେ ‘Londan Bridge Falling Down’ ପରିକାବ୍ୟର ପ୍ରେମରେ ପଡିଥିଲେ ଓ ବାରମ୍ବାର ଆବୃତ୍ତି କରିଥିଲେ ସେତିକିବେଳେ ଅର୍ଥାତ୍ ପ୍ରାୟ ୧୯୫୦ ଠାରୁ ୧୯୬୫ ମଧ୍ୟରେ ଯେଉଁ ତରୁଣ ଭାରତୀୟ କବିମାନେ ଏଲିୟଟ୍ ଓ ଏଜ୍‌ରା ପାଉଣ୍ଡଙ୍କ ପ୍ରେମରେ ପଡିଥିଲେ, ସେମାନଙ୍କ ମଧ୍ୟରେ ଗୁରୁପ୍ରସାଦ ଥିଲେ ଅଗ୍ରଗଣ୍ୟ। ୧୯୫୫ରେ ପ୍ରକାଶିତ ତାଙ୍କର ନୂତନ କବିତା ଗୁଚ୍ଛ ନୂଆପିଢ଼ୀର ତରୁଣମାନଙ୍କୁ ଦୀର୍ଘ ସମୟ ଧରି ଆକର୍ଷିତ କରି ରଖିଲା। କହିବାକୁ ଗଲେ ତାଙ୍କର ଅନୁଭବ ଓ କଳ୍ପନାର ମିଶ୍ରଣଜନିତ ଅଣପାରମ୍ପରିକ କାବ୍ୟ ସୃଷ୍ଟି ଏକ ନୂତନ ପ୍ରସ୍ଥର ସୂତ୍ରପାତ କଲା। ଏବଂ ଓଡ଼ିଆ କବିତାର ମୋଡକୁ ବଦଳେଇ ଦେଲା ଭଳି ସମ୍ଭାବନା ସୃଷ୍ଟି ହେଲା। ମାନସିଂହ, ଗଡନାୟକ, ସଚ୍ଚିରାଉତରାୟ ଆଦିଙ୍କ ପରେ ପରେ କବିପ୍ରାଣକୁ ଯଦି ବିଶେଷ ଭାବରେ କିଏ ଦୋହଲେଇ ଦେବାରେ ସକ୍ଷମ ହୋଇଥିଲା ସେ ହେଲେ କବି ଗୁରୁପ୍ରସାଦ। ‘ନୂତନ କବିତା’ ସଂକଳନର ଇଂରାଜୀ ସମୀକ୍ଷା କରି ସେତେବେଳେ ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ ଲେଖିଥିଲେ – ‘New Poems have broken new grounds in oriya literature’ ଏଥିସହିତ ‘କାଳପୁରୁଷ’ ଭଳି ସୃଷ୍ଟି ତାଙ୍କୁ ଏକ ସ୍ୱତନ୍ତ୍ର ସୋପାନରେ ନେଇ ପହଞ୍ଚାଇ ଦେଲା। ନିମ୍ନରେ ତା’ର ଏକ ଝଲକ...

“ଏକିରେ ଅନ୍ଧାର ଉଠେ ଗିଳି ରେଖା ଥାକର ପ୍ରକାର
ସୀମିତ ମୋ’ ପୃଥିବୀର ଦିଗ ହଜେ, ହଜିଯାଏ ଉପର ଓ ତଳି
କ୍ଳାନ୍ତ ମୋର ଦେହ ଚାପି ମାଡିଆସେ ବାଲିରେ ମାଡିଆସେ ବାଲି ଓ ଅନ୍ଧାର।”

(କ୍ରମଶ)

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*



# ବ୍ଲକ ଅଧ୍ୟକ୍ଷ ପଦବୀକୁ ନେଇ ବିଷ୍ଣୁଙ୍କ ସଜବାଜ



**ଜଗତସିଂହପୁର :** ରଘୁନାଥପୁର ବ୍ଲକ ଅଧ୍ୟକ୍ଷ ପଦବୀକୁ ନେଇ ବିଜେଡିଦଳ ନେତାମାନଙ୍କ ଭାଳେଣି ପଡିଥିବାବେଳେ ଚିକିଣିଆ ଗ୍ରା.ପ.ର ପୂର୍ବତନ ସରପଞ୍ଚ ବିଷ୍ଣୁଚରଣ ସେଠୀଙ୍କୁ ବିଜେଡି ଶିବିରର କିଛି ବାହୁବଳୀ ନେତା ଛିଡା କରାଇବାର ଯୋଜନା ରଖିଥିବା ବେଳେ ବିଜେପି, କଂଗ୍ରେସ ଦଳରେ ଛାନିଆ ପଶିଗଲାଣି। ଦୀର୍ଘ ବର୍ଷଧରି ରଘୁନାଥପୁର ବ୍ଲକ ଅଧ୍ୟକ୍ଷ ପଦବୀଟି ବିଜେଡିଦଳ କବଜାରେ ଥିବାବେଳେ ଚଳିତ ନିର୍ବାଚନ ବେଳକୁ ଅଧ୍ୟକ୍ଷ ପଦବୀଟି ଅନୁସୂଚିତ ଜାତିଙ୍କ ନିମନ୍ତେ ସଂରକ୍ଷଣ କରାଯାଇଛି। ଫଳରେ ବିଜେଡି ଦଳର କିଛି ଆଶାୟୀ ପ୍ରାର୍ଥୀମାନଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଯାଇଛି। ରଘୁନାଥପୁର ବ୍ଲକର କିଛି ନେତା ନିଜେ ଅଧ୍ୟକ୍ଷ ପଦବୀରେ ନଥିଲେ ବି ଅନ୍ୟ କାହାକୁ ଅଧ୍ୟକ୍ଷ ପଦବୀରେ ରଖି ରାଜନୈତିକ ଗୋଟି ଚାଳଣା କରି କୋଟିପତି ହେଉଥିବା ବେଳେ ଅନ୍ୟ ବିଜେଡିନେତା ମାନେ ଅବହେଳାର ଶିକାର ହେଉଛନ୍ତି। ତେଣୁ ଚଳିତ ନିର୍ବାଚନ ବେଳକୁ କୋଟିପତି ନେତାଙ୍କୁ ପାନେ ଦେବା ଆଶାରେ କିଛି ଦଳୀୟ ନେତା ଏକ ଅଜ୍ଞାତ ସ୍ଥାନରେ ଏକତ୍ରିତ ହୋଇ ଶ୍ରୀ ସେଠୀଙ୍କ ମୁଣ୍ଡରେ ଶିରିପା ବାନ୍ଧିବାର ପ୍ରଚେଷ୍ଟାରେ ଥିବାବେଳେ କୋଟିପତି ଗୋଷ୍ଠୀମାନଙ୍କ କବଜାରେ କିଏ ରହିବ ସେ ନେଇ ବି ଦ୍ୱନ୍ଦ ଉପୁଜୁଲାଣି। ବ୍ଲକ ଅଧ୍ୟକ୍ଷ ପଦବୀ ପାଇଁ ଯଦିଓ ଶ୍ରୀ ସେଠୀ ରାଜି ହେଉନାହାଁନ୍ତି କିନ୍ତୁ ତିର୍ତୋଲ ବିଧାୟକଙ୍କ ଠାରୁ ସମଦୂରତା ରକ୍ଷାକରି ଭିତିରିଆ ଚେର କାଟିବାକୁ ବସିଥିବା ନେତାମାନଙ୍କ ପାଇଁ ଏହା ଏକ ଶୀତଳ ଯୁଦ୍ଧ ହେବାପରି ମନେ ହେଉଛି। ଏହି ଖବର ଚା, ପାନ ଦୋକାନମାନଙ୍କ ଠାରୁ ଶୁଣି ଆମ ପ୍ରତିନିଧୀ ଶ୍ରୀ ସେଠୀଙ୍କୁ ଭେଟି ଏ ସମ୍ପର୍କରେ ପଚାରିବାରେ ସେ ଏହାକୁ ଏଡାଇ ଯାଇ କହିଥିଲେ ଯେ, ବର୍ତମାନ ନିର୍ବାଚନରେ ଅର୍ଥବଳ ଓ ବାହୁବଳ ଏକପ୍ରକାର ରାଜନୈତିକ ପୃଷ୍ଠ ଭୂମିକୁ ଦେବାଳିଆ କରିଦେଲାଣି। ରଘୁନାଥପୁର ବ୍ଲକରେ ଦଳୀୟ ସଂଗଠନକୁ ହାତରେ ରଖି କୋଟିପତି ନେତା ଯେଉଁ ପିସି ଆଦାୟ କରିବାରେ ଜୁଲମ ରଖୁଛନ୍ତି ସେଥିରେ ଏଥର ପୂର୍ଣ୍ଣଚ୍ଛେଦ ପକାଯିବ ଓ ରଘୁନାଥପୁର ବ୍ଲକରେ ପିସି ଆଦାୟ ପରମ୍ପରାରେ ଡୋରିବନ୍ଧା ହେଲା। ଶ୍ରୀ ସେଠୀ ପାରାଦ୍ୱୀପ ବନ୍ଦରରୁ ଅବସର ନେଲାପରେ ତାଙ୍କର ରାଜନୈତିକ ଜୀବନ ଆରମ୍ଭ କରି ସରପଂଚ ଭାବେ ପ୍ରତିଦ୍ୱନ୍ଦିତା କରି ବିଜୟଲାଭ କରିଥିଲେ। ତାଙ୍କ ୫ବର୍ଷର ରହଣି ମଧ୍ୟରେ ସେ ଅତ୍ୟନ୍ତ ନିର୍ଭିକତାର ସହ ସଚ୍ଚୋଟତା ବଜାୟ ରଖି ଜନସାଧାରଣଙ୍କ ସୁଖଦୁଃଖରେ ଭାଗିଦାର ହେଉଥିଲେ। ସେଥିପାଇଁ ଆଜି ଚିକିଣିଆ ଗ୍ରା.ପ. ନୁହେଁ ରଘୁନାଥପୁର ବ୍ଲକର ୧୯ଗୋଟି ଗ୍ରାମ ପଂଚାୟତରେ ତାଙ୍କର ସୁନାମ ଲାଗି ରହିଛି। ଆଲୋଚନା ସମୟରେ ଶ୍ରୀ ସେଠୀ ପ୍ରକାଶ କରିଥିଲେ ଯେ, ରଘୁନାଥପୁର ବ୍ଲକର ଭୌଗଳିକ ମାନଚିତ୍ର ବଦଳାଇବା ସହିତ ରଘୁନାଥପୁର ବ୍ଲକକୁ ଏକ ଏନଏସି ଘୋଷଣା କରିବା ନିମନ୍ତେ ସମସ୍ତ ପ୍ରକାର ଉଦ୍ୟମ କରିବେ। ଜଗତସିଂହପୁର ଜିଲ୍ଲାର ଏହା ଏକ ପ୍ରମୁଖ ଅଂଚଳ ହୋଇଥିବାରୁ ଓ ଏହି ବ୍ଲକରେ ବିଜେଡି ତାର ଦବଦବା ବଜାଇ ରଖିଥିବାରୁ ଶ୍ରୀ ସେଠୀ ଏହାର ଫାଇଦା ନେବାର ଆଶାରେ ଅଛନ୍ତି। ରଘୁନାଥପୁର ବ୍ଲକ ଅଂଚଳରେ ଚାଷୀମାନଙ୍କ ମୁଖ୍ୟସମସ୍ୟା ହେଉଛି ହଂସୁଆ ନଈ ତେଣୁ ଏହାର ପୁନରୁଦ୍ଧାର କରାଯିବା ସହିତ ରଘୁନାଥପୁର ବଜାରରେ ଷ୍ଟ୍ରିଟ ଲାଇଟ ଲଗାଯିବ। ସେହିପରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ରଘୁନାଥପୁର ଥାନାଟିର ନିଜସ୍ୱ ଗୃହପାଇଁ ସମସ୍ତ ପ୍ରକାର ଉଦ୍ୟମ କରାଯିବା ନିମନ୍ତେ ସେ ପ୍ରକାଶ କରିଥିଲେ। ପଂଚାୟତ ନିର୍ବାଚନ ପରେ ରଘୁନାଥପୁର ବ୍ଲକର ଅଧ୍ୟକ୍ଷ ପଦବୀଟି କାହା ଭାଗ୍ୟରେ ପଡିବ ତାହା ନେଇ ବି ଆଜିଠାରୁ ଅଙ୍କକଷା ଆରମ୍ଭ ହେଉଥିବା ବେଳେ ଶ୍ରୀ ସେଠୀଙ୍କ ପଲା ଭାରିଥିବାର ମନେ ହେଉଛି।

# ଆଗକୁ ଆଉ ଦୁଇଟି ଲଘୁଚାପ

**ଭୁବନେଶ୍ୱର :** ଆସନ୍ତା ଦୁଇ ସପ୍ତାହରେ ବଙ୍ଗୋପସାଗରରେ ଆଉ ଦୁଇଟି ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ରାଜ୍ୟରେ ନଭେମ୍ବର ଦ୍ୱିତୀୟ ଓ ତୃତୀୟ ସପ୍ତାହରେ ବର୍ଷା ହେବ ବୋଲି ପାଣିପାଗ ବିଶେଷଜ୍ଞମାନେ ମତ ହେଇଛନ୍ତି। ପାଣିପାଗ ବିଶେଷଜ୍ଞ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଶୁକ୍ରବାର ଦିନ ସୁମାତ୍ରା ଦ୍ୱୀପ ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ଉତ୍ତର-ପଶ୍ଚିମ ଦିଗରେ ଗତି କରି କ୍ରମଶଃ ଘନୀଭୂତ ହେବ ଓ ୯ ତାରିଖରେ ଲଘୁଚାପରେ ପରିଣତ ହେବ। ୧୨ ବା ୧୩ତାରିଖରେ ତାମିଲନାଡୁ ଓ ସଂଲଗ୍ନ ଦକ୍ଷିଣ ଆନ୍ଧ୍ର ଉପକୂଳରେ ଛୁଇଁବ। ଦକ୍ଷିଣ ଆରବସାଗରରେ ବର୍ତ୍ତମାନ ଥିବା ଲଘୁଚାପ କ୍ଷେତ୍ର ସେତେବେଳକୁ ଅଧିକ ଘନୀଭୂତ ହେବାର ସମ୍ଭାବନା ଥିବାରୁ ପବନ ସେଠାକୁ ଟାଣି ହେବ। ଏଣୁ ବଙ୍ଗୋପସାଗରୀୟ ଲଘୁଚାପ ଅଧିକ ଘନୀଭୂତ ନ ହୋଇପାରେ। ଫଳରେ ଚେନ୍ନାଇ ସହ ତାମିଲନାଡୁ ଓ ଦକ୍ଷିଣ ଆନ୍ଧ୍ର ଉପକୂଳରେ ପ୍ରବଳ ବର୍ଷା ହେବ। ଏହା ପ୍ରଭାବରେ ଭୁବନେଶ୍ୱର, ଗୋପାଳପୁର, ପୁରୀ ଓ ପାରାଦୀପ ସମେତ ସମୁଦ୍ର ସଂଲଗ୍ନ ଅଞ୍ଚଳରେ ୧୧ ଓ ୧୨ ତାରିଖରେ ପ୍ରବଳ ବର୍ଷା ହେବ। ଉପକୂଳ ଜିଲ୍ଲାର ସଂଲଗ୍ନ ଜିଲ୍ଲାରେ ପାଗ ମେଘୁଆ ସହିତ ହାଲୁକାରୁ ସ୍ୱଳ୍ପ ବର୍ଷା ହୋଇପାରେ। ରାୟଗଡ଼ା, କୋରାପୁଟ, ଓ ମାଲକାନଗିରିରେ ମଧ ହାଲୁକାରୁ ସ୍ୱଳ୍ପ ବର୍ଷାର ସମ୍ଭାବନା ରହିଛି।ରାଜ୍ୟରେ ୧୦ ତାରିଖ ପର୍ଯ୍ୟନ୍ତ ପାଗ ଶୁଖିଲା ଓ ଖରାଟିଆ ରହିବ। ଭୁବନେଶ୍ୱର ସମେତ ଉପକୂଳରେ ୬ ଓ ୭ରେ ସର୍ବନିମ୍ନ ତାପମାତ୍ରା ୨ ଡିଗ୍ରି କମିବା ବେଳେ କନ୍ଧମାଳ ସମେତ ଦକ୍ଷିଣ-ପଶ୍ଚିମ ଓଡ଼ିଶାରେ ୧୦ ସୁଦ୍ଧା ପ୍ରାୟ ୩ ଡିଗ୍ରି କମିପାରେ। ୧୧ରୁ ପୁଣି ରାତ୍ରି ତାପମାତ୍ରା ବଢ଼ିବ। ଭୁବନେଶ୍ୱର ସମେତ ଉପକୂଳରେ ୧୧ରୁ ୧୩ପର୍ଯ୍ୟନ୍ତ ପାଗ କୋହଲା ସହ କୁହୁଡ଼ି ହେବାର ସମ୍ଭାବନା ରହିଛି। ଗତ ୩୦ ତାରିଖରେ କରାଯାଇଥିବା ପୂର୍ବ ଆକଳନ ଅନୁଯାୟୀ, ୧୪ ତାରିଖ ବେଳକୁ ଥାଇଲାଣ୍ଡ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହା ଦକ୍ଷିଣ-ପୂର୍ବ ବଙ୍ଗୋପସାଗରକୁ ବିସ୍ତୃତ ହେବ। ପରେ ଏହା ଉତ୍ତର-ପଶ୍ଚିମ ଦିଗରେ ଦକ୍ଷିଣ ଉପକୂଳକୁ ମୁହାଁଇବ। ଏହାର ପ୍ରଭାବ ମଧ ରାଜ୍ୟରେ ପଡ଼ିବ। ତେବେ ୧୪ ତାରିଖ ବେଳକୁ ଏହା ଅଧିକ ସଠିକ୍ କହି ହେବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜିଲ୍ଲା ପରିଷଦ ...

ଅଧକ୍ଷ ପଦବୀକୁ ପଛୁଆ ବର୍ଗ ପରିବେର୍ତ୍ତ ଅନୁସୂଚିତ ଜନଜାତି ଏବଂ ନୟାଗଡ଼ ଓ ସୋନପୁରର ଅଧକ୍ଷ ପଦବୀକୁ ଅନୁସୂଚିତ ଜନଜାତି ପରିବର୍ତ୍ତେ ପଛୁଆ ବର୍ଗ ଭାବେ ସଂରକ୍ଷିତ ରଖାଯାଇଛି। ସେହିପରି ଚିଠା ତାଲିକାରେ ମହିଳାଙ୍କ ପାଇଁ ସଂରକ୍ଷିତ ଥିବା ସୋନପୁର ଓ ନୟାଗଡ଼ ଜିଲ୍ଲା ପରିଷଦ ଅଧକ୍ଷ ପଦବୀକୁ ସଂଶୋଧନ କରି କେନ୍ଦୁଝର ଓ ଗଜପତି ଜିଲ୍ଲାର ଅଧକ୍ଷ ପଦବୀକୁ ମହିଳାଙ୍କ ପାଇଁ ସଂରକ୍ଷିତ ରଖିଛନ୍ତି। ସଂଶୋଧିତ ଚୂଡ଼ାନ୍ତ ତାଲିକାରେ ଯେଉଁ ଜିଲ୍ଲାର ଆସନଗୁଡ଼ିକ ମହିଳାଙ୍କ ନିମନ୍ତେ ସଂରକ୍ଷିତ ରଖାଯାଇଛି, ସେଗୁଡ଼ିକ ହେଲା- ଅନୁଗୋଳ, କଟକ, କଳାହାଣ୍ଡି, କେନ୍ଦୁଝର, କୋରାପୁଟ, ଖୋର୍ଦ୍ଧା,ଗଜପତି, ଗଞ୍ଜାମ,ଢେଙ୍କାନାଳ, ନୂଆପଡ଼ା, ବରଗଡ଼, ବୌଦ୍ଧ, ଭଦ୍ରକ, ମାଲକାନଗିରି ଓ ରାୟଗଡ଼ା। ଏଥିରୁ ଭଦ୍ରକ ଓ କଟକ ଜିଲ୍ଲାର ଅଧକ୍ଷ ପଦବୀ ଅନୁସୂଚିତ ଜାତି ମହିଳାଙ୍କ ନିମନ୍ତେ ଏବଂ ଅନୁଗୋଳ ଓ ଖୋର୍ଦ୍ଧା ପଛୁଆବର୍ଗ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ସେହିପରି ଅନୁସୂଚିତ ଜନଜାତି ବର୍ଗର ମହିଳାଙ୍କ ନିମନ୍ତେ କେନ୍ଦୁଝର, ଗଜପତି, ମାଲକାନଗିରି ଓ ରାୟଗଡ଼ା ଜିଲ୍ଲାର ଅଧକ୍ଷ ପଦ ସଂରକ୍ଷିତ ରହିଛି। ସୂଚନାଯୋଗ୍ୟ, ରାଜ୍ୟରେ ଆସନ୍ତା ଫେବୃୟାରୀ ଦ୍ୱିତୀୟ ସପ୍ତାହରେ ପଞ୍ଚାୟତ ନିର୍ବାଚନ ହେବାର ସମ୍ଭାବନା ରହିଛି। ଶାସକ ବିଜେଡି ଚଳିତ ନିର୍ବାଚନରେ ଓବିସି କାର୍ଡ ଖେଳି ନିଜର ୨୭ ପ୍ରତିଶତ ପ୍ରାର୍ଥୀ ପଛୁଆ ବର୍ଗରୁ ଦେବ ବୋଲି ଘୋଷଣା କରିଥିବାରୁ ସମ୍ଭବତଃ ଏହି ୬ଟି ଜିଲ୍ଲାର ଜିଲ୍ଲା ପରିଷଦ ଆସନ(ମହିଳା)କୁ ନେଇ ଦଳ କିଛି ରଣନୀତି ପ୍ରସ୍ତୁତ କରିଛି। ଏହି ୬ଟି ଜିଲ୍ଲାର ପଦବୀ କୌଣସି ନିର୍ଦ୍ଦିଷ୍ଟ ବର୍ଗ ପାଇଁ ନଥିବାରୁ ଓ କେବଳ ମହିଳାଙ୍କ ପାଇଁ ସଂରକ୍ଷିତ ଥିବାରୁ ଯେକୌଣସି ଜାତିର ମହିଳାଙ୍କୁ ଦଳ ସେଠାରେ ଅଧକ୍ଷ ଭାବେ ଉପସ୍ଥାପିତ କରିବ ବୋଲି ଜଣାପଡ଼ିଛି । ଓଡ଼ିଶା ଜିଲ୍ଲା ପରିଷଦ ଅଧିନିୟମ-୧୯୯୧ର ଧାରା-୮ ଅନ୍ତର୍ଗତ ଉପଧାରା(୩)ର ପ୍ରାବଧାନ ଅନୁସାରେ ରାଜ୍ୟ ପଂଚାୟତିରାଜ ବିଭାଗ ପକ୍ଷରୁ ଆଜି ଜିଲ୍ଲା ପରିଷଦ ଅଧକ୍ଷ ପଦବୀର ସଂରକ୍ଷଣ ତାଲିକା ଜାରି ହୋଇଛି।

### ଆଇସିଡିଏସ୍‌ରେ ...

ସବାତଳେ ଉତ୍ତର ପ୍ରଦେଶ ୧୮ତମ ସ୍ଥାନରେ ଥିବାବେଳେ ଏହା ଉପରକୁ ଓଡ଼ିଶା ୧୭ତମ ସ୍ଥାନରେ ରହିଛି। ଏପରିକି ଗତବର୍ଷ ତୁଳନାରେ ଓଡ଼ିଶା ଦୁଇଟି ପାହାଚ ତଳକୁ ଖସିଯାଇଛି। ୨୦୨୦ ସମତା ସ୍ତମ୍ଭରେ ଓଡ଼ିଶା ୧୫ତମ ସ୍ଥାନରେ ରହିଥିଲା। କିନ୍ତୁ ଏ କ୍ଷେତ୍ରରେ ଚଳିତବର୍ଷ ଗୁଜରାଟ, କେରଳ ଓ ରାଜସ୍ଥାନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ନିରନ୍ତର ବିକାଶ ସ୍ତମ୍ଭରେ ସଂସ୍ଥା ପରିବେଶ, ଅର୍ଥନୀତି ଏବଂ ଲୋକଙ୍କ ଉପରେ ସମ୍ବଳ ବ୍ୟବହାରର ପ୍ରଭାବକୁ ବିଶ୍ଳେଷଣ କରାଯାଇ ରାଙ୍କ ପ୍ରସ୍ତୁତ କରିଛି। ବୃହତ୍ ରାଜ୍ୟ ବର୍ଗରେ ଗତବର୍ଷ ତୁଳନାରେ ଚଳିତବର୍ଷ ଓଡ଼ିଶାର ଉନ୍ନତି ହୋଇଛି। ଗତବର୍ଷ ଓଡ଼ିଶା ଏ କ୍ଷେତ୍ରରେ ୧୬ତମ ସ୍ଥାନରେ ରହିଥିବା ବେଳେ ଚଳିତବର୍ଷ ଏହା ୪ଟି ପାହାଚ ଉପରକୁ ଉଠି ୧୨ତମ ସ୍ଥାନରେ ରହିଛି। ଉପରୋକ୍ତ ୩ଟି ସ୍ତମ୍ଭର ୧୨ଟି ପ୍ରମୁଖ ବିକାଶ ସୂଚୀକୁ ନେଇ ବର୍ଷକୁ ବର୍ଷ ରାଜ୍ୟଗୁଡ଼ିକର ଅଗ୍ରଗତି କ'ଣ ରହିଛି ତାହାର ଏକ ଡେଲ୍ଟା ବିଶ୍ଳେଷଣ କରାଯାଇଛି। ସାମଗ୍ରିକ ଦୃଷ୍ଟିରୁ ଦେଖିଲେ ଓଡ଼ିଶା ଉକ୍ତ ରାଙ୍କରେ ଦ୍ୱିତୀୟ ସ୍ଥାନରେ ରହିଛି। ଏଥିରେ ଛତିଶଗଡ଼ ପ୍ରଥମ ଏବଂ ତେଲେଙ୍ଗାନା ତୃତୀୟ ସ୍ଥାନରେ ରହିଛି। ଡେଲ୍ଟା ସମତା ରାଙ୍କିଂ ଅନୁସାରେ କେବଳ ସମତା ବର୍ଗରେ ଛତିଶଗଡ଼ ପ୍ରଥମ ସ୍ଥାନରେ ଥିବାବେଳେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି। ନିରନ୍ତରତା କ୍ଷେତ୍ରରେ ବୃହତ୍ ରାଜ୍ୟଗୁଡ଼ିକ ମଧ୍ୟରେ ତାମିଲନାଡୁ, କେରଳ ଏବଂ ଓଡ଼ିଶାର ଡେଲ୍ଟା ସୂଚୀ ଉନ୍ନତି ସର୍ବାଧିକ ହୋଇଛି। ଏଥିସହିତ ବିଗତ ବର୍ଷ ତୁଳନାରେ ଚଳିତବର୍ଷ ୧୨ଟି ପ୍ରମୁଖ ବିକାଶ ସୂଚୀରେ ଓଡ଼ିଶା ଓ ନାଗାଲାଣ୍ଡର ପ୍ରଦର୍ଶନ ସର୍ବୋତ୍କୃଷ୍ଟ ରହିଛି। ଏହାବ୍ୟତୀତ ରିପୋର୍ଟରେ ରାଜ୍ୟଗୁଡ଼ିକୁ ନେଇ ଏକ ମୋଟାମୋଟି ୩ଟି କମ୍ପୋଜିଟ୍ କ୍ଲଷ୍ଟରରେ ବିଭକ୍ତ କରାଯାଇଛି। ପ୍ରଥମ ଏବଂ ଦ୍ୱିତୀୟ କ୍ଲଷ୍ଟର ବର୍ଗରେ ଥିବା ରାଜ୍ୟ ତୁଳନାରେ ତୃତୀୟ କ୍ଲଷ୍ଟର ରାଜ୍ୟଗୁଡ଼ିକର ପ୍ରଦର୍ଶନ ବିଭିନ୍ନ ଯୋଜନାରେ ଜାତୀୟ ହାରଠାରୁ ଖରାପ ରହିଛି। ସେହି ରାଜ୍ୟଗୁଡ଼ିକ ହେଲା ଆସାମ, ବିହାର, ଝାଡ଼ଖଣ୍ଡ, ଓଡ଼ିଶା, ଉତ୍ତର ପ୍ରଦେଶ ଏବଂ ପଶ୍ଚିମବଙ୍ଗ। ଅଭିବୃଦ୍ଧି ସ୍ତମ୍ଭରେ ଏସବୁ ରାଜ୍ୟର ପ୍ରଦର୍ଶନ ମଧ୍ୟମ ଧରଣର ରହିଥିବାବେଳେ ସମତା ଏବଂ ନିରନ୍ତରତା ସ୍ତମ୍ଭରେ ପ୍ରଦର୍ଶନ ହାରାହାରି ତୁଳନାରେ କମ୍ ରହିଛି। ତେବେ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ନିତି ଆୟୋଗ ପକ୍ଷରୁ ଚିହ୍ନଟ ହୋଇଥିବା ୧୧୨ଟି ଆକାଂକ୍ଷୀ ଜିଲ୍ଲା ମଧ୍ୟରୁ ୫୭ଟି ଜିଲ୍ଲା ବା ୫୦.୮ ପ୍ରତିଶତ ଉପରୋକ୍ତ ୬ଟି ରାଜ୍ୟରେ ରହିଛି।

### ଖୋଲିବ ସ୍କୁଲ ...

ସମୟରେ ସଭା ସମିତି ଜରିଆରେ ଖୋଦ୍ ଅଧକ୍ଷା ଯୋଗଦେଇ ସଚେତନ କରିବେ। ଏହାଛଡ଼ା ପ୍ରଥମ ଥର ପାଇଁ ୧୯ ତାରିଖରେ ଶିଶୁ ବିଧାନସଭା ବା 'ଚାଇଲ୍ଡ ଆସେମ୍ଳି' ବସିବ। ଶିଶୁଙ୍କ ସହ ଏଥିରେ ଶିଶୁ ଅଧିକାର ସହ ଜଡ଼ିତ ବିଭିନ୍ନ ବିଭାଗୀୟ ଅଧିକାରୀ ସାମିଲ ହେବେ। ବିଧାନସଭା ଭଳି ଏଥିରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ରହିବ। ଶିଶୁମାନେ ତାଙ୍କ ମନରେ ଉଙ୍କି ମାରୁଥିବା ବିଭିନ୍ନ ପ୍ରଶ୍ନ କିମ୍ବା ବିଭିନ୍ନ ପ୍ରସଙ୍ଗରେ ଥିବା ଅବୁଝା କଥାର ଉତ୍ତର ସମ୍ପୃକ୍ତ ଅଧିକାରୀଙ୍କଠାରୁ ସିଧାସଳଖ ପାଇପାରିବେ ବୋଲି ସେ କହିଛନ୍ତି।

### 'ପୁରୀର ନାମ ...

ପରିବର୍ତ୍ତନ ପଛରେ କୌଣସି ବଳିଷ୍ଠ ଯୁକ୍ତିନଥିବା ଶଙ୍କରାଚାର୍ଯ୍ୟ କହିଛନ୍ତି। ଅନ୍ୟପକ୍ଷରେ ପୁରୀ ନାମ ପରିବର୍ତ୍ତନ ଦାବି ସପକ୍ଷରେ ମତ ଦେଇଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ପୁରୀ ସହ ଶ୍ରୀଜଗନ୍ନାଥଙ୍କ ନାମ ଯୋଡ଼ାଗଲେ ବହୁତ ଭଲହେବ ବୋଲି ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସରକାରଙ୍କ ସହ ଆଲୋଚନା କରିବେ ବୋଲି ଧର୍ମେନ୍ଦ୍ର ପ୍ରତିଶ୍ରୁତି ଦେଇଛନ୍ତି। ପୁରୀ ନାମ ପରିବର୍ତ୍ତନ ପାଇଁ ଶ୍ରୀକ୍ଷେତ୍ର ସୂଚନା ଏବଂ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଦାବି କରାଯାଇଛି। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

### ନ୍ୟାୟ ମାଗୁଛି ...

ରାଜରାସ୍ତାରେ ବୁଲୁଛନ୍ତି। ନବମ ଶ୍ରେଣୀରେ ପଢୁଥିବା ସ୍ୱୟଂସିଦ୍ଧାର୍ଥର ଭବିଷ୍ୟତ କେଉଁ ଆଡକୁ ଯାଉଛି ତାହାକୁ ସହଜରେ ଅନୁମାନ କରିହେବ। ନିଜ ଘରକୁ ଯାଇ ନପାରିବାରୁ ସ୍ୱୟଂସିଦ୍ଧାର୍ଥର ପାଠପଢ଼ାରେ ଘୋର ବ୍ୟାଘାତ ହେଉଛି। ଏତିକିରେ କଥା ସରିନାହିଁ। ଏହି ଘଟଣାରେ ମାମୁଘର ଲୋକଙ୍କ ହସ୍ତକ୍ଷେପ ଓ ବାପା-ପୁଅଙ୍କ ପ୍ରତି ନିର୍ଯାତନା ମଧ କିଛି କମ ନୁହଁ। ଘଟଣାରୁ ପ୍ରକାଶ ଯେ, ପ୍ରଦୀପ୍ତ ସ୍ୱାଇଁଙ୍କ ନାମରେ ଓସ୍କାର ସିଟିରେ ଏହି ଜମି ଖଣ୍ଡକ କିଣିଥିଲେ ଏବଂ ଏଥିରେ ଘର କରିବା ପାଇଁ ଏକ ଜାତୀୟକରଣ ବ୍ୟାଙ୍କରୁ ୨୦ ବର୍ଷ ପାଇଁ ୧୩ଲକ୍ଷ ଟଙ୍କା ଋଣ ଆଣିଥିଲେ। ସ୍ୱୟଂସିଦ୍ଧାର୍ଥ ନିଜ ପ୍ରତି ଓ ବାପାଙ୍କ ପ୍ରତି ବିପଦ ଥିବାରୁ ଥାନାରେ ପୋଲିସ ସୁରକ୍ଷା ଲୋଡିଛନ୍ତି। ହେଲେ ମା'ଙ୍କ ଅତ୍ୟାଚାର ବିରୋଧରେ ସ୍ୱର ଉଠାଇ ଜଣେ ନାବାଳକ ପୁତ୍ର କିଭଳି ଅସୁବିଧାର ସମ୍ମୁଖୀନ ହେଲେ ତାହା ଚିନ୍ତାର ବିଷୟ। ଏବେ ସ୍ୱୟଂସିଦ୍ଧାର୍ଥ ଯାହାକୁ ଦେଖୁଛନ୍ତି ତାଙ୍କୁ ମା'ର ଅତ୍ୟାଚାର ବିରୋଧରେ ନ୍ୟାୟ ମାଗୁଛନ୍ତି।

### ଘନଶ୍ୟାମ ...

କରାଯାଇଛି ଓ 'କାଳିଆ କରୁଛି ଲୀଳା' ଶ୍ରେଷ୍ଠ ଟେଲି ଫିଲ୍ମ ଭାବେ ମନୋନୀତ ହୋଇଛି। ସମାରୋହରେ ଏହି ପୁରସ୍କାର ପାଇଁ ୫୦ ହଜାର ଟଙ୍କା ଓ ମାନପତ୍ର ପାଇବେ ନୀଳମାଧ୍ୱ ପଣ୍ଡା। ସୂଚନାଯୋଗ୍ୟ, ଜୟଦେବ ପୁରସ୍କାର ବିଜେତା ଘନଶ୍ୟାମ ମହାପାତ୍ର ୧୯୩୩ ମସିହା ଜାନୁଆରି ୧ ତାରିଖରେ ଢେଙ୍କାନାଳରେ ଜନ୍ମଗ୍ରହଣ କରିଥିଲେ। ସେ ରେଭେନ୍ସା କଲେଜରେ ପାଠ ପଢ଼ିଥିଲେ। କଲେଜରେ ପାଠ ପଢ଼ିବା ସମୟରେ ନାଟକ ପ୍ରତି ଆକର୍ଷିତ ହୋଇଥିଲେ। ପରେ ସେ ଡକ୍ୟୁମେଣ୍ଟାରି ଫିଲ୍ମ ନିର୍ମାଣ କରିବାରେ ନିଜକୁ ନିୟୋଜିତ କରିଥିଲେ। ୨୨ ବର୍ଷ ବୟସରେ ସେ ବାଙ୍ଗାଲୋରସ୍ଥିତ ଏସ୍ ଜେ ପଲିଟେକ୍ନିକ୍ରୁ ସିନେମାଟୋଗ୍ରାଫିରେ ଡିପ୍ଲୋମା ହାସଲ କରିଥିଲେ। ସିନେମାଟୋଗ୍ରାଫି ପାଠ୍ୟକ୍ରମରେ ସେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। ୧୯୬୦ ମସିହାଠାରୁ ସେ ଦୀର୍ଘ ୪୭ ବର୍ଷ ଧରି ଚଳଚ୍ଚିତ୍ର ଶିଳ୍ପ ସହିତ ଜଡ଼ିତ ଅଛନ୍ତି। ଶ୍ରୀ ମହାପାତ୍ର ବହୁ ଉଚ୍ଚମାନରେ ଡକ୍ୟୁମେଣ୍ଟାରି ଫିଲ୍ମ ନିର୍ମାଣ କରି ପୂର୍ବରୁ ବହୁଭାବେ ସମ୍ମାନିତ ଓ ପୁରସ୍କୃତ ହୋଇଛନ୍ତି। ତାଙ୍କ ନିର୍ଦ୍ଦେଶିତ ପ୍ରଥମ ଓଡ଼ିଆ ଡକ୍ୟୁମେଣ୍ଟାରି ଫିଲ୍ମ ହେଉଛି 'ମା ଓ ଶିଶୁ'। ୧୯୬୨ ମସିହାରେ ନିର୍ମିତ ତାଙ୍କର ପ୍ରଥମ ଡକ୍ୟୁମେଣ୍ଟାରି ଫିଲ୍ମ ଓଡ଼ିଶା ସରକାରଙ୍କ ଦ୍ୱାରା ଶ୍ରେଷ୍ଠ ଡକ୍ୟୁମେଣ୍ଟାରି ପୁରସ୍କାର ଲାଭ କରିଥିଲା।

### 'ପଞ୍ଚାୟତିରାଜ ବ୍ୟବସ୍ଥାର ...

କାମ ଓ ଏପରିକି ଅନେକ ପଂଚାୟତରେ ମିଛ ବିଲ୍ କରି ଲକ୍ଷ ଲକ୍ଷ ଟଙ୍କା ସରକାରୀ ଦଳର ନେତାମାନେ ଆତ୍ମସାତ କରୁଛନ୍ତି। ଏହାର ଉଦାହରଣ ଅନେକ। ନିକଟରେ ଜଲେଶ୍ୱରର କଳମା ସମେତ ଅନେକ ପଂଚାୟତରେ ଆର୍.ଟି. ଆଇ ମାଧ୍ୟମରେ ଏହାର ପର୍ଦ୍ଦାଫାସ କଲାପରେ ଭିଜିଲାନ୍ସ ତଦନ୍ତ ଚାଲୁରହିଛି। ପିସି କାରବାର ପଂଚାୟତରେ ଖୋଲମଖୁଲା, ଯାହାକି ଗାଁ ବିକାଶର ଏକ ବଡ ବାଧକ। ମୁଖ୍ୟମନ୍ତ୍ରୀ ନିଜେ ପିସି କାରବାର ବନ୍ଦ କରିବା ପାଇଁ ଆହ୍ୱାନ ଦେଇଥିଲେ। ତାଙ୍କର ଏହି ଆହ୍ୱାନ ଏକ ଧୂଆଁ ବାଣ। ବାସ୍ତବିକ ଶାସକ ଦଳ ପଂଚାୟତିରାଜ ବ୍ୟବସ୍ଥାର ପିସି କାରବାରକୁ ଏକ ନିୟମରେ ପରିଣତ କରି ଦେଇଛି, ସେଥି ପାଇଁ ମୂଖ୍ୟମନ୍ତ୍ରୀ ଉତର ଦାୟୀ। ଆସନ୍ତା ପଂଚାୟତ ନିର୍ବାଚନ ପୂର୍ବରୁ ଦଳୀୟ ନେତାଙ୍କ ପରୋଚନା ଓ ସରକାରୀ ବାବୁମାନଙ୍କର ସହଯୋଗରେ ସଂରକ୍ଷଣ ବ୍ୟବସ୍ଥାକୁ ସରକାରୀ ଦଳ ଏକ ପ୍ରହଶନରେ ପରିଣତ କରିଛନ୍ତି। ଗୋଟିଏ ବର୍ଗର ଜନସଂଖ୍ୟା ନଗଣ୍ୟ ବା ଆଦୌ ନଥିବା ବେଳେ ସେଠାରେ ପଂଚାୟତ ପ୍ରତିନିଧି କୁ ସେହି ବର୍ଗ ପାଇଁ ସଂରକ୍ଷଣ କରାଯିବାର ଅନେକ ଦୃଷ୍ଟାନ୍ତ ଆମ ନଜରକୁ ଆସିଛି। ଶାସକ ଦଳକୁ ସୁହାଇଲା ଭଳି ଅନେକ ସ୍ଥାନରେ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପାଖରେ ଏହାର ଅଭିଯୋଗ କଂଗ୍ରେସ ରଖିବ। ଆସନ୍ତା ପଂଚାୟତ ନିର୍ବାଚନ ପୂର୍ବରୁ ପଂଚାୟତ ଗୁଡ଼ିକରେ ଦୁର୍ନୀତି ଓ ଯୋଜନା ଗୁଡିକର ଅସଫଳ ପ୍ରଣୟନକୁ ନେଇ ଓଡ଼ିଶା ରାଜୀବ ଗାନ୍ଧୀ ପଂଚାୟତ ରାଜ ସଂଗଠନ ପକ୍ଷରୁ ଜନଶୁଣାଣୀ କରାଯାଇ ଶାସକ ଦଳର ନେତା ଓ କର୍ମୀମାନଙ୍କର ଏଥିରେ ଥିବା ସଂପୃକ୍ତିର ପର୍ଦ୍ଦାଫାଶ କରାଯିବ। ଏହା ବ୍ୟତୀତ ସ୍ଥାନୀୟ ସମସ୍ୟାକୁ ନେଇ ଜିଲ୍ଲା ସ୍ତରରେ ନିର୍ବାଚନୀ ଇସ୍ତାହାର ମଧ କଂଗ୍ରେସ ଦଳ ପକ୍ଷରୁ ପ୍ରକାଶ କରାଯିବ। କଂଗ୍ରେସ ଯେଉଁ ମହତ ଆକାଂକ୍ଷା ନେଇ ସମ୍ବିଧାନ ସଂଶୋଧନ ମାଧ୍ୟମରେ ପଂଚାୟତି ରାଜ ବ୍ୟବସ୍ଥାକୁ ସଶକ୍ତ କରିବାପାଇଁ ପ୍ରୟାସ କରିଥିଲା ତାକୁ ସାକାର କରିବାପାଇଁ ତୃଣମୂଳ ସ୍ତରରେ ବିଭିନ୍ନ ବର୍ଗର ଜନସାଧାରଣଙ୍କୁ ସାହାଯ୍ୟ ଓ ସହଯୋଗ କରିବାପାଇଁ ଦଳ ପକ୍ଷରୁ ଶ୍ରୀ ଦାସ ନିବେଦନ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହପାତ୍ର ଉପସ୍ଥିତ ଥିଲେ।

# କୋଭିଡ ମୃତକଙ୍କ ପରିବାରକୁ ମିଳିଲା ସହାୟତା ରାଶି

**ଜଗତସିଂହପୁର :** ଜଗତସିଂହପୁର ଜିଲ୍ଲାରେ କୋଭିଡ-୧୯ରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିମାନଙ୍କ ନିକଟତମ ସମ୍ପର୍କୀୟ ବା ଆତ୍ମୀୟ ସ୍ୱଜନଙ୍କୁ ୫୦ହଜାର ଟଙ୍କା ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ କରାଯିବ। ଏହି ସହାୟତା ରାଶି ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ ପ୍ରଦାନ କରାଯିବ। ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ସଂଖ୍ୟା ୫୮୦୯ ତା-୧୧.୧୦.୨୧ରିଖ ଅନୁଯାୟୀ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ସଂସ୍ଥାର ଅଧ୍ୟକ୍ଷ ତଥା ଜିଲ୍ଲାପାଳଙ୍କୁ ଏହି ସହାୟତା ପ୍ରଦାନ କରିବାକୁ ପ୍ରାଧିକୃତ କରିଛନ୍ତି। ମୃତ ବ୍ୟକ୍ତିଙ୍କ ଆତ୍ମୀୟ ସ୍ୱଜନ ବା ନିକଟତମ ସମ୍ପର୍କୀୟ ନିର୍ଦ୍ଧାରିତ ଆବେଦନ ପତ୍ର କିମ୍ବା ଦରଖାସ୍ତ ଜରିଆରେ ଆବେଦନ ପତ୍ରରେ ଦର୍ଶାଯାଇଥିବା ଦସ୍ତାବିଜ ଓ କୋଭିଡ୍-୧୯ ମୃତ୍ୟୁପ୍ରମାଣ ପତ୍ର ସହିତ ଜିଲ୍ଲାପାଳଙ୍କୁ ଅଫଲାଇନ ଓ ଅନଲାଇନ ଜରିଆରେ ଆବେଦନ କରିପାରିବେ। ପ୍ରତ୍ୟେକ ମୃତ ବ୍ୟକ୍ତିଙ୍କ ପାଇଁ କେବଳ ଗୋଟିଏ ମାତ୍ର ଆବେଦନ ବା ଦରଖାସ୍ତ ଗ୍ରହଣ କରାଯିବା ସହିତ ଦାଖଲର ୩୦ଦିନ ମଧ୍ୟରେ ଅନୁକମ୍ପା ମୂଳକ ସହାୟତା ରାଶି ଯୋଗ୍ୟ ନିକଟତମ ସମ୍ପର୍କୀୟଙ୍କ ବ୍ୟାଙ୍କ ଆକାଉଂଟଙ୍କୁ ପ୍ରଦାନ କରାଯିବ। ଯଦି ଆବେଦନ ପତ୍ରରେ କୌଣସି ତଥ୍ୟ ବା ଆନୁସାଙ୍ଗିକ କାଗଜ ପତ୍ରର ଅଭାବ ପରିଲକ୍ଷିତ ହୁଏ ତେବେ ଆବେଦନକାରୀ ସମସ୍ତ ସଠିକ ଏବଂ ସମ୍ପୂର୍ଣ୍ଣ ବିବରଣୀ ଦାଖଲ କରିବାର ୩୦ଦିନ ମଧ୍ୟରେ ସହାୟତା ରାଶି ପ୍ରଦାନ ପାଇଁ ପଦକ୍ଷେପ ନିଆଯିବ। ଏହି ଆବେଦନ ପତ୍ରରେ ଆବେଦନକାରୀ ଦେଇଥିବା ସମସ୍ତ ବିବରଣୀ ପ୍ରଥମେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ତନଖି କରାଯାଇ ୱେବ ପୋର୍ଟାଲ ମାଧ୍ୟମରେ ତଦନ୍ତ କରାଯାଇ ଆବେଦନପତ୍ରକୁ ସଂପୃକ୍ତ ତହସିଲଦାରଙ୍କ ଦ୍ୱାରା ନିକଟତମ ସମ୍ପର୍କୀୟ ଚିହ୍ନଟ କରାଯାଇ ତାହା ୱେବ ପୋର୍ଟାଲରେ ଅପଲୋଡ କରାଯାଇ ଉପ-ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ଜିଲ୍ଲାପାଳଙ୍କ ପାଖକୁ ଅନୁମୋଦନ ଓ ସହାୟତା ରାଶି ମଂଜୁର କରାଯାଇ ନିକଟତମ ସମ୍ପର୍କୀୟଙ୍କ ବ୍ୟାଙ୍କ ଆକାଉଂଟକୁ ସିଧାସଳଖ ସଜାୟତା ରାଶି ୫୦ହଜାର ଟଙ୍କା ପଠାଯିବ। ଏ ସମ୍ପର୍କରେ ଜଗତସିଂହପୁର ଜିଲ୍ଲାରେ କୋଭିଡ-୧୯ରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଅନୁକମ୍ପା ମୂଳକ ସହାୟତା ରାଶି ପାଇଁ ଆବେଦନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁଚନା ପ୍ରଦାନ କରାଯାଇଛି।

# ଅଗ୍ନିକାଣ୍ଡ ଯୋଗୁଁ ବୃଦ୍ଧଙ୍କ ଶ୍ୱାସରୁଦ୍ଧରେ ମୃତ୍ୟୁ



**ଅସ୍ତରଙ୍ଗ :** ଅସ୍ତରଙ୍ଗ ଥାନା ଅନ୍ତର୍ଗତ ନୂଆଗଡ଼ ସାନବାସେଲେଇ ପଡ଼ାରେ ଅଗ୍ନିକାଣ୍ଡ ଘଟିବା କାରଣରୁ ଶ୍ୱାସ ରୁଦ୍ଧ ହୋଇ ବୃଦ୍ଧଙ୍କମୃତ୍ୟୁ ହୋଥିବା ଜଣାପଡିଛି। ଶୁକ୍ରବାର ଦିନ ସନ୍ଧ୍ୟାରେ ମାଗୁ ସ୍ୱାଇଁ ନିଜ ଗୁହାଳ ଘରେ ଧୂଆଁ ଦେଇଥିଲେ ।କୌଣସି କାରଣରୁ ଗୁହାଳେ ନିଆଁ ଲାଗିଯାଇଥିଲା ।ନିଆଁ ଜଳିବା ଦେଖି ଘର ମାଲିକ ମାଗୁ ସ୍ୱାଇଁ ବାହାରକୁ ଆସି ଗ୍ରାମବାସୀଙ୍କୁ ବିକଳରେ ଡାକ ପକାଇଥିଲେ ।ମାଗୁ ସ୍ୱାଇଁ ଓ ଗ୍ରାମବାସୀ ପହଞ୍ଚି ଗୁହାଳେ ଥିବା ଗୋଟେ ଗାଈ ଦୁଇଟି ବାଛୁରୀଙ୍କୁ ଅକ୍ଷତ ଅବସ୍ଥାରେ ଉଦ୍ଧାର କରିଥିଲେ ।ଏହି ଅଘଟଣ ସମୟରେ ମାଗୁ ସ୍ୱାଇଁ ଗୁହାଳ ମଧ୍ୟରୁ ଶ୍ୱାସରୁଦ୍ଧ ଅବସ୍ଥାରେ ବାହାରକୁ ବାହାରି ଆସିବା ପରେ ଘଟଣା ସ୍ଥଳରେ ହଠାତ ଅଚେତ ହୋଇ ଟଳୀପଡିଥିଲେ ।ଅଚେତ ଅବସ୍ଥାରେ ତାଙ୍କୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ।ସେଠାରେ କାର୍ଯ୍ୟରତ ଡାକ୍ତର ସୂର୍ଯ୍ୟକାନ୍ତ ସାମନ୍ତରାୟ ତାଙ୍କୁ ଚିକିତ୍ସା କରିବା ପରେ ଶ୍ୱାସରୁଦ୍ଧ ହୋଇ ମୃତ ହୋଇଥିବା ଘୋଷଣା କରିଥିଲେ। ମାଗୁ ସ୍ୱାଇଁଙ୍କ ମୃତ୍ୟୁ ଖବର ଶୁଣି ଅସ୍ତରଙ୍ଗ ବ୍ଲକ ଅଧକ୍ଷ ସ୍ୱାଧୀନ କୁମାର ନାୟକ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ବ୍ୟବସ୍ଥା କରିଥିଲେ ।ମୃତ ମାଗୁ ସ୍ୱାଇଁଙ୍କ ପରିବାରକୁ ସରକାରୀ କ୍ଷତି ପୂରଣ ଯୋଗାଇ ଦେବାକୁ ଗ୍ରାମ ବାସୀଙ୍କ ପକ୍ଷରୁ ଦାବି ହୋଇଛି ।ଏ ସମ୍ପର୍କରେ ତହସିଲିଦାର ରାଜଲକ୍ଷ୍ମୀ ନାୟକଙ୍କୁ ପଚାରିବାରେ ସେ କହିଲେ ଯେ ଘଟଣା ସମ୍ପର୍କରେ ପୁରୀ ଜିଲ୍ଲା ପ୍ରଶାସନଙ୍କୁ ଅବଗତ କରାଯାଇଛି। ତହସିଲିଦାର ତାଙ୍କ ପ୍ରତିକ୍ରିୟାରେ କହିଲେ ଯେ ଶନିବାର ଦିନ ତାହସିଲି କାର୍ଯ୍ୟାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ ସହିତ ମୁଁ ନିଜେ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିବା ପରେ ସରକାରୀ ନିୟମ ଅନୁଯାୟୀ ସବୁ ସହାୟତା ମୃତକଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇ ଦିଆଯିବ।

# କୁଇଁ କନ୍ଧ ସମାଜର ଗୁରୁତ୍ୱପୂର୍ଣ୍ଣ ବୈଠକ



**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା କୁଇ କନ୍ଧ ସମାଜର ଜିଲ୍ଲା ସ୍ଥାରୀୟ କର୍ମକର୍ତ୍ତାଙ୍କୁ ନେଇ ଏକ ସାମାଜିକ ସଚେତନତା ସଭା ଓ ଗୁରୁତ୍ୱପୂର୍ଣ୍ଣ ସାମାଜିକ ବୈଠକ ଜିଲ୍ଲା ସଭାପତି ରବି ଜାନୀଙ୍କ ସଭାପତିତ୍ୱ ରେ ପାପଡ଼ା ହାଣ୍ଡି ବ୍ଲକ୍ ଝାର ମୁଣ୍ଡା ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା କୁଇ ସମାଜ ବିକାଶ ପରିଷଦର ଉପଦେଷ୍ଟା ତଥା ବରିଷ୍ଠ ସମାଜ ସେବୀ କାଜମ୍ ମାଦାନି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମାଜରେ ପ୍ରଚଳିତ ବିଭିନ୍ନ ପ୍ରକାର କୁସଂସ୍କାର ଓ ଅନ୍ଧ୍ ବିଶ୍ୱାସ ରୁ ଦୂରେଇ ରହିବା ନିମନ୍ତେ ସଚେତନ କରିବା ସହ ସେ ଦୀର୍ଘ ୨୨ ବର୍ଷ ହେବ। କୁଇଁ ସମାଜ ସହ ଜଡ଼ିତ ହୋଇ ଜିଲ୍ଲା ର ପ୍ରାୟ ସମସ୍ତ ବ୍ଲକ୍ ରେ ଏହି ସମାଜ ର ଜନ ସାଧାରଣ ଙ୍କ ସେବା ରେ ନିଜକୁ ନିୟୋଜିତ କରି ପାରୁ ଥିବାରୁ ନିଜକୁ ଧନ୍ୟ ମନେ କରୁଛି ବୋଲି ପ୍ରକାଶ କରିଥିଲେ। ଅନ୍ୟ ପକ୍ଷରେ ଏହି ସମାଜ ରେ ତାଙ୍କ ଘନିଷ୍ଠତା କୁ ସହ୍ୟ କରି ନ ପାରି କିଛି ନ୍ୟସ୍ତ ସ୍ୱାର୍ଥ ଶ୍ରେଣୀର ବ୍ୟକ୍ତି ବିଶେଷ କୁଇ ସମାଜ ଓ ତାଙ୍କ ମଧରେ ଅନ୍ତରାୟ ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି ବୋଲି ଶ୍ରୀ ମାଦାନୀ ପ୍ରକାଶ କରିଥିଲେ ।ଏହି ସାମାଜିକ ସଭାରେ ବିଭିନ୍ନ ବ୍ଲକ୍ ରୁ ଏବଂ ଜିଲ୍ଲାର ବରିଷ୍ଠ ସାମାଜିକ ନେତା ଯୋଗ ଦେଇ ସମାଜ ମଧରେ ଜିଲ୍ଲା କମିଟି ର ଅଗୋଚର ରେ ରାଜନୈତିକ ଉଦ୍ଦେଶ୍ୟ ରଖି କାଜମ ମାଦାନୀ ଭଳି ଜଣେ ସାମାଜିକ କର୍ମୀଙ୍କୁ ଆକ୍ଷେପ କରିବା ସମାଜ ବରଦାସ୍ତ କରିବ ନାହିଁ ବୋଲି ଜିଲ୍ଲା ସ୍ତରୀୟ କର୍ମକର୍ତ୍ତା ମାନେ ଚେତାବନି ଦେଇଥିଲେ। ଏଥିରେ ସୂଚନା ଯୋଗ୍ୟ ଯେ ଗତ କିଛି ଦିନ ତଳେ ଜିଲ୍ଲା କୁଇଁ ସମାଜର ବିନା ପରାମର୍ଶରେ କିଛି ବ୍ୟକ୍ତି କାଜମ କୁଇ ସମାଜ ର ହୋଇ ନ ଥିବା ବେଳେ ସାନ୍ତା ଗ୍ରାମ ଗୁଡ଼ିକୁ ଯାଇ ସଚେତନତା ସଭା କରୁଥିବା ନେଇ ଗଣ ମାଧମରେ ଆପତ୍ତି କରିଥିଲେ ।ତେବେ ଆଜି ଏହା କୁ ବିରୋଧ କରି ଜିଲ୍ଲାର କାର୍ଯ୍ୟକର୍ତ୍ତା ଙ୍କୁ ନେଇ ଏକ ଗୁରୁତ୍ୱ ପୂର୍ଣ୍ଣ ବୈଠକରେ କାଜମ୍‌ଙ୍କୁ ଜିଲ୍ଲା କୁଇ ସମାଜ ସଂପୂର୍ଣ୍ଣ ସମର୍ଥନ ରହିଥିବା ପ୍ରକାଶ କରିଛନ୍ତି ।ଏହି ଅବସର ରେ ଅନୁଷ୍ଠିତ ବୈଠକ ରେ ସମ୍ମାନିତ ଅତିଥି ଭାବେ ସୁଧାଂଶୁ ସାଧୁ,ବିକ୍ରମ ସିଂ, ପବିତ୍ର ଗରଡା,ଆଶା ରାମ ସାନ୍ତା, ଦାମ ସାନ୍ତା,ଲାଲୁ ସାନ୍ତା, ଧନୁର୍ଯ୍ୟ ସାନ୍ତା,ଲାଇବନ ସାନ୍ତା ,ଦାସସାନ୍ତା,ପ୍ରମୁଖ ଯୋଗ ଦାନ କରିଥିଲେ। ପାପଡା ହାଣ୍ଡି ବ୍ଲକ୍ ସଭାପତି ଲକ୍ଷ୍ମୀ ଧର ସାନ୍ତା ସଭା ପରିଚାଳନା କରିଥିବା ବେଳେ କ୍ରିଷ୍ଣ ସାନ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

# ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କୁ ସ୍ୱାଗତ ଓ ବିଦାୟ ସମ୍ବର୍ଦ୍ଧନା




**ନବରଙ୍ଗପୁର :** ନୂତନ ଭାବେ ଯୋଗ ଦେଇଥିବା ନବରଙ୍ଗପୁର ଜିଲ୍ଲାପାଳ ଡ କମଳ ଲୋଚନ ମିଶ୍ରଙ୍କୁ ତଥା ବିଦାୟୀ ଜିଲ୍ଲାପାଳ ଡ ଅଜିତ କୁମାର ମିଶ୍ରଙ୍କୁ ନବରଙ୍ଗପୁର ମୃତିକା ସଂରକ୍ଷଣ ବିଭାଗ ପକ୍ଷରୁ ସ୍ୱାଗତ ଓ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମୃତିକା ସଂରକ୍ଷଣ କାର୍ଯ୍ୟାଳୟ ପରିସରରେ ଥିବା ଜଳ ବିଭାଜିକା ସଭା ଗୃହରେ ନୂତନ ଜିଲ୍ଲାପାଳଙ୍କୁ ସ୍ୱାଗତ କରାଯାଇଥିବାବେଳେ ବିଦାୟୀ ଜିଲ୍ଲାପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବିଦାୟୀ ଜିଲ୍ଲାପାଳଙ୍କ କାର୍ଯ୍ୟକାଳର ଅନୁଭୂତି ପ୍ରକାଶ କରିବା ଅବସରରେ ସଦର ମହକୁମା ସ୍ଥିତ ଅବହେଳିତ ହିରଲ୍ଲି ଡଙ୍ଗରକୁ ଏକ ସୁନ୍ଦର ପର୍ଯ୍ୟଟନ ସ୍ଥଳୀ ଭାବରେ ଗଢାଯାଇଥିଲା। ଏହି କାର୍ଯ୍ୟରେ ମୃତିକା ସଂରକ୍ଷଣ ବିଭାଗ କର୍ମଚାରୀ ମାନେ ମନ ପ୍ରାଣ ଦେଇ କାର୍ଯ୍ୟ ସମ୍ପନ୍ନ କରିଥିବାରୁ ଜିଲ୍ଲାପାଳ ବିଭାଗୀୟ ସମସ୍ତ କର୍ମଚାରୀ ମାନଙ୍କୁ ସାଧୁବାଦ ଜଣେଇଥିଲେ। ଏହି ପର୍ଯ୍ୟଟନ ସ୍ଥଳୀର ଉନ୍ନତି ପାଇଁ ସର୍ବଦା ଚେଷ୍ଟିତ ରହିବାକୁ ସେ ପରାମର୍ଶ ଦେଇଥିଲେ। ନୂତନ ଜିଲ୍ଲାପାଳ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ସର୍ବଦା ଚେଷ୍ଟିତ ରହିବେ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୃତିକା ସଂରକ୍ଷଣ ଓ ଜଳ ଓ ଛାୟା ପ୍ରକଳ୍ପ ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡା, ବିଭାଗର ପି ଡି ଲକ୍ଷ୍ମୀଧର ଜେନା, ପି ଡି ଡି ଆର ଡି ଏ ରତ୍ନାକର ସାହୁ, ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ, ଅତିରିକ୍ତ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ରାଉତଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରି ମାନେ ଉପସ୍ଥିତ ରହିଥିଲେ।

# କାର୍ତ୍ତିକ ବ୍ରତ



ଅନିତା ମିଶ୍ର ଦାଶ୍

କାର୍ତ୍ତିକ ମାସ ଆସିଲେ, ପୂର୍ଣ୍ଣିମାର ବୋଉ କଥା ଭାରି ମନେ ପଡେ। ବୋଉ ସିନା ନାହିଁ,ତାର ଆଲୁରି ବାଲୁରି ଚେହେରା ଆଉ କପାଳରେ ସେ ନିଜେ ଆଙ୍କୁଥିବା ବଡ ସିନ୍ଦୁର ଟୋପା ଟି ଆଜି ବି ଦିଶି ଯାଉଛି, ଆଖିକୁ ତା'ର। ବୋଉ, କାର୍ତ୍ତିକ ମାସରେ କାର୍ତ୍ତିକ ବ୍ରତ କରୁଥିଲା।ମାସ ସାରା ସମସ୍ତେ ଘରେ ହବିଷ ଅନ୍ନ ଖାଆନ୍ତି ।ବାପା ସବୁବେଳେ ଚିଡ୍ ଚିଡ୍ ହୁଅନ୍ତି,ବୋଉ ଉପରେ। ତାଙ୍କୁ ସାଧା ଖାଇବା



ଭଲ ଲାଗେନି।ତଥାପି ବୋଉ ବାପାଙ୍କୁ ବୁଝାଇ ସୁଝାଇ କାର୍ତ୍ତିକ କରାଏ। ବୋଉ କହୁଥିଲା...... --ଜୀବନରେ ମୋର ସମ୍ପତ୍ତି କହିଲେ କେବଳ ସେଇ ବାପା। କ୍ଷଣ କୋପି ମଣିଷଟିର ଆଗରେ, ଆଖି ପତା ପଡିଗଲେ,ତରି ଯାଆନ୍ତି ସଂସାରରୁ। ବୋଉର କଥାରୁ ବୁଝିଥିଲା ପୂର୍ଣ୍ଣିମା, ବୋଉ ଶଙ୍ଖା ସିନ୍ଦୁର ନେଇ ସଂସାରରୁ ଫେରିବା ପାଇଁ କାର୍ତ୍ତିକ କରୁଥିଲା। କଥା, କଥାରେ ବାପା ଚାପଡା ପକାନ୍ତି ବୋଉକୁ। ସେଇ ଚାପଡା ମାରୁଥିବା, ମଣିଷ ଟିର ଭିତରେ ବି ବୋଉକୁ ସମ୍ପତ୍ତି ଦେଖା ଯାଉଛି...? କୋମଳ ମନରେ ଭାବିଥିଲା, ପୂର୍ଣ୍ଣିମା। ଏ ପୁଣି କି ଜୀବନ, ଏ କି ଭକ୍ତି ,ଏ କି କାମନା ଆଉ ଏ କି କାର୍ତ୍ତିକ...? ସେମିତି ପ୍ରଶ୍ନ ଗୁଡିକ ସହିତ ଚାଲିଥିଲା, ଆଗକୁ....! ଏମିତି ଗୋଟିଏ କାର୍ତ୍ତିକ ମାସ ରାତିର କଥା। ଦିନ ବେଳା ଚଉରା ପୂଜା ପରେ ବୋଉ, ହବିଷ ଅନ୍ନ ବାଢିଦେଲା, ସମସ୍ତଙ୍କ ପାଇଁ। ବାପା ବି ଖାଇବା ପାଇଁ ବସିଲେ। ଅଳ୍ପ ଖାଇ ସାରିବା ପରେ, ସେହି ଖାଦ୍ୟକୁ ଟେକି ନେଇ ଅଗଣାକୁ ଫୋପାଡି ଦେଲେ। ରନ୍ଧା ଯାଇଥିବା ଖଟାରେ ମିଠା ଠିକ୍ ଦିଆ ହୋଇ ନଥିଲା। ଭୀଷଣ ଗାଳି ବର୍ଷାଇଦେଲା ଉପରେ, ବୋଉକୁ କେତୋଟି ଚାପଡା ପକେଇ ଦାଣ୍ଡକୁ ଚାଲି ଗଲେ। କିଛି ସମୟ କାନ୍ଦିବା ପରେ, ବୋଉ, କିଛି ଖାଦ୍ୟ ଖାଇ ଥିଲା। ବାସନ୍ ସବୁ ଅଗଣାରେ ପକାଇ ମାଜିବାରେ ଲାଗିଲା। ବାସନ୍ ମାଜି ସାରିବା ପରେ, ବୋଉ କହିଲା.. -- ଗୁଡ ନ ଥିଲା ବୋଲି ଖଟାରେ ଅଳ୍ପ ଗୁଡ ଦେଇ ଖଟାଟା କରିଦେଲି ବୋଲି ବାପା ରାଗିଗଲେ। ପେଟ ଜଳିଲେ ଆହୁରି ବିଗିଡିବେ। ତୁ ଯା ଦହି ସରବତ୍ ଟିକିଏ କରି ବାପାଙ୍କୁ ବୁଝାଇ ପେଇଦେ। ଭୋକ ବଢିଲେ ବାପା ଆହୁରି ଭୟଙ୍କର ହେବେ। ସେ ଦହି ସର୍ବତ୍ କରି ବାପାଙ୍କ ପାଖକୁ ଗଲା ପୂର୍ଣ୍ଣିମା। ବାପା ଦାଣ୍ଡ ପିଣ୍ଡାରେ ବସି ଦୂରକୁ ଚାହିଁ ରହିଥିଲେ ! ପୂର୍ଣ୍ଣିମା ବାପାଙ୍କ ପାଖକୁ ଯାଇ କହିଲା..... ବାପା, ଘରେ ଗୁଡ ଅଳ୍ପ ଥିଲା ବୋଲି ଖଟାର ମିଠା କମିଗଲା। ଆମେ ତ ଅଭାବି ଲୋକ, ଏତେ ରାଗିଲେ କଣ ଚଳିବ? ନିଅ, ଏଇ ସରବତ୍ ଟିକ ପିଇ ଦିଅ..! ମୁଁ ନିଜେ କରି ଆଣି ଦେଇଛି। ବୋଉ ଆମର ଏଇ ଅଭାବ ଭିତରେ ବି ତୁମର ଦୀର୍ଘ ଜୀବନ ପାଇଁ କାର୍ତ୍ତିକ ବ୍ରତ କରୁଛି..! ଉପରେ ତୁମର ପାହାର ଖାଉଛି ଆଉ ରହିଛି। ମୋତେ ଯଦି ଏମିତି କିଏ ଚାପଡା ପକେଇବ, ତୁମେ କ'ଣ ସହି ପାରିବ..? ଅଜା, ତାଙ୍କର ଗୋଟିଏ ବୋଲି ଝିଅକୁ ତୁମ ହାତରେ ଟେକି ଦେଲେ ବୋଲି, ଚାପଡା ପରେ ଚାପଡା ପକାଇ ଚାଲିଛ..? ଥରେ ଭାବି ଦେଖିଲ, ତୁମେ ଠିକ୍ କରୁଛ ନା ଭୁଲ୍..? ମୁହଁ ବୁଲାଇ ପଛକୁ ଚାହିଁଲେ ସିନା ଆହୁରି କ୍ରୋଧରେ ଜଳି ଯାଇଥିଲେ ବାପା। ଆଖି ଗୁଡିକ ବଡ ବଡ କରି କହିଥିଲେ.... ସେ ମା' ବଢେଇଛି ବୋଲି ଏଠି ଆସି ଆଉ ଗେଲେଇ ହୁଅନା। ପଳା, ମୋ'ର ସାମନାରୁ। ମୁଁ କିଛି ପିଇବିନି। ଯଦି ପାରିବୁ, ବିଷ ଟିକିଏ ଦେବୁ ଯଦି ନେଇ ଆ। ଖାଇ ଦେଲେ ତୋ'ର ବୋଉ ଆର କାର୍ତ୍ତିକକୁ ମୋର ପାଇଁ କାର୍ତ୍ତିକ କରିବ। ଭାରି ଇଛା ଯଦି ତା'ର କାର୍ତ୍ତିକ କରିବାକୁ। ମୋତେ ବି ଜୀବନ୍ତ ମାରୁଛି କାହିଁକି..? --ମୁଁ ଦହି ସରବତ୍ କରିଛି, ଏଇ ନିଅ, ଟିକିଏ ପିଇ ଦିଅ। ଅଳ୍ପ ସମୟ ପରେ ଚା କରି ଆଣି ଦେବି। ରାଗ ଅଭିମାନ ଘର ଭିତରେ କ'ଣ ଭଲ ଲାଗେ..? ନିଅ....! ପୂର୍ଣ୍ଣିମାର ହାତରୁ ସରବତ୍ ଗ୍ଲାସ୍ ଟିକୁ ଛଡାଇ ରାସ୍ତା ଉପରକୁ ଫୋପାଡି ଦେଲେ, ବାପା। ଗ୍ଲାସ୍‌ଟି ଗଡି ଗଡି ଯାଇ ନାଳ ଭିତରେ ପଡିଗଲା। ପୂର୍ଣ୍ଣିମା ବୋଉକୁ ଆସି ସରବତ୍ ସହିତ ଗ୍ଲାସ୍ ଟିକୁ ରାସ୍ତାକୁ ଫୋପଡିବା କଥା କହିଲା। ବୋଉ କହିଥିଲା.... ଏ ସବୁ ତ ମୋ'ର ଦେହ ସହା ହୋଇ ଗଲିଣି, ତୋ'ର ଏଇ ଜୀବନଟାକୁ କାହିଁକି ଆଣିଲି ବୋଲି ଭାବିଦେଲା ବେଳକୁ, ଛାତି ଭିତରଟା କମ୍ପି ଯାଉଛି। କରିବା ନ କରିବା କ'ଣ ମୋର ହାତରେ ଅଛି...? ଯାହା କରୁଛି କରୁ ସେ ଉପର ବାଲା..! ଆଖି ଦୁଇଟି ବୁଜି ଦେବ ବୋଲି ପରା ଏଇ କାର୍ତ୍ତିକ ବ୍ରତ କରୁଛି...! କେବେ ଶୁଣିବ କେଜାଣି...! ସେତେବେଳେ ବୋଉର ମନ ତଳର ବ୍ୟଥା ବୁଝି ପାରିଥିଲା ପୂର୍ଣ୍ଣିମା। ବୋଉ ବାପାଙ୍କ କବଳରୁ ଖସିବା ପାଇଁ କାର୍ତ୍ତିକ କରୁଥିଲା। ଝିଅର ଜୀବନ ପାଇଁ ମନରେ ପ୍ରବଳ ଭୟ ମଧ୍ୟ ରହିଥିଲା। ବିବସତା ପାଇଁ ଇଶ୍ୱରଙ୍କୁ ଗୁହାରି କରୁଥିଲା। ପୂର୍ଣ୍ଣିମାର କୋମଳ ମନଟି ସେତେବେଳେ ଅଜଣା ଭୟରେ କେବଳ କାନ୍ଦି ପକାଇ ଥିଲା...। ବେଳ ଗଡି ସଞ୍ଜ ହେଲା।



ପୂର୍ଣ୍ଣିମା ଖୋଲା ଅଗଣାରେ ପଡିଥିବା ଖଟ ଉପରେ ବସି ବାପାଙ୍କ ଅବୁଝା ପଣ କଥା ଭାବୁଥିଲା। ବୋଉ ପୁଣି କିଛି ଖାଇବା ଆଣି ଖଟ ପାଖରେ ଦେଇ, କହିଲା... ଶୀଘ୍ର ଖାଇଦେ, ବାପା ଆସିଗଲେ ଆଉ ଖାଇ ପାରିବୁନି। ପେଟ ଜଳୁଛି, ସବୁ ଜାଳି ଦେବେ...! ପୂର୍ଣ୍ଣିମା ଜାଣି ନ ଥିଲା, ସେଇ ତକ ଖାଇବା ଥିଲା ତା'ର ବୋଉର ଶେଷ ହାତ ପରଶା ଆଉ ସେଇ କେତେ ପଦ କଥା ଥିଲା ବୋଉର ଶେଷ କଥା ବୋଲି। ସେ ତର ତର ହୋଇ ଏକା ଥରକରେ ସବୁ ଖାଇ ଦେଇ ଥିଲା। ପାଣି ପିଇ ଦେଇ ଖଟଟି ଉପରେ ଗଡି ପଡିଲା। କେତେ ବେଳେ ନିଦ କୋଳରେ ହଜି ଯାଇଥିଲା, ସେ ଆଉ ଜାଣି ପାରି ନ ଥିଲା..! ଗଭୀର ନିଦରେ ହଜିଯାଇଥିଲା ପୂର୍ଣ୍ଣିମା। ହଠାତ୍ ଅଜଣା କୋଳା ହଳରେ ତା'ର ନିଦ ଭାଙ୍ଗିଲା। ଆଖି ଖୋଲି ଦେଖିଲା ବେଳକୁ ତାଙ୍କର ଘର ଭିତରେ ଗାଁର ଲୋକ ମାନେ ସବୁ ଭର୍ତ୍ତି ହୋଇ ରହିଛନ୍ତି। ମନ ପ୍ରଶ୍ନ କଲା... --ଗାଁ ଲୋକ କାହିଁକି ତାଙ୍କର ଘରେ ପଶିଛନ୍ତି...? କାହାକୁ କିଛି ନ ପଚାରୁଣୁ, କେହି ଜଣେ ତା'କୁ କହିଲେ... -- ତୁ ଶୋଇଥା, ବାପ ତୋ'ର ମାଆ ଟାକୁ ମାରି ଦେଲାଣି, ତୁ ଆରାମ୍ ରେ ଗଡୁଥା...! ମନରେ ଭାବିଲା ପୂର୍ଣ୍ଣିମା, ବାପା, ମା'କୁ ମାରି ଦେଲେ? ଚାପଡା, ଗୋଇଠା ମାରୁ ଥିଲେ, ସେ ମରୁ ନ ଥିଲା। ଆଜି ଆଉ ଟିକିଏ ଅଧିକ ମାଡ ମାରି ଜୀବନରେ ମାରିଦେଲେ..? ଘର ଭିତରକୁ ଯାଇ ଦେଖିଥିଲା, ରକ୍ତ ସ୍ନାନ କରି ଥିବା ବୋଉର ମୃତ ଦେହ ଟିକୁ। ସେତେ ବେଳେ ବି ବୋଉର ମଲା ମୁହଁ ଟିରେ ଝଟକୁ ଥିଲା, ନିଜେ ଆଙ୍କିଥିବା ବିରାଟ 'ସିନ୍ଦୁର ଟୋପା'। ମନେ ପଡିଗଲା ପୂର୍ଣ୍ଣିମାର ବୋଉ କହିଥିବା କଥା...... --ଜୀବନରେ ମୋର ସମ୍ପତ୍ତି କହିଲେ କେବଳ ପ୍ରତ୍ୟକ ସମୟରେ ବିଧା ଗୋଇଠା ମାରୁ ଥିବା, ସେହି ବାପା..! କ୍ଷଣ କୋପି ମଣିଷଟିର ଆଗରେ, ଆଖି ପତା ପଡିଗଲେ, ତରି ଯାଆନ୍ତି, ଏ ସଂସାରରୁ...! ଆଜି ବାପା, କାର୍ତ୍ତିକ ବ୍ରତର ଫଳ ପ୍ରାପ୍ତି କରାଇ ଦେଲେ, ନିଜର ହାତରେ। ଆଖି ପତା ପଡିଗଲା ବୋଉର। ଗାଁ ଲୋକ ମାନେ ବଞ୍ଚି ଥିବା ମଣିଷକୁ ବଞ୍ଚାଇବା ପ୍ରୟାସ କରିଥିଲେ। ସେହି କିଛି ସମୟ ମଧ୍ୟରେ ଗାଁ ସାରା ହାଲା ହେଲା, ପୂର୍ଣ୍ଣିମାର ବୋଉର ଗୋଡ ଖସି ପଡି ଯିବାରୁ ସେ ଚାଲିଗଲା। ମହାପୂର୍ଣ୍ୟର ମାସରେ ହାତରେ ଶଙ୍ଖା ସିନ୍ଦୁର ନେଇ ଚାଲିଗଲା ଭାଗ୍ୟବତୀ ପୂର୍ଣ୍ଣିମାର ବୋଉ। ନିର୍ଜୀବ ଶରୀର ଟିର ପାଖରେ ଆଜା, ଆଈ ମୁଣ୍ଡ ବାଡେଇ କେତେ କାନ୍ଦି ଥିଲେ ସବୁ ଏବେ ବି ଦେଖୁଛି ପୂର୍ଣ୍ଣିମାର ବିବସ ଆଖି। ଝିଅ ଟିଏ ଜନ୍ମ କରି ବାପାଙ୍କ ହାତକୁ ଟେକି ଦେଇଥିଲେ ବୋଲି, ତାଙ୍କୁ କେତେ ସୁନ୍ଦର ଦିନ ଟିଏ ଉପହାର ଦେଇଥିଲେ, ବାପା....!



# ଡୁମାଲ ଜାତିର ପରିଚୟ



ଉଗ୍ରସେନ କର୍ମୀ

ଓଡିଶା ଭୂଖଣ୍ଡର ଏକ ପ୍ରସିଦ୍ଧ ଓ ପ୍ରଭାବଶାଳୀ ଜାତି ହେଉଛନ୍ତି 'ଡୁମାଳ ଜାତି' ଓ ଏମାନେ ଯଦି ଓ ପୁରୀ, କଟକ ଓ ବାଲେଶ୍ୱର ପ୍ରଭୃତି ଅଞ୍ଚଳରେ ବସବାସ କରନ୍ତି ନାହିଁ, ତଥାପି ପଶ୍ଚିମ ଓ ମଧ ଓଡିଶାରେ ବିଶେଷ ପ୍ରାଧାନ୍ୟ ବିସ୍ତାର କରିଛନ୍ତି। ବୌଦ୍ଧରୁ ଆରମ୍ଭ କରି ସୋନପୁର, ଫୁଲବାଣୀ, ଅନୁଗୁଳ, ଦଶପଲ୍ଲା, ନରସିଂହପୁର, ବଲାଙ୍ଗିର, ବରଗଡ, ସମ୍ବଲପୁର , ଦେବଗଡ, ରେଢାଖୋଲ, ଆଠମଲ୍ଲିକ ପ୍ରଭୃତି ଅଞ୍ଚଳରେ ଏମାନେ ବହୁସଂଖ୍ୟାରେ ବସତି ସ୍ଥାପନ କରିଥିବାର ପ୍ରମାଣ ମିଳେ ଓ ଏହି ଗୋଟିଏ ଜାତି ପ୍ରାୟ ୬୦ଟି ବର୍ଗ ବା ଟାଇଟିଲରେ ପରିଚିତ ହୋଇ ଥିବାର ଜଣାଯାଏ ଓ ଯଥା-କର୍ଣ୍ଣ, କର୍ମୀ, କଲତା, କଷ୍ଟା, ଖଣ୍ଡଗିରୀ, କ୍ଷେତି, ଗିରି, ଗାଇଗୌରଆ, ଚାଉଳିଆ, ଛୁରିଆ, ଡାଙ୍ଗ, ଥାଟି, ନାଏକ, ବିଶି, ବେହେରା, ବିଶାଳ,କମ୍, ଛନ୍ଦ, ବାଘ, ବସ୍ତିଆ, ବାରିକ, ବଘାର, ଭୋଇ,ମହାଭୋଇ, ପ୍ରଧାନ, ମହାକୁଡ, ଦେହୁରୀ, ଲଉରିଆ, ସିଂ, ପାତ୍ର, ଅମାତ, ପଲିଆ, ମେଷ୍ଟୁଆ, ଦନ୍ତା, ଘୁଷୁରି, ମେଣ୍ଡିଳି, ମାହାର, ଖମାରୀ, ମାଝି, ପରଡିଆ, ଜେନା, ବେହେରା, ପରିଡା, ଗଡୁଆ, ଡଙ୍ଗର, ଭୁକ୍ତା, ଗୁରାଣ୍ଡି, ଶଙ୍ଖୁଆ, ସିରିଆ, ଖିଲାର, ଢେଙ୍କିଆ, ମଇଶାଳ, ବେତ୍ରା, ଛତରିଆ, ଘଣ୍ଟୁଆଳ, ଗଡନାୟକ, ତଣ୍ଡିଆ, ନେଗୀ, ବିବାନ, ମହାଲିଙ୍ଗ, ବଦୁଆ, ବରର୍ତ୍ତୀ ଇତ୍ୟାଦି ଓ କେବେ, କିପରି ଓ କେଉଁଠାରେ 'ଡୁମାଳ ଜାତିର' ଉତ୍ପତ୍ତି ଘଟିଅଛି, ସେ ସଂପର୍କରେ କୌଣସି ସଠିକ ବିବରଣୀ ଏ ପର୍ଯ୍ୟନ୍ତ ଉପଲବ୍ଧ ହୋଇନାହିଁ ଓ କେବଳ ଜନଶ୍ରୁତି ଓ କିମ୍ବଦନ୍ତୀକୁ ଆଧାର କରି ଏ ଜାତିର ପରିଚୟ ପ୍ରକାଶ ପାଇଥାଏ। 'ବଲାଙ୍ଗିର ଗେଜେଟିୟର'ରୁ ଜଣାଯାଏ ଯେ 'କୁଲତା' ଓ 'ସୁଦ' ଭଳି ଡୁମାଳ ମଧ ଏକ ଚଷାଜାତିର ଅନ୍ତର୍ଭୁକ୍ତ। କିମ୍ବଦନ୍ତୀ




ଅନୁସାରେ ରାମଚନ୍ଦ୍ର ସମ୍ବଲପୁର ଜଙ୍ଗଲରେ ଭ୍ରମଣ କରୁଥିଲା ବେଳେ ତାଙ୍କୁ ଏହି ତିନୋଟି ଜାତି ଭାଇ ପାଣି ପିଇବାକୁ ଦେଇଥିଲେ। ଯେଉଁମାନେ ତାଙ୍କୁ ତମ୍ବାପାତ୍ରରେ ପାଣି ଦେଇଥିଲେ ସେମାନେ 'ସୁଦ' ନାମରେ ପରିଚିତ ଦେଲେ ଓ ଯେଉଁମାନେ ଦଉଡିଦ୍ୱାରା ପାଣି ଟାଣି ପିଇବାକୁ ଦେଲେ ସେମାନଙ୍କୁ ଡୁମାଳ କୁହାଗଲା। ସେହିପରି ଯେଉଁମାନେ ଫମ୍ପା ଲାଉ ପାତ୍ରରେ ପାଣି ଦେଇଥିଲେ ସେମାନେ କୁଲତା ନାମରେ ନମିତା ହେଲେ। କୋବଡେନ ରାମସେଙ୍କ ମତାନୁସାରେ 'ଡୁମାଳ' ଶବ୍ଦଟି "Dorimal' ଶବ୍ଦରୁ ଆସିଅଛି। ଡୁମାଳ ଏକ ପ୍ରାତୀଷ୍ଠିତ ଉପଜାତି ଅଟେ। କୌଳିକ ଦୃଷ୍ଟିରୁ ଏମାନେ କୃଷି ତଥା ଗୋପାଳନ କାରୀ ଜାତି। ଏହି ଜାତିର ଏକ ପ୍ରମୁଖ ବର୍ଗ ହେଉଛି 'ମହାଖୁଡ'। ଯାହାର ଏକ ଶତ ପଲଗାଇ ଥାଆନ୍ତି ତାହାକୁ ମାହାକୁଡ କହନ୍ତି ଓ କବି ଗୌରଚରଣ ଅଧିକାରୀ ସ୍ୱରଚିତ ଶ୍ରୀକୃଷ୍ଣ ଲୀଳା ଗ୍ରନ୍ଥରେ ଯଥାର୍ଥରେ ଉଲ୍ଲେଖ କରିଛନ୍ତି;

ହଜାରେ ଗାଈ ଯାହାର ଓ ବେହେରା ପଣ ତାହାର ।।

ପଲେ ଯାହାର ଗୋଧନ ଓ ବିଶୋଇ କି ସେ ଭାଜନ ।।

ଶତେ ପଲ ଯାର ତୁଲ ଓ ସେହୁ ମହାଖୁଡ ମଲ୍ଲ ।।

ଏଥିରୁ ପ୍ରମାଣ ମିଳେ ଡୁମାଳ ଜାତି ନିଶ୍ଚିତ ଭାବେ ପ୍ରଥମେ ଗଉଡ ବା ଗୋପାଳକ ଥିଲେ। ପ୍ରଚଳିତ ଏକ ଜନଶ୍ରୁତିରୁ ଜଣାଯାଏ, ଦ୍ୱାପର ଯୁଗର ଶେଷ ଭାଗରେ ଗୋପାଳମାନେ ପୁରୀ ଶ୍ରୀକ୍ଷେତ୍ରରେ ବସବାସ କରୁଥିଲେ। ଏକଦା ଶ୍ରୀ ଗଜପତି ରାଜାଙ୍କୁ ଏକ ବଥ ବା ବ୍ୟାଧି ହୋଇଥିଲା ଓ ତାହାର ଉପଶମ ନିମନ୍ତେ କୁଳଗୁରୁ ଜ୍ୟୋତିଷଙ୍କ ମତାନୁସାରେ ରିଷ୍ଟଖଣ୍ଡନ ପୂଜା ପାଇଁ ୧୦୦ଭାର କ୍ଷୀର, ୨୦ ଭାର ଦହି ଓ ୫ ଭାର ଘିଅର ଆବଶ୍ୟକତା ପଡିଥିଲା। ଫଳରେ ଗଜପତି ରାଜା ସୁର୍ଯ୍ୟୋଦୟ ପୂର୍ବରୁ ଏସବୁ ଯୋଗାଡ କରିବା ପାଇଁ ଗୋପାଳ ମାନଙ୍କୁ ଆଦେଶ ଦେଲେ। ମାତ୍ର ଗୋପାଳମାନେ ଏତେ ପରିମାଣରେ ଏସବୁ ସଂଗ୍ରହ କରିନ ପରିବାରୁ ପ୍ରାଣଭୟରେ ଖମଣ୍ଡି ରାଜ୍ୟକୁ ପଳାୟନ କଲେ। ସେଠାରେ ଖେମୁଣ୍ଡି ରାଜାଙ୍କ ସହାୟତାରେ 'ଡମଖୋଳ' ଗୁମ୍ଫାରେ ଗୁପ୍ତ ଭାବରେ ରହିଲେ। ପରେ ଗଜପତି ରାଜା ଏମାନଙ୍କୁ ସନ୍ଧାନ ଉଦ୍ଦେଶ୍ୟରେ ଏଠାକୁ ଆସି ଦେଖିଲେ ଯେ ଏକାକି ଜଣେ ଅନ୍ଧ ବୃଦ୍ଧ ବସିଛନ୍ତି। ତାଙ୍କ ଘରେ ଭାଣ୍ଡଗୁଡିକରେ କିଛି କ୍ଷୀର, ଦହି ଓ ଘିଅ ରଖାଯାଇଛି। ଏହି ବୃଦ୍ଧଙ୍କ ଠାରୁ ସମସ୍ତ ଘଟଣା ଜାଣିଲା ପରେ ରାଜା କ୍ରୋଧରେ ସମସ୍ତ ଭାଣ୍ଡକୁ ଲାତ ମାରି ଭାଙ୍ଗିଦେଲେ। ଯଦ୍ଦ୍ୱାରା ଭାଣ୍ଡରେ ଥିବା ଘୃତ ଛିଟିକି ଆସି ବୃଦ୍ଧ ଆଖିରେ ପଡିବାରୁ, ତାଙ୍କ ଦୃଷ୍ଟି ଶକ୍ତି ଫେରି ଆସିଲା। ଗୋଟିଏ ବୁନ୍ଦା ରୋହିଣୀ ଖମ୍ବରେ ପଡିବାରୁ ତାହା ପଲ୍ଲବିତ ହେଲା ଓ ଅପର ପକ୍ଷେ ରାଜାଙ୍କ ବାଥରେ କିଛି ଲାଗିବାରୁ ତାହା ସଙ୍ଗେ ସଙ୍ଗେ ତାହା ଆରୋଗ୍ୟ ହୋଇଗଲା।

ଗଜପତି ରାଜା ଏହି ପଳାୟନ ପନ୍ଥୀ ଗୋପାଳ ଗୋଷ୍ଠୀକୁ ଯେତେ ଅନୁସନ୍ଧାନ କଲେ ମଧ ଆଦୌ ପାଇଲେ ନାହିଁ। କାରଣ ଏମାନେ ସେତେବେଳେ 'ଡୋମ୍ବାଳ' ନାମରେ ରୂପାନ୍ତରିତ ହୋଇ ସାରିଥିଲେ। 'ଡମ୍ବଖୋଲ'ରେ ଗୁପ୍ତ ଭାବରେ ରହିଥିବାରୁ ଏମାନେ ନିଜକୁ 'ଡୋମାଳ' ବା 'ଡୁମାଳ' ଭାବରେ ପରିଚିତ କରାଇଥିଲେ। ଆଉ ଏକ କିମ୍ବଦନ୍ତୀ ଅନୁଯାୟୀ, ଦ୍ୱାପର ଯୁଗରେ ଯଦୁବଂଶ ଧ୍ୱଂସ ହେବା ପରେ କେବଳ 'ବାଳକ ବଜ୍ର' ଶିଶୁ ଭାବରେ ବଞ୍ଚି ରହିଥିଲେ। ତାଙ୍କର ବଂଶ ବୃଦ୍ଧିଘଟି 'ବିତରଥ' ଙ୍କ ପର୍ଯ୍ୟନ୍ତ ପ୍ରସାରିତ ହେଲା। ଦେବର୍ଷି ନାରଦଙ୍କ ପରାମର୍ଶ କ୍ରମେ ସେ ଶିବ ଓ ଶକ୍ତି ଆରାଧନା କରି 'ଡମ୍ବୁରୁସେନା'ନାମକ ପୁତ୍ର ପ୍ରାପ୍ତ ହୋଇଥିଲେ। ଡମ୍ବରୁସେନାଙ୍କ ଠାରୁ ୬୦ଟି ପୁତ୍ର ଜନ୍ମଗ୍ରହଣ କରିଥିଲେ। ଜ୍ୟେଷ୍ଠ ପୁତ୍ର ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମାଙ୍କ ପାଖକୁ ଯିବାରୁ ରାଜ୍ୟରେ ଅରାଜକତା ଦେଖାଗଲା। ଶେଷରେ ଗାଳମାଧବ ରାଜତ୍ୱ କରିବାରୁ ଇନ୍ଦ୍ରଦ୍ୟୁମ୍ନଙ୍କ ଭାଇମାନେ ଅତ୍ୟାଚାରର ଶିକାର ହେଲେ। ତେଣୁ ଏମାନେ ମାଳବ ରାଜ୍ୟକୁ ପଳାୟନ କରି 'ଡୁମାଳ' ନାମରେ ପରିଚିତ ହେଲେ। ପରେ ପରେ ବ୍ରହ୍ମାଙ୍କୁ ଆଶୀର୍ବାଦ ଓ ଉପଦେଶ କ୍ରମେ ନିଜ ନିଜ କର୍ମ ଅନୁଯାୟୀ ୬୦ ବର୍ଗରେ ବିଭକ୍ତ ହେଲେ। ସେହି କାରଣରୁ ଡୁମାଳ ଜାତିକୁ ୬୦ ଘର ବୋଲି କୁହାଯାଏ। ସେଥିପାଇଁ ଡୁମାଳ ଜାତିର ଇଷ୍ଟଦେବୀ ମାହେଶ୍ୱରୀ ମାଳଶ୍ରୀ ରେ ଉଲ୍ଲେଖ ଅଛି।

"ଖେମଣ୍ଡି ଦେଶରେ ତୋ ନିଜ ସ୍ଥାନ
ଷାଠିଏ ଘର ଡୁମାଳ କଲୁ ଭିଆଣ ଓ"

କେତେକଙ୍କ ମତରେ ଏମାନେ ଡମପଡାରେ ପ୍ରଥମେ ବାସ କରିଥିବାରୁ କିମ୍ବା ଆଠମଲ୍ଲିକ ହଣ୍ଡପାର ଡୁମାଗଡଠାରେ ରହିଥିବାରୁ ଡୁମାଳ ବୋଲି କଥିତ ହୋଇଛନ୍ତି। ଆଉଏକ ଲୋକକଥା ଅନୁଯାୟୀ ଏକଦା ଜଣେ କ୍ଷତ୍ରୀୟ ଦ୍ୱାରା ବିଶାଳ ପକ୍ଷୀଟିଏ ଶରାହତ ହୋଇଥିଲା। ସେ ମୃତ୍ୟୁ ପୂର୍ବରୁ ଦେବୀ ମାହେଶ୍ୱରୀଙ୍କୁ ପ୍ରାର୍ଥନା କରିଥିଲେ ଯେ ତାହାର ଡିମ୍ବରୁ ଏକ ପ୍ରଭାବଶାଳୀ କ୍ଷତ୍ରିୟ ବୀର ପୁରୁଷ ଜନ୍ମ ଦେଉ ଓ ଫଳରେ ଦେବୀଙ୍କୁ କୃପାର ସେହି ଡମ୍ବରୁ ଏକ ଦିବ୍ୟ ସନ୍ତାନ ଜାତି ହୋଇଥିଲା ଓ ସେ 'ଡିମ୍ବ 'ରୁ ଜାତ ହୋଇଥିବାରୁ 'ଡିମ୍ବାଳ' ବା ଡୁମ୍ବାଳ ଭାବରେ ପରିଚିତ ହେଲା। ସୁତାରାଂ ଡୁମାଳ ଜାତି କେବଳ ଚଷା କି ଗଉଡ ନ ଥିଲେ। ବରଂ ଏମାନେ ଯେ ପ୍ରଶାସକ ଯୋଦ୍ଧା କୂଟନୀତିଜ୍ଞ ଇତ୍ୟାଦି ପ୍ରତିଭା ସମ୍ପନ୍ନ ଥିଲେ ଏହା ସେମାନଙ୍କ ବର୍ଗରୁ ପ୍ରମାଣିତ ହୁଏ। ବିଶେଷ ଭାବରେ ଗୋପାଳନ କରୁଥିବାରୁ ଏମାନେ 'ମହାଖୁଡ' ସଂଜ୍ଞା ଧାରଣ କରିଥିଲେ। ସେହିପରି ମୁଖିଆ ଥିବାରୁ ଏମାନେ 'ପ୍ରଧାନ' ଏବଂ ଦଳପତି ବ ସେନାପତି ଥିବାରୁ 'ନାୟକ' ଭାବରେ ପରିଚିତ ହୋଇଛନ୍ତି। ଏହାଛଡା ବିଭିନ୍ନ ଗଡତୀ ଗ୍ରାମର ମୁଖ୍ୟ ଥିବାରୁ 'ଗଡତିଆ' ଏବଂ ରାଜାଙ୍କ ବ୍ୟବହର୍ତ୍ତା ଥିବାରୁ 'ବେବର୍ତ୍ତା'। ସଚିବ ଥିବାରୁ 'ଭିତିରିଆ' ପଦବୀ ଧାରଣ କରିଛନ୍ତି। ସେଥିପାଇଁ ଅନ୍ୟ ଜାତିର ତୁଳନାରେ ଡୁମାଳ ଜାତିର ମହତ୍ତ୍ୱ ସଂପର୍କରେ କୁହାଯାଏ।

"ପାଠୁଆ ବ୍ରାହ୍ମଣ,ଶିକ୍ଷିତ ମହାନ୍ତି
ଯାଙ୍କଠୁ ଚାଲାକି ଡୁମାଳ ଜାତି ।।"

ବାସ୍ତବିକ ଡୁମାଳ ଜାତି କଦାପି ଏକ ନୀଚ ବା ନଗଣ୍ୟ ଜାତି ନୁହନ୍ତି। ବରଂ ଏମାନେ ଏକ ପ୍ରତିଷ୍ଠିତ ତଥା ପ୍ରଭାବ ଶଳୀ ଜାତି ଓ ମୂଳତଃ କୃଷି ଓ ପଶୁପାଳନ ଏମାନଙ୍କର ମୁଖ୍ୟ ଜୀବିକା ହୋଇଥିଲେ ହେଁ ପରବର୍ତ୍ତୀ କାଳରେ ଏମାନେ ରାଜ୍ୟ ଶାସନରେ ବିଭିନ୍ନ ଉଚ୍ଚ ପଦବୀ ମଣ୍ଡନ କରି ଅଛନ୍ତି। ଏମାନଙ୍କ ସଭ୍ୟତା ଓ ସଂସ୍କୃତି ଉଚ୍ଚକୋଟିର ଓ ଯେଉଁ ଜଗନ୍ନାଥ ସଂସ୍କୃତି ଆଜି ବିଶ୍ୱପ୍ରସିଦ୍ଧ ଲାଭ କରିଛି, ତାହା ମଧ ଏହି ଡୁମାଳ ଜାତିର ଏକ ପ୍ରମୁଖ ଅବଦାନ। ଏମାନଙ୍କୁ ଖମ୍ବେଶ୍ୱରୀ ସଂସ୍କୃତିରୁ ହିଁ ଜଗନ୍ନାଥ ସଂସ୍କୃତି ଉଦ୍ଭବ ଏବଂ ନବ କଳେବରର ପରିକଳ୍ପନା ସମ୍ଭବ ହୋଇ ପାରିଛି। ଅତଏବ ଓଡିଶାର ସାମାଜିକ ଓ ସାଂସ୍କୃତିକ ଜୀବନ ଧାରା ଡୁମାଳଜାତିର ଭୂମିକା ଯେ ଅତୀବ ମହତ୍ତ୍ୱ ପୂର୍ଣ୍ଣ –ଏଥିରେ ସନ୍ଦେହ ନାହିଁ।

ସାମ୍ବାଦିକ, ସୁବର୍ଣ୍ଣପୁର
ଦୂରଭାଷ : ୯୯୩୭୧୮୮୩୯୪

## ମୋଦିଙ୍କ କେଦାରନାଥ ଭେଟି ସନାତନୀ ଧର୍ମୀଙ୍କ ପାଇଁ ଚିର ସ୍ମରଣୀୟ : ଧର୍ମେନ୍ଦ୍ର

**ପୁରୀ/ଭୁବନେଶ୍ୱର :** ଦେବଭୂମି କେଦାରନାଥ ଧାମରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କରକମଳରେ ଆଦି ଗୁରୁ ଶଙ୍କରାଚାର୍ଯ୍ୟଜୀଙ୍କର ସମାଧି ଓ ପ୍ରତିମୂର୍ତ୍ତିର ଉନ୍ମୋଚନ ହୋଇଯାଇଥିବା ବେଳେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ଧର୍ମେନ୍ଦ୍ର ପ୍ରଧାନ ଶ୍ରୀଜଗନ୍ନାଥ ଧାମ ପୁରୀରୁ ଭିଡ଼ିଓ ପ୍ଲାଟଫର୍ମରେ ଯୋଡ଼ି ହୋଇ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କେଦାରନାଥ ଭେଟି ସନାତନୀ ଧର୍ମୀଙ୍କ ପାଇଁ ଲମ୍ବା ସମୟ ଧରି ସ୍ମରଣୀୟ ହୋଇ ରହିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଅଢେଇ ହଜାର ବର୍ଷ ପୂର୍ବରୁ ସମାଜ ଦୋଛକିରେ ଥିବା ବେଳେ ଆଦି ଶଙ୍କରାଚାର୍ଯ୍ୟ କମ୍ ବୟସରେ ଦେଶ ପରିଭ୍ରମଣ କରିବା ସହ ଭାରତୀୟ ସଂସ୍କୃତି, ପରମ୍ପରା ଓ ବିଚାର ପଦ୍ଧତିର ପ୍ରଚାରପ୍ରସାର କରିଥିଲେ । ଭାରତର ଐତିହ୍ୟ ଓ ସଂସ୍କୃତିର ପ୍ରଚାରପ୍ରସାର



ପାଇଁ ଚାରି ଧାମ ଯଥା ପୁରୀ, ରାମେଶ୍ୱରମ, ବଦ୍ରୀନାଥ ଓ ଦ୍ୱାରକା ଆଦିରେ ମଠ ସ୍ଥାପନା କରିଥିଲେ। ଏହି ପରମ୍ପରା ଆଧାରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ସମଗ୍ର ସମାଜର ଆସ୍ଥା ଭଗବାନ କେଦାର ବାବାଙ୍କ ପାଖରେ ଆଜି ପୂଜାର୍ଚ୍ଚନା କରି ନିଜର ସମର୍ପଣ ଭାବ ଦେଖାଇଛନ୍ତି। ପ୍ରଧାନମନ୍ତ୍ରୀ ଦ୍ୱାରା ଲୋକାର୍ପିତ ହୋଇଥିବା ପବିତ୍ର କେଦାରନାଥ ଧାମରେ ଶଙ୍କରାଚାର୍ଯ୍ୟଙ୍କ ସମାଧି ଓ ପ୍ରତିମୂର୍ତ୍ତି ଶ୍ରଦ୍ଧାଳୁମାନଙ୍କୁ ଆଧାମିକ ଚେତନାର ଅନୁଭବ କରାଇବ। ଏହି କାର୍ଯ୍ୟକ୍ରମ ଭାରତ ବୈଶ୍ୱିକ ମହାଶକ୍ତିରେ ପରିଣତ ହେବା ଦିଗରେ ବଡ଼ ପ୍ରତିଫଳନ ବୋଲି ସେ କହିଛନ୍ତି । ସେହିପରି ପବିତ୍ର ଭାରତୀୟ ସନାତନ ଧର୍ମର ପ୍ରଚାରକ ଆଦି ଶଙ୍କରାଚାର୍ଯ୍ୟଙ୍କ ଏହି ଭବ୍ୟ ପୂର୍ଣ୍ଣାଙ୍ଗ ପ୍ରତିମା ଉନ୍ମୋଚନ କାର୍ଯ୍ୟକ୍ରମରେ ପୁରୀ ସମେତ ସାରା ଭାରତବର୍ଷରୁ ସନାତନୀ ଧର୍ମୀ ଏକାଠି ହେବା ଗୌରବର ଦିନ। ପୁରୀ ଗୋବର୍ଦ୍ଧନ ପୀଠ ସ୍ଥାନରେ ସମସ୍ତ ମାନଗଣ୍ୟ ବ୍ୟକ୍ତି ଓ ସାଧୁସନ୍ଥ ମଧ୍ୟ ଏକାଠୀ ହେଇଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଛନ୍ତି ଯେ ମଠର ମହନ୍ତ, ଧର୍ମାଚାର୍ଯ୍ୟ କେବଳ ପୂଜାର୍ଚ୍ଚନାର ଅଙ୍ଗ ନୁହଁନ୍ତି। ମୂଳତଃ ଆମ ସମାଜରେ ବୁଦ୍ଧି, ଜ୍ଞାନ, ଗଣିତ, ବିଜ୍ଞାନ ଓ ଚିକିତ୍ସାଶାସ୍ତ୍ରର ପ୍ରୟୋଗଶାଳା। ପୁରୀ ସ୍ଥିତ ଗୋବର୍ଦ୍ଧନ ପୀଠ ବୈଦିକ ଗଣିତର ଆଦ୍ୟ କେନ୍ଦ୍ର ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସାକ୍ଷାତ୍ ଦର୍ଶନ କରିବା ଅବସରରେ କହିଛନ୍ତି ଶ୍ରୀ ପ୍ରଧାନ ଯେ ଭାରତବର୍ଷରେ ଧୀରେ ଧୀରେ ସବୁ ତୀର୍ଥ କ୍ଷେତ୍ର ଗୁଡ଼ିକୁ ପ୍ରାଥମିକତା ଭିତିରେ ବିକାଶ କରିବା ପାଇଁ ଭାରତ ସରକାର ଦାୟିତ୍ୱ ନେଇଛନ୍ତି। ଚାରି ଧାମ ମଧ୍ୟରୁ ଅନ୍ୟତମ ଧାମ ପୁରୀ ଧାମ ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ପୁନରୁଦ୍ଧାର ପାଇଁ ଭାରତ ସରକାରଙ୍କ ପକ୍ଷରୁ ଆବଶ୍ୟକ ଥିବା ଅନୁମତି ପ୍ରଦାନ କରାଯାଇଛି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରଥମେ ପୁରୀ ସ୍ଥିତ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଠାରେ ଆୟୋଜିତ ଏହି ସ୍ୱତନ୍ତ୍ର ସମାରୋହରେ ଯୋଗଦେଇଥିଲେ। ପରେ କେନ୍ଦ୍ରମନ୍ତ୍ରୀ ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ଜଗତଗୁରୁ ପରମପୂଜ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜାଙ୍କୁ ସାକ୍ଷାତ୍ କରି ତାଙ୍କର ଆଶୀର୍ବାଦ ନେଇଥିଲେ। ଏହବ୍ୟତିତ ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ସହ ସମସ୍ତଙ୍କ ନିରାମୟ ଜୀବନଯାପନ କାମନା କରିଥିଲେ ।

## ଶ୍ରୀକ୍ରୀଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲ ପକ୍ଷରୁ ଦୀପାବଳି ଉତ୍ସବ



**ଭୁବନେଶ୍ୱର :** ଆଜିର ଏହି ବୈଷୟିକ ଓ ଆଧୁନିକତା ପରିବେଶ ରହି ମଧ ଭାରତର ସଂସ୍କୃତି ଓ ପରମ୍ପରାକୁ ଯଥାବିଧି ସମ୍ମାନ ଜଣାଇ ଗତ ଗୁରୁବାର ଦିନ ଶ୍ରୀକ୍ରୀଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲର ଅନ୍ତେବାସୀଙ୍କ ଦ୍ୱାରା ମହାଡ଼ମ୍ବର ଓ ଯଥାବିଧି ଅନୁସାରେ ପାଳନ କରାଯାଇଥିଲା ଆଲୋକର ପର୍ବ ଦୀପାବଳି । ପିଲାମାନଙ୍କ ମନରେ ଦୀପାବଳିର ମହତ୍ୱ ଓ ଆମ ସଂସ୍କୃତିର ଜ୍ଞାନ ଉଦ୍‌ଜୀବିତ କରିବା ଥିଲା ଏହି ଉତ୍ସବର ମହାନ ଉଦ୍ଦେଶ୍ୟ। ଘର ଛାଡି ହଷ୍ଟେଲରେ ରହୁଥିବା ପିଲାମାନଙ୍କ ପାଇଁ ଏହା ଥିଲା ମନୋହରର ଏକ ଜ୍ୱଳନ୍ତ ଉଦାହରଣ। ଏହି ଉତ୍ସବରେ ବିଦ୍ୟାଳୟକୁ ଲିଚୁ ଲାଇଟ ଓ ଦୀପରେ ସୁନ୍ଦର ଭାବେ ସଜାଯାଇଥିଲା ଏବଂ ପିଲାମାନଙ୍କ ଦ୍ୱାରା ମୁରୁଜ ଓ ଝୋଟିର କଳା ପ୍ରଦର୍ଶନ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ବିଦ୍ୟାଳୟର ଚେୟାରମ୍ୟାନ ପବିତ୍ର ରାଉତରାୟ ଓ ଅଧକ୍ଷ ଡ଼. ସ୍ୱରୂପା ନନ୍ଦ ମିଶ୍ର ଅନ୍ୟ କର୍ମକର୍ତ୍ତାଙ୍କ ସହ ଉପସ୍ଥିତ ରହି ଜଗତରନାଥ ଜଗନ୍ନାଥ ମହାପ୍ରଭୁଙ୍କ ସମୁଖରେ ପୂଜା ଅର୍ଚ୍ଚନା କରିଥିଲେ ଏବଂ କାଉଁରୀ କାଠି ପ୍ରଜ୍ୱଳନ କରି ବଡ ବଡୁଆଙ୍କ ଉଦ୍ଦେଶରେ ପିଣ୍ଡ ତର୍ପଣ କରିଥିଲେ। ଚେୟାରମ୍ୟାନ ପବିତ୍ର ରାଉତରାୟ ପିଲାମାନଙ୍କୁ ଦୀପାବଳିର ମହତ୍ୱ ବିଷୟରେ ସମ୍ୟକ ଜ୍ଞାନ ପ୍ରଦାନ କରିଥିଲେ ଏବଂ ଅଧକ୍ଷ ମହୋଦୟ ଏହି ସମୟ ଓ ପୂର୍ବ ପୁରୁଷଙ୍କ ବଂଶାନୁକ୍ରମିକ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଏହାପରେ ପିଲାମାନେ ସବୁଜ ବାଣ ଓ ଆକାଶ ଦୀପ ଉଡ଼ାଇବାର ମଜା ନେଇଥିଲେ। ଚେୟାରମ୍ୟାନ ଓ ଅଧକ୍ଷଙ୍କ ସାଙ୍ଗରେ ଦୀପାବଳି ପାଳିବାରେ ପିଲାମାନଙ୍କ ଆନନ୍ଦ ଦୁଇ ଗୁଣ ହୋଇପାରିଥିଲା। ଏହି ପରିପ୍ରେକ୍ଷୀରେ ସମସ୍ତଙ୍କ ପାଇଁ ଭୁରି ଭୋଜନର ଆୟୋଜନ କରାଯାଇଥିଲା ଏବଂ ସମସ୍ତେ ଏହାର ଆନନ୍ଦ ନେଇଥିଲେ। ଏହିପରି ଏକ ସମ୍ବାଦ ପାଇ ଅଭିଭାବକ ମାନେ ବିଦ୍ୟାଳୟକୁ ବହୁ ପ୍ରଶଂସା କରିବା ସହିତ ବିଦ୍ୟାଳୟକୁ ଏକ ଅନନ୍ୟ ବୋଲି କହିଥିଲେ।

## ଶପଥ ନେଲେ ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର

*କଟକ : ଓଡ଼ିଶା ହାଇକୋର୍ଟର ନୂଆ ବିଚାରପତି ଭାବେ ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଶପଥ ଗ୍ରହଣ କରିଛନ୍ତି। ହାଇକୋର୍ଟ ନୂଆ କନଫରେନ୍ସ ହଲ୍ରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ୍ ଏସ.ମୁରଲୀଧର ଜଷ୍ଟିସ୍ ମହାପାତ୍ରଙ୍କୁ ଶପଥପାଠ କରାଇଛନ୍ତି। ଗୃହ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୀବ ଚୋପ୍ରା ବିଚାରପତିଙ୍କ ନିଯୁକ୍ତି ସଂପର୍କିତ ଆଦେଶନାମା ପାଠ କରିଥିଲେ। ଏହି ଅବସରରେ ହାଇକୋର୍ଟର ସମସ୍ତ ବିଚାରପତିଙ୍କ ସହିତ ଉତ୍ତରାଖଣ୍ଡ ହାଇକୋର୍ଟର ବିଚାରପତି ଜଷ୍ଟିସ ସଂଜୟ କୁମାର ମିଶ୍ର, ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ବି.କେ.ନାୟକ, ଜଷ୍ଟିସ ଏସ.ସି.ପରିଜା, ଆଡଭୋକେଟ ଜେନେରାଲ ଅଶୋକ କୁମାର ପରିଜା, ପୁଲିସ ଡିଜି ଅଭୟ, ପୁଲିସ କମିସନର ସୌମେନ୍ଦ୍ର ପ୍ରିୟଦର୍ଶୀ, ସିଡିଏ ଅଧ୍ୟକ୍ଷ ଅନୀଲ ସାମଲ, ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀ ଓ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଜଷ୍ଟିସ ମହାପାତ୍ରଙ୍କ ଯୋଗଦାନ ପରେ ଓଡ଼ିଶା ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୧୮ରେ ପହଞ୍ଚିଛି।*




## ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ : ୨୯.୦୫.୧୯୨୭

ତିରୋଧାନ : ୧୯.୧୧.୨୦୨୦

### ୰ ଭିକାରୀ ଚରଣ ଦାସ

ଚାହୁଁ ଚାହୁଁ ବର୍ଷଟିଏ ବିତିଗଲା, ଆମକୁ ଛାଡି ଚାଲିଗଲ। କିନ୍ତୁ ପ୍ରତିଟି ମୂହୁର୍ତ୍ତରେ ତୁମର ଅନୁପସ୍ଥିତି ଯୋଗୁଁ ତୁମର ସ୍ନେହ, ଶ୍ରଦ୍ଧା ସବୁବେଳେ ଆମର ମନେପଡୁଛି। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ କାମନା କରୁଛୁ।

କୃଷ୍ଣଚନ୍ଦ୍ର ଦାସ (ପୁତ୍ର) ଏବଂ ଶୋକସନ୍ତପ୍ତ ପରିବାରବର୍ଗ

ରଘୁନାଥପୁର, ଜଗତସିଂହପୁର


### ଚର୍ଚ୍ଚାରେ ବ୍ଲକ ଶିକ୍ଷାଧିକାରୀଙ୍କ କଳା କାରନାମା

## ମାଲମାଲ ଅଭିଯୋଗ, କାର୍ଯ୍ୟାନୁଷ୍ଠାନ ଶୂନ

**ଭଦ୍ରକ :** ସରକାରୀ ଶିକ୍ଷାନୁଷ୍ଠାନରେ ଶିକ୍ଷାର ମାନବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ପ୍ରକାର ଯୋଜନା ପ୍ରସ୍ତୁତ କରୁଥିବା ବେଳେ ଉକ୍ତ ବିଭାଗର ଅଧିକାରୀମାନେ ସରକାରଙ୍କ ନିର୍ଦ୍ଦେଶକୁ ମାନୁନଥିବାରୁ ସରକାରଙ୍କ ଯୋଜନାର ସଫଳ ରୂପାୟନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଠାରେ । ଗୋଷ୍ଠୀ ଶିକ୍ଷାଧିକାରୀ ଅଭିଯୋଗ କଳାପରେ ଅଭିଯୋଗର ସତ୍ୟାସତ୍ୟକୁ ତଦନ୍ତ କରି ଅଭିଯୁକ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ପରୋକ୍ଷରେ ସେମାନଙ୍କ ଦୋଷ ଦୁର୍ବଳତାରେ ଘଣ୍ଟ ଘୋଡ଼ାଇବାର ହୀନ ଚକ୍ରାନ୍ତ କରୁଥିବାର ଅଭିଯୋଗ ହେଉଛି। ସୂଚନା ଅଧିକାର ଆଇନ ଅନୁସାରେ ହସ୍ତଗତ ହୋଇଥିବା ମାଳମାଳ ଅଭିଯୋଗକୁ କାର୍ଯ୍ୟାନୁଷ୍ଠାନ ପାଇଁ ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ଉକ୍ତ ଅଭିଯୋଗ ପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିବା ଜଣାପଡ଼ିଛି । ବ୍ଲକରେ କିଛି ଶିକ୍ଷକଙ୍କ ମୂଳ ଜାତି ଏସି ହୋଇଥିବା ବେଳେ ସେମାନେ ନିଜ ଜାତିକୁ ବିଭିନ୍ନ ଉପାୟରେ ଜାଲିଆତି କରି ଏସଟି କରିଥିବା ଜଣାପଡ଼ିବା ପରେ ଆରଡ଼ିସିଙ୍କ ତରଫରୁ ଏହାର ତଦନ୍ତ କରି ଜବାବ ପ୍ରଦାନ କରିବା ପାଇଁ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ହୋଇଥିବା ବେଳେ ଏହାର ତଦନ୍ତ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରିଛି। ସେହିପରି ବାସସ୍ଥାନରେ ଜାଲିଆତି କରି ଚାକିରୀ କରି ଆସୁଥିବା ଜନୈକ ଶିକ୍ଷକଙ୍କ ସମସ୍ତ ଜାଲିଆତିର ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ବେଳେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ





ନେବା ପରିବର୍ତ୍ତେ ତାଙ୍କୁ ପଦୋନ୍ନତି ଦେଇ ସେ ଚର୍ଚ୍ଚାରେ ଅଛନ୍ତି। ସେହିପରି ପୋଷାକ ଆବଣ୍ଟନକୁ ନେଇ ପରୋକ୍ଷରେ ତାଙ୍କ ସଂପୃକ୍ତି ତାଙ୍କ କାର୍ଯ୍ୟପନ୍ଥାକୁ ଚର୍ଚ୍ଚିତ କରିଛି। ଶିକ୍ଷାଧିକାରୀଙ୍କ ଅଧିନରେ ଶିକ୍ଷକତା କରୁଥିବା (୨୪ ଯୋଡ଼ା) ଉଭୟ ସ୍ୱାମୀ ଓ ସ୍ତ୍ରୀ ସରକାରଙ୍କ ନିୟମକୁ ଉଲଂଘନ କରି ବର୍ଷ ବର୍ଷ ଧରି ସରକାରୀ ଅର୍ଥ (ଘର ଭଡ଼ା ବାବଦରେ) ହରିଲୁଟ କରି ଆସୁଥିବା ସୂଚନା ହସ୍ତଗତ ହେବା ପରେ କାର୍ଯ୍ୟାନୁଷ୍ଠାନ ପାଇଁ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ ସେମାନଙ୍କ ଉପରେ କୌଣସି କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଇ ନଥିବା ଜଣାପଡ଼ିଛି । ଏହିପରି ଅନେକ ଅନିୟମିତତାର ତଥ୍ୟ ସୂଚନା ଅଧିକାର ଆଇନ ଅନୁସାରେ ହସ୍ତଗତ ହୋଇଥିଲେ ସୁଦ୍ଧା ଶିକ୍ଷାଧିକାରୀଙ୍କ ଅସହଯୋଗ ଯୋଗୁଁ ଏହାର ପର୍ଦ୍ଦାଫାସ ହୋଇପାରୁ ନଥିବାରୁ ସରକାର ଶିକ୍ଷା ବିଭାଗରେ ସ୍ୱଚ୍ଛତା ଆଣିବା ପାଇଁ ଯେଉଁ ପ୍ରୟାସ ଜାରି ରଖିଛନ୍ତି ତାହାର ସଫଳତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଭିଯୋଗ ଅନୁଯାୟୀ ଅଭିଯୁକ୍ତଙ୍କ ଉପରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଶିକ୍ଷାବିତ୍‌ଙ୍କ ସମେତ ବୁଦ୍ଧିଜୀବୀମାନେ ଶିକ୍ଷାଧିକାରୀଙ୍କ ଠାରେ ଦାବି କରିଛନ୍ତି।

## ଦ୍ରାବିଡ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ

**ନୂଆଦିଲ୍ଲୀ:** ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ରାହୁଲ ଦ୍ରାବିଡ଼ ଭାରତୀୟ କ୍ରିକେଟ ଦଳର ମୁଖ୍ୟ ପ୍ରଶିକ୍ଷକ ନିଯୁକ୍ତ ହୋଇଛନ୍ତି। ନେଇ ବିସିସିଆଇ ପକ୍ଷରୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ରବି ଶାସ୍ତ୍ରୀଙ୍କ ସ୍ଥାନ ନେବେ ଦ୍ରାବିଡ଼। ୟୁଏଇରେ ଚାଲିଥିବା ଟ୍ୱେଣ୍ଟି୨୦ ବିଶ୍ୱକପ ପରେ ରବି ଶାସ୍ତ୍ରୀଙ୍କ କାର୍ଯ୍ୟକାଳ ଶେଷହେବ। ଏହାପରେ ଦ୍ରାବିଡ଼ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ତୁଲାଇବେ। ସୁଲକ୍ଷଣ ନାଏକ ଓ ଆର.ପି ସିଂହଙ୍କୁ ନେଇ ଗଠିତ ବିସିସିଆଇ କ୍ରିକେଟ ଉପଦେଷ୍ଟା କମିଟି ଦ୍ରାବିଡ଼ଙ୍କୁ ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତି ଦେଇଛି। ଦ୍ରାବିଡ଼ ଆଗାମୀ ନ୍ୟୁଜିଲାଣ୍ଡ ବିପକ୍ଷ ଘରୋଇ ସିରିଜ୍ରୁ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ତୁଲାଇବେ। ବିସିସିଆଇ ପକ୍ଷରୁ ମୁଖ୍ୟ ପ୍ରଶିକ୍ଷକ ସହ ଦଳର ନିର୍ଦ୍ଦେଶକ ଦାୟିତ୍ୱକୁ ସଫଳତାର ସହିତ ତୁଲାଇଥିବାରୁ ରବି ଶାସ୍ତ୍ରୀ, ବ୍ୟାଟିଂ ପ୍ରଶିକ୍ଷକ ବିକ୍ରମ ରାଠୋର, ଫିଲ୍ଡିଂ ପ୍ରଶିକ୍ଷକ ଆର. ଶୀଧର ଓ ବୋଲିଂ ପ୍ରଶିକ୍ଷକ ଭାରତ ଅରୁଣଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଶାସ୍ତ୍ରୀଙ୍କ



ପ୍ରଶିକ୍ଷଣରେ ଭାରତ ଆଇସିସି ଟେଷ୍ଟ ଚମ୍ପିଆନସିପ୍ରେ ଫାଇନାଲରେ ପହଞ୍ଚିବାରେ ସଫଳ ହୋଇଥିଲା। 'ଦ ୱାଲ୍' ଭାବେ ପରିଚିତ ଥିବା ଦ୍ରାବିଡ଼ଙ୍କ ବ୍ୟାଟିଂ ଟେକ୍ନିକ୍ ପାଇଁ ବିଶ୍ୱ କ୍ରିକେଟରେ ସ୍ୱତନ୍ତ୍ର ସ୍ଥାନ ଦେଇଥିଲା। ଦ୍ରାବିଡ଼ ମୁଖ୍ୟ ପ୍ରଶିକ୍ଷକ ନିଯୁକ୍ତି ହେବା ପରେ ଭାରତୀୟ ଦଳ ଅଧିକ ସଫଳତା ହାସଲ କରିବା ନେଇ ଆଶା କରାଯାଉଛି। ଖୁବ୍ ଶୀଘ୍ର ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂ ପ୍ରଶିକ୍ଷକଙ୍କ ନାମ ଘୋଷଣା କରାଯିବ।




PLO T FOR SALE

MOUZA:BHOLA

N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha

Contact : 8658607286


## ୨୪ରୁ କନିଷ୍ଠ ପୁରୁଷ ହକି ବିଶ୍ୱକପ୍

**ଭୁବନେଶ୍ୱର :** ଚଳିତମାସ ୨୪ତାରିଖରୁ ଡିସେମ୍ବର ୫ତାରିଖ ପର୍ଯ୍ୟନ୍ତ ରାଜଧାନୀର କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ କନିଷ୍ଠ ପୁରୁଷ ହକି ବିଶ୍ୱକପ୍ ୨୦୨୧। ୧୨ଦିନ ଧରି ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୪୮ଟି ମ୍ୟାଚ୍ ଖେଳାଯିବ। ମାତ୍ର କରୋନା ପାଇଁ ଏଥର ଦର୍ଶକଙ୍କୁ ଷ୍ଟାଡିୟମରେ ମ୍ୟାଚ୍ ଦେଖିବାକୁ ଅନୁମତି ଦିଆଯାଇନାହିଁ। ତେଣୁ ବିଏମ୍‌ସି ଅଞ୍ଚଳର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ସ୍କ୍ରିନ୍ ଜରିଆରେ ଦର୍ଶକ ଲାଇଭ୍ ମ୍ୟାଚ୍ ଦେଖିବାର ସୁଯୋଗ ପାଇବେ। ହକି ବିଶ୍ୱକପ୍ ସମ୍ବନ୍ଧରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଲୋକସେବା ଭବନରୁ ଡିଜିଟାଲ ମୋଡରେ ଏଥିପାଇଁ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ବିଭାଗର ସଚିବ ଭିନିଲ କ୍ରୀଷ୍ଣା ବିଶ୍ୱକପ୍ ସମ୍ବନ୍ଧୀୟ ପ୍ରସ୍ତୁତି ସମ୍ବନ୍ଧୀୟ ସୂଚନା ରଖିଥିଲେ। ଟୁର୍ଣ୍ଣାମେଣ୍ଟ ସହିତ ଜଡ଼ିତ ଥିବା



ପୂର୍ତ୍ତ, ଇଡକୋ, ପୁଲିସ, ଅଗ୍ନିଶମ, ସ୍ୱାସ୍ଥ୍ୟ, ହସ୍ତତନ୍ତ ଓ ବୟନଶିଳ୍ପ, ପର୍ଯ୍ୟଟନ, ଗୃହ ଓ ନଗର ଉନ୍ନୟନ, ବିଏସ୍‌ଏନଏଲ ଓ ଶକ୍ତି ବିଭାଗକୁ ତୁରନ୍ତ ସମସ୍ତ କାର୍ଯ୍ୟ ଶେଷ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ବିଦେଶୀ ଟିମ୍ମାନଙ୍କର ଗସ୍ତ, କ୍ୟାଟେରିଂ, ସୁରକ୍ଷା, ଅଭ୍ୟାସ ଗ୍ରାଉଣ୍ଡ, ମୁଖ୍ୟ ହକି ଗ୍ରାଉଣ୍ଡ, ଟ୍ରାଫିକ୍, ଅଗ୍ନିସେବା, ବୈ?ଦ୍ୟୁତିକ ସୁରକ୍ଷା ବ୍ୟବସ୍ଥା, ବର୍ଜ୍ୟ ପରିଚାଳନା, ନିୟମିତ କୋଭିଡ ପରୀକ୍ଷା, ମେଡିକାଲ ପାଇଁ ଆବଶ୍ୟକ ସୁବିଧା, ଇଣ୍ଟରନେଟ ପ୍ରଭୃତି ବିଷୟରେ ଆଲୋଚନା ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୧୬ଟି ଦଳ ଅଂଶଗ୍ରହଣ କରୁଛନ୍ତି। ପୁଲ-ଏ ରେ ବେଲଜିୟମ, ମାଲେସିଆ, ଦକ୍ଷିଣ ଆଫ୍ରିକା ଓ ଚିଲି ଥିବା ବେଳେ ପୁଲ୍-ବି ରେ ଭାରତ, କାନାଡ଼ା, ଫ୍ରାନ୍ସ, ପୋଲାଣ୍ଡ, ପୁଲ-ସି ରେ ନେଦରଲାଣ୍ଡ, ସ୍ପେନ୍, କୋରିଆ ଓ ଯୁକ୍ତରାଷ୍ଟ୍ର ଆମେରିକା, ପୁଲ-ଡିରେ ଜର୍ମାନି, ଆର୍ଜେଣ୍ଟିନା, ପାକିସ୍ତାନ ଓ ଇଜିପ୍ଟ ସ୍ଥାନ ପାଇଛି। ଖେଳାଳି ଓ ଅନ୍ୟ ଅଧିକାରୀଙ୍କୁ ମିଶାଇ ସମୁଦାୟ ୬ଶହ ବ୍ୟକ୍ତିବିଶେଷ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ବୈଠକରେ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ କୁମାର ଶର୍ମା, ପୂର୍ତ୍ତ ବିଭାଗର ସଚିବ କ୍ରିଷନ କୁମାର, ହସ୍ତତନ୍ତ ବିଭାଗର ସଚିବ ଶୁଭା ଶର୍ମା, ବିଏମ୍‌ସିର କମିସନର ସଂଜୟ ସିଂ, ପୁଲିସ କମିସନର ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ଅନ୍ୟ ବରିଷ୍ଠ ଅଧିକାରୀ ବୈଠକରେ ସାମିଲ ହୋଇଥିଲେ।




PLOT FOR SALE

MOUZA : JUJHAGADA

(Back side of Nandankanan Zoo)

BHUBANESWAR

Contact : 865807286 / 8917571455

MOUZA : BEGUNIA BOREHI

(NEAR CV RAMAN COLLEGE)

TAMANDO - YELLOW ZONE

BHUBANESWAR

30ft Approch Road

Contact : 8658607286 / 8917571455



Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** — Managing Editor : **Laxmipriya Dash** — Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର — ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ — ସମ୍ପାଦକ : ତାରକ ମହାନ୍ତି